# ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ

# ପତ୍ରିକା

ଦ୍ୱିତୀୟ ବର୍ଷ, ପ୍ରଥମ ସଂଖ୍ୟା, ୧ ଜୁଲାଇ ୨୦୨୩

https://epatrika.cspursahityasansad.com/



Publisher :
**Newtra Creations**
Bhubaneswar

ମୁଖ୍ୟ ସଂପାଦକ: ବସନ୍ତ ମାଝି || ସଂପାଦକ: ସରୋଜ କୁମାର ଶତପଥୀ

Contact : 7/13, Type 'B' (Revised), Unit-9, Bhubaneswar - 751022

Mob : 9438621925 / 9937128547

Website: www.newtracreations.com / www.cspursahityasansad.com    Email : cspursahityasansad@gmail.com

# ଚନ୍ଦ୍ରଶେଖରପୁର୍ ସାହିତ୍ୟ ସଂସଦ

# ଇପତ୍ରିକା

ଦ୍ୱିତୀୟ ବର୍ଷ, ପ୍ରଥମ ସଂଖ୍ୟା, ୧ ଜୁଲାଇ ୨୦୨୩
Vol . - II, Issue - I, 1st July 2023

**ଉପଦେଷ୍ଟା :**
ପ୍ରଫେସର୍ ଅଭୟ କୁମାର ବେହେରା
ପ୍ରଫେସର ଅଶୋକ କୁମାର ମହାନ୍ତି
ଜ୍ୟୋତି ପ୍ରକାଶ ଗଡ଼ତ୍ୟା
ଡକ୍ଟର୍ ସଂଘମିତ୍ରା ଭଞ୍ଜ

**ମୁଖ୍ୟ ସମ୍ପାଦକ :**
ବସନ୍ତ ମାଝି

**ସମ୍ପାଦକ :**
ସରୋଜ କୁମାର ଶତପଥୀ

**ସମ୍ପାଦନା ମଣ୍ଡଳୀ :**
ପ୍ରଫେସର୍ ବୀଣାପାଣି ତ୍ରିପାଠୀ
ଯଶୋବନ୍ତ ସେଠୀ
ବିଦ୍ୟାଧର ଗୁରୁ
କ୍ଷଣପ୍ରଭା ମହାନ୍ତି

**ଅଳଙ୍କରଣ ଓ ପ୍ରଚ୍ଛଦ :**
ସରୋଜ କୁମାର ଶତପଥୀ

**ପ୍ରକାଶକ :**
ନ୍ୟୁଟ୍ରା କ୍ରିଏସନ୍ସ,
ପ୍ଲଟ୍ ନଂ -୫, ଜୟଦେବ ନଗର,
ଲୁଇସ୍ ରୋଡ୍, ଭୁବନେଶ୍ୱର-୦୨
ମୋ - ୯୯୩୭୧୨୮୫୪୭
e-mail : newtracreations@gmail .com
website : www.newtracreations.com

**ସମ୍ପର୍କ :**
ସମ୍ପାଦକ: ଇ-ପତ୍ରିକା,
୭/୧୩-ଟାଇପ୍ 'ବି'(ରିଭାଇଜ୍ଡ)
ୟୁନିଟ୍ -୯, ଭୁବନେଶ୍ୱର-୨୨
ଫୋନ -୯୪୩୮୬୨୧୯୨୫/୯୯୩୭୧୨୮୫୪୭
e-mail : epatrika@cspursahityasansad.com
website : www.cspursahityasansad.com

**Patron:**
Prof. Avaya Kumar Behera
Prof. Ashok Kumar Mohanty
Jyoti Prakash Gadtya
Dr. Sanghamitra Bhanja

**Chief Editor :**
Basanta Majhi

**Editor :**
Saroj Kumar Satpathy

**Editorial Board :**
Prof. Binapani Tripathy
Jashobanta Sethi
Bidyadhar Guru
Kshyanaprabha Mohanty

**Illustration & Cover design :**
Saroj Kumar Satpathy

**Publisher :**
Newtra Creations
Plot no-5, Jayadev Nagar
Bhubaneswar - 751002
Mob : 9937128547
e-mail : newtracreations@gmail.com
website : www.newtracreations.com

**Contact :**
Editor - ePatrika,
7/13- Type 'B' (Revised), Unit-9,
Bhubaneswar - 751022
Mob : 9438621925 / 9937128547
Email : epatrika@cspursahityasansad.com
website : www.cspursahityasansad.com

**ସମ୍ପାଦକୀୟ...**



# ରୂପାନ୍ତର ମାର୍ଗରେ ସାହିତ୍ୟ

ଏକବିଂଶ ଶତାବ୍ଦୀରେ ସାହିତ୍ୟର ରୂପରେଖ ଏବଂ ଭୂମିକା ବିଷୟରେ ଚର୍ଚ୍ଚା ହେବା ସ୍ୱାଭାବିକ ତଥା ଆନନ୍ଦଦାୟକ । ମାନବ ସମାଜକୁ ସତ୍ୟ,ଶିବ ଓ ସୁନ୍ଦରର ଲୀଳାକ୍ଷେତ୍ରରେ ପରିଣତ କରିବା ପାଇଁ ଲେଖକମାନେ ଯୁଗ ଯୁଗ ଧରି ଅନବରତ ପ୍ରଚେଷ୍ଟା କରିଆସୁଛନ୍ତି । ଏହି ପ୍ରଚେଷ୍ଟାର ପୂର୍ଣ୍ଣଚ୍ଛେଦ ଆଜିଯାଏ ଆସିପାରି ନାହିଁ କିମ୍ବା ଆସି ପାରିବ ନାହିଁ । ସାହିତ୍ୟ ତ' ମଣିଷକୁ ବିବେକୀ କରାଇ ଆସିଛି ଏବଂ ଆସୁଥିବ । ଏହା ମଧ ମଣିଷକୁ କରାଇ ଆସିଛି ଆଶାବାଦୀ ଏବଂ ସ୍ୱପ୍ନ ପ୍ରବଣ । ବିଭିନ୍ନ ଚିନ୍ତାଧାରା ଏବଂ ବିଭିନ୍ନ ଚିନ୍ତାର ରଙ୍ଗ ଆଭାରେ ଏହା ଆଦରଣୀୟ ହୋଇ ଆସିଛି ।

ସାହିତ୍ୟର ପରିସର କ'ଣ ନିର୍ଣ୍ଣୟ ହୋଇପାରିଛି ନା ଏକବିଂଶ ଶତକରେ ଏହା ନିର୍ଣ୍ଣିତ ହୋଇପାରିବ ? ସାହିତ୍ୟ ତ' ଅସୀମ, ଅକଳ୍ପନୀୟ ସୀମାହୀନ ଏବଂ ଶେଷହୀନ । ଚେତନାର ବିଭିନ୍ନ ଦିଗନ୍ତ ଦ୍ୱାରା ଏହା ସମୁଜ୍ଜ୍ୱଳ । ଏକବିଂଶ ଶତକର ରାଜନୈତିକ, ସାମାଜିକ, ବୈଜ୍ଞାନିକ ଚିନ୍ତାଧାରା ଏଥିରେ ପ୍ରତିଫଳିତ ହୋଇ ଆଗାମୀ ଶତକ ପାଇଁ ଏହା ପଥମୁକ୍ତ କରିବ । ଯୁଗର ପ୍ରଭାବ ହିଁ ସାହିତ୍ୟର ଭାସ୍ୱର । ଯୁଗଧର୍ମକୁ ଗ୍ରହଣ କରି ଆଗେଇ ଚାଲିବା ହିଁ ସାହିତ୍ୟର ମୌଳିକତା । ସବୁ ସମୟରେ ସମାଜ ଚେତନାରେ ଦୁଇଟି ଧାରା ପରିଲକ୍ଷିତ ହୋଇଥାଏ - (କ) ପାରମ୍ପରିକ (ଖ) ନୂତନ । ପାରମ୍ପାରିକତା ନୂତନକୁ ବିରୋଧ କରେ ଏବଂ ନୂତନତା ପାରମ୍ପାରିକତାକୁ ବିରୋଧ କରେ । କିନ୍ତୁ, ଦୁହେଁ ଦୁହିଁଙ୍କ ଠାରୁ ମୁକ୍ତ ହୋଇପାରନ୍ତି ନାହିଁ । ଏହି ଦ୍ୱାନ୍ଦ୍ୱିକ ସ୍ଥିତିରୁ ହିଁ ଜନ୍ମ ନେଇଥାଏ ବିଶ୍ୱକଲ୍ୟାଣର ସୂତ୍ର । ଯେହେତୁ ସାହିତ୍ୟ ହେଉଛି Collective Emotion ର ଫଳଶ୍ରୁତି; ତେଣୁ ଏହା ସଂକୀର୍ଣ୍ଣତାକୁ ଦୂରକରି ଔଦାର୍ଯ୍ୟକୁ ଆଦରି ନେଇଥାଏ । ବିକଶିତ ହେବା ମଣିଷ ଓ ସମାଜର ଧର୍ମ । ଏହି ଚିରନ୍ତନ ସ୍ରୋତର ଅଂଶ ବିଶେଷ ହେଉଛି ସାହିତ୍ୟ । ବିଜ୍ଞାନ ଯେପରି ଦୁନ୍ଦୁଭି ବାଦନ କରି ସମସ୍ତଙ୍କର ମଙ୍ଗଳ କାମନା କରୁଛି ସେହିପରି ସାହିତ୍ୟ ମଧ କହୁଛି - "ସର୍ବେ ଭବନ୍ତୁ ସୁଖୀନଃ..." ।

ବିଖ୍ୟାତ କବି କୀଟ୍‌ସ୍‌ଙ୍କ ପଙ୍‌କ୍ତିରେ ଉପସଂହାର ରେ କୁହାଯାଇ ପାରିବ -

**"Beauty is truth, truth beauty,—that is all**

**Ye know on earth, and all ye need to know ."**

■■■

ସରୋଜ କୁମାର ଶତପଥୀ
ସମ୍ପାଦକ

ଇ-ପତ୍ରିକା
ଦ୍ୱିତୀୟ ବର୍ଷ, ପ୍ରଥମ ସଂଖ୍ୟା, ୧ ଜୁଲାଇ ୨୦୨୩

# ମୁଖ ଶାଳା


| କ୍ର.ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୧. | ସମ୍ପାଦକୀୟ : ରୂପାନ୍ତର ମାର୍ଗରେ ସାହିତ୍ୟ | ସରୋଜ କୁମାର ଶତପଥୀ | ୦୩ |
| | **ବ୍ୟାକରଣ ବିଭାଗ** | | |
| ୨. | ଅବ୍ୟୟ | ଡ. ଦେବାଶିଷ ମହାପାତ୍ର | ୦୭ |
| | **ଗଦ୍ୟ ବିଭାଗ** | | |
| ୦୩ | ଚଉତିଶା ଗଣ୍ଠି (ଆଲୋଚନା) | କବି ପ୍ରଭାକର | ୧୨ |
| ୦୪. | ଜହ୍ନ ପରୀର ପରିଚୟ | ପ୍ର. ମଣୀନ୍ଦ୍ର କୁମାର ମେହେର | ୧୬ |
| ୦୫. | ନୋଟିସ୍ | ବସନ୍ତ ମାଝି | ୧୯ |
| ୦୬. | ସୁଖ ବୋଲି ଯାହା ଜନନେତ୍ରେ ଦିଶେ | ଛନ୍ଦା ମିଶ୍ର | ୨୦ |
| ୦୭. | ସଚ୍ଚୋଟ ପକେଟ୍‌ମାର୍ | ଡା. ଘନଶ୍ୟାମ ଜୈନ | ୨୨ |
| ୦୮. | ଏ ପୁଅ ସେ ପୁଅ ନୁହେଁ | ବିରଞ୍ଚି ମିଶ୍ର | ୨୪ |
| ୦୯. | ଦରଦୀ କରବୀ | ମନୋରମା ମିଶ୍ର | ୨୫ |
| ୧୦. | ବାବାଙ୍କ ସାଇକେଲ୍ | ବିନୋଦିନୀ ଗଉଡ଼ | ୨୬ |
| ୧୧. | ତିନୋଟି ଅଣୁଗଳ୍ପ | ପ୍ରମୋଦ କୁମାର ମହାପାତ୍ର | ୨୮ |
| ୧୨ | ବୁଢ଼ା ପୁଅ | କଳ୍ପନା ପ୍ରିୟଦର୍ଶିନୀ ନାୟକ | ୩୦ |
| ୧୩. | ନୂତନ ଉଦୟ | ଅଞ୍ଜଳି ଆଚାର୍ଯ୍ୟ | ୩୪ |
| ୧୪. | ଅଖି ମୁଠି | ମନୋଜ କୁମାର ମହାପାତ୍ର | ୩୫ |
| ୧୫. | ଜୀବନର ଧାରା | ଡ. ପ୍ରବୀଣା ପରିଡ଼ା | ୩୯ |
| ୧୬. | ପ୍ଲାଷ୍ଟିକ୍ ଚୌକି | ଶ୍ରୀ କୁଞ୍ଜବିହାରୀ ସାହୁ | ୪୧ |
| ୧୭. | କମ୍ବଳ ବାବା (ଧାରାବହିକ ଯୋଗୀ-୩) | ମୀନୁ ହୋତା | ୪୩ |
| | **ପଦ୍ୟ ବିଭାଗ** | | |
| ୧୮. | ଆଶା | ନୀଳମାଧବ କର | ୪୭ |
| ୧୯. | ଆଲେକ୍‌ଜାଣ୍ଡାର୍‌ଙ୍କ ତିନୋଟି ଇଚ୍ଛାପତ୍ର | ଇଂ. ଶଶିଭୂଷଣ ରଥ | ୪୮ |
| ୨୦. | ସତରେ କାଳିଆ ଏମିତି ହୁଅନ୍ତା | ବିଦ୍ୟାଧର ଗୁରୁ | ୪୯ |
| ୨୧. | ସ୍ୱରବର୍ଣ୍ଣରେ ଜଗନ୍ନାଥ | ରାମଚନ୍ଦ୍ର ପ୍ରଧାନ | ୫୦ |
| ୨୨. | ଚକ୍ରଧର-୨ | ଶିବପ୍ରିୟା ମିଶ୍ର | ୫୧ |
| ୨୩. | ସମ୍ପୂର୍ଣ୍ଣ ପୃଥିବୀ | ସରୋଜ କୁମାର ଶତପଥୀ | ୫୨ |
| ୨୪. | ସହର୍ (କୋଶ୍‌ଲୀ) | ନରସିଂହ ସାହୁ | ୫୩ |
| ୨୫. | ମଶାଣିର ଫୁଲ | ଜ୍ୟୋତିପ୍ରକାଶ ଗଡ଼ତ୍ୟା | ୫୪ |
| ୨୬. | ଜୀବନ୍ (କୋଶ୍‌ଲୀ) | ଯୋଗେଶ ଚନ୍ଦ୍ର ମିଶ୍ର | ୫୫ |
| ୨୭. | ବୟସର ବେଦୀରେ | ଧ୍ରୁବଚରଣ ଘିବେଲା | ୫୬ |
| ୨୮. | ମୁଁ ନଥିବାର ବେଳେ | ପ୍ର. ବୀଣାପାଣି ତ୍ରିପାଠୀ | ୫୭ |
| ୨୯. | ଉପନ୍ୟାସରୁ ପୃଷ୍ଠାଏ | ଯଶୋବନ୍ତ ସେଠୀ | ୫୮ |
| ୩୦. | ୟୁଜ୍ ଆଣ୍ଡ୍ ଥ୍ରୋ | ଅଧ୍ୟାପକ ଅଜୟ ପଟ୍ଟନାୟକ | ୫୯ |

ଇ-ପତ୍ରିକା
ଦ୍ୱିତୀୟ ବର୍ଷ, ପ୍ରଥମ ସଂଖ୍ୟା, ୧ ଜୁଲାଇ ୨୦୨୩

# ମୁଖ ଶାଳା


| କ୍ର.ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୩୧. | ନିବେଦନ | ବିଷ୍ଣୁପ୍ରିୟା ମହାପାତ୍ର | ୬୦ |
| ୩୨. | ଆ' ମିତ ବସିବା | ନିହାରୀକା ରାୟବରାଳ | ୬୧ |
| ୩୩. | ଶ୍ରୀକ୍ଷେତ୍ର ମଣି | ଶୁଭଶ୍ରୀ ସିଂ | ୬୨ |
| ୩୪. | ବଂଶୀ ସମ୍ମୋହନ | ସରୋଜଲକ୍ଷ୍ମୀ ମହାନ୍ତି | ୬୩ |
| ୩୫. | ପ୍ରତାରଣା | ଯଜ୍ଞଦତ୍ତ ସାମନ୍ତରାୟ | ୬୪ |
| ୩୬. | ଏଠି ଗୋଟିଏ ଗଛ ଥିଲା | ଡ. ନଳିନୀ ବେହେରା | ୬୫ |
| ୩୭. | ହୃଦୟ | ଅନ୍ନଦା ମିଶ୍ର | ୬୬ |
| ୩୮. | ପ୍ରେମ ପରାଗ | ପ୍ରବାସିନୀ ମିଶ୍ର | ୬୭ |
| ୩୯. | ଚାଲ ଆଜିର କୋଣାର୍କ ଗଢ଼ିବା | ବୀରେଶ୍ୱର ମହାନ୍ତି | ୬୮ |
| ୪୦. | ମେଘ ପାଲିଙ୍କି | ସ୍ୱର୍ଣ୍ଣଲତା ମହାପାତ୍ର | ୬୯ |
| ୪୧. | ସମ୍ପର୍କ | ନୀଳମଣି ଚାନ୍ଦ | ୭୦ |
| ୪୨. | ଆମ ଘର | ବାସନ୍ତି ବାରିକ୍ | ୭୧ |
| ୪୩. | ପ୍ରଳୟର ପ୍ରତିଧ୍ୱନି | ମାନଗୋବିନ୍ଦ ବାରିକ୍ | ୭୨ |
| ୪୪. | ସାଗର ତୀରେ | ଡ. ପ୍ରିୟମ୍ବଦା ସାମଲ | ୭୩ |
| ୪୫. | ଚିଠିଟିଏ ପୁଅକୁ | ଗୀତା ପଟ୍ଟନାୟକ | ୭୪ |
| ୪୬. | କାଳରାତ୍ରୀ | କବିତା ନାୟକ | ୭୫ |
| ୪୭. | ସମୟ | କଳ୍ପନା ପ୍ରିୟଦର୍ଶିନୀ ନାୟକ | ୭୬ |
| ୪୮. | ତରୁ ତରୁ ତରୁବନେ | ଜାହ୍ନବୀ ଚୌଧୁରୀ | ୭୭ |
| ୪୯. | ଧୂଆଁଳିଆ | ମଧୁସ୍ମିତା ମହାପାତ୍ର | ୭୮ |
| ୫୦. | ସଭାବ | ନୁକୁଞ୍ଜ କୁମାର ଘୋଷ | ୭୯ |
| ୫୧. | ଯାଜ୍ଞସେନୀ | କମଳିନୀ ଦେବୀ | ୮୦ |
| ୫୨. | ଦେହିପଦ ପଲ୍ଲଭ ମୁଦାରଂ | ଶ୍ରୀମତୀ ଗୋପା ଦାସ | ୮୧ |
| ୫୩. | ମୁଁ ଯଦି ତମ ସ୍ତ୍ରୀ ହୋଇଥାଆନ୍ତି | ମଣିରାଜ ମହାରଣା | ୮୨ |
| ୫୪. | ଗାଳିର ଆଦର | ଶମ୍ଭୁନାଥ ରାଉଳ | ୮୩ |
| ୫୫. | ସୃଷ୍ଟି | ଡ. ମନୋରଞ୍ଜନ ବିଶୋୟୀ | ୮୪ |
| ୫୬. | ଲେଖିଛି ଚିଠି | ସ୍ନିଗ୍ଧା ଜି. ମହାପାତ୍ର | ୮୫ |
| ୫୭. | ମୁଁ ଶ୍ରୀକ୍ଷେତ୍ର ଯିବି | ପୁଷ୍ପଲତା ମିଶ୍ର | ୮୬ |
| ୫୮. | ତୁମେ ମୋ ପ୍ରିୟା | ଗଗନ ବିହାରୀ ନାୟକ | ୮୭ |
| ୫୯. | ଆଷାଢ଼ର ପୂଣ୍ୟ | ଅନସୂୟା ବାରିକ | ୮୮ |
| ୬୦. | ଅସାଧ ସାଧନା | ନିରଞ୍ଜନ ସାହୁ | ୮୯ |
| ୬୧. | ଇ - ପତ୍ରିକା ର ଜୁନ୍ ସଂଖ୍ୟା ଉନ୍ମୋଚନର କିଛି ସ୍ମୃତି | | ୯୦ |

# ବ୍ୟାକରଣ ବିଭାଗ





# ଅବ୍ୟୟ

ଡ. ଦେବାଶିଷ ମହାପାତ୍ର

ଯେଉଁ ପଦର କୌଣସି ବ୍ୟୟ ନାହିଁ, ତାହା ଅବ୍ୟୟ । ଅନ୍ୟ ଅର୍ଥରେ ଆମେ କହିପାରିବା, ଯେଉଁ ପଦରେ କୌଣସି ପ୍ରକାରର ହ୍ରାସ କି ବୃଦ୍ଧି ହୁଏ ନାହିଁ, ଯେଉଁ ପଦର କୌଣସି ପ୍ରତ୍ୟୟ ଯୋଗ ହୁଏ ନାହିଁ, ଅଥବା ଯେଉଁ ପଦରୁ କୌଣସି ଭାଗକୁ ଅଲଗା କରିହୁଏ ନାହିଁ ତାହା ଅବ୍ୟୟ । କାଳ, ବିଭକ୍ତି, ବଚନ ଓ ପୁରୁଷ ଆଦି ପ୍ରଭାବରେ ଅବ୍ୟୟର କିଛି ବି ପରିବର୍ତ୍ତନ ହୋଇନଥାଏ । ଏହି ଅବ୍ୟୟ ଯଦିଓ ସଂଯୋଜକ ଅବ୍ୟୟ ଓ ବିଯୋଜକ ଅବ୍ୟୟ କ୍ରମରେ ଦୁଇଭାଗରେ ବିଭକ୍ତ, ତଥାପି ଆହୁରି ଅନେକ ପ୍ରକାରର ଅବ୍ୟୟ ବ୍ୟାକରଣରେ ବ୍ୟବହାର ହୋଇଥାଏ। ଯେମିତିକି- ଦୁଃଖ ସୂଚକ ଅବ୍ୟୟ, ସମ୍ବୋଧନ ସୂଚକ ଅବ୍ୟୟ, ଘୃଣାସୂଚକ ଅବ୍ୟୟ, ପ୍ରଶ୍ନସୂଚକ ଅବ୍ୟୟ, ସମ୍ଭାବନା ସୂଚକ ଅବ୍ୟୟ, ପ୍ରଶଂସାସୂଚକ ଅବ୍ୟୟ, କାରଣ ସୂଚକ ଅବ୍ୟୟ, ସମ୍ମତି ସୂଚକ ଅବ୍ୟୟ, ପରିମାଣସୂଚକ ଅବ୍ୟୟ, ସମୟ ସୂଚକ ଅବ୍ୟୟ, ସମଷ୍ଟିସୂଚକ ଅବ୍ୟୟ, ବିକଳ୍ପାର୍ଥକ ଅବ୍ୟୟ, ବୀପ୍ସାର୍ଥକଅବ୍ୟୟ, ନିଶ୍ଚୟାର୍ଥକ ଅବ୍ୟୟ ଇତ୍ୟାଦି । ରୂପାନ୍ତର ପାଉ ନଥିବା ଶବ୍ଦ ହିଁ ଅବ୍ୟୟ ।

| **ଅବ୍ୟୟ** | **ଉଦାହରଣ** |
|---|---|
| ଦୁଃଖସୂଚକ ଅବ୍ୟୟ | ଓଃ, ଆଃ, ଆହା, ଓହୋ |
| ସମ୍ବୋଧନସୂଚକ ଅବ୍ୟୟ | ହେ, ଆଲୋ, ରେ, ଆଗୋ |
| ଘୃଣାସୂଚକ ଅବ୍ୟୟ | ଧିକ୍, ଛିଃ |
| ପ୍ରଶ୍ନସୂଚକ ଅବ୍ୟୟ | କି, କିଏ, କ'ଣ, କେମିତି, କାହିଁକି |
| ସମ୍ଭାବନାସୂଚକ ଅବ୍ୟୟ | ଯଦି, ଯେବେ, ତେବେ, କାଳେ |
| ପ୍ରଶଂସାସୂଚକ ଅବ୍ୟୟ | ସାବାସ୍, ବାଃ, ବେଶ୍ |
| କାରଣସୂଚକ ଅବ୍ୟୟ | ତେଣୁ, ଏଣୁ, କାହିଁକିନା, ଅତଏବ, ସୁତରାଂ |
| ସମ୍ମତିସୂଚକ ଅବ୍ୟୟ | ହଉ, ଆଚ୍ଛା, ହଁ |
| ପରିମାଣସୂଚକ ଅବ୍ୟୟ | ଏତେ, କେତେ, ସେତିକି, ଯେତିକି, ଏତିକି |
| ସମୟ ସୂଚକ ଅବ୍ୟୟ | ସେବେ, କେବେ, ଏବେ |
| ସମଷ୍ଟି ସୂଚକ ଅବ୍ୟୟ | ପ୍ରଭୃତି, ଇତ୍ୟାଦି, ପ୍ରମୁଖ । |

୧) ସଂଯୋଜକ ଅବ୍ୟୟ - ଓ, ଏବଂ, ଆଉ, ଆହୁରି, ପୁଣି, ବି, ମଧ୍ୟ, ତଥା
୨) ବିକଳ୍ପାର୍ଥକ ବିଯୋଜକ ଅବ୍ୟୟ - ବା, କିମ୍ବା, ଅଥବା, ନଚେତ୍, କିନ୍ତୁ, ମାତ୍ର, ତଥାପି, ପରନ୍ତୁ, ଅଥଚ
୩) ଦୁଃଖ, ବିସ୍ମୟବାଚକ ଅବ୍ୟୟ- ଓଃ, ଆଃ, ଓହୋ, ଆହା, ହାୟ
୪) ବୀପ୍ସାର୍ଥକ ଅବ୍ୟୟ- ପୁଣିପୁଣି, ବାରବାର, ଘନଘନ, ପୁନଃପୁନଃ, ବାରମ୍ବାର, ଥରକୁଥର
୫) କାରଣସୂଚକ ଅବ୍ୟୟ - ଏଣୁ, ତେଣୁ, ଅତଏବ, ସୁତରାଂ, ଯେଣୁ, କାହିଁକିନା
୬) ନିଷେଧାର୍ଥକ ଅବ୍ୟୟ - ନା, ନାହିଁ, ନୁହେଁ, ନି, ନ
୭) ନିଶ୍ଚୟାର୍ଥକ ଅବ୍ୟୟ- ନିଶ୍ଚୟ ବା ଅବଶ୍ୟ
୮) ସମ୍ବୋଧନସୂଚକ ଅବ୍ୟୟ - ହେ, ଆହେ, ହୋ, ରେ, ଆରେ, କିରେ, କିହୋ, ଲୋ, ଆଲୋ, ଗୋ, ଆଗୋ, ହଇଓ, ହଇହୋ
୯) ସମ୍ମତିସୂଚକ ଅବ୍ୟୟ- ହଁ, ହେଉ, ଆଚ୍ଛା, ହଉ
୧୦) ସମ୍ଭାବନାର୍ଥକ ଅବ୍ୟୟ - ଯଦି, ଯେବେ, ତେବେ, କାଳେ, ଯଦ୍ୟପି
୧୧) ସାଦୃଶ୍ୟ ସୂଚକ ଅବ୍ୟୟ - ପରି, ଭଳି, ଯେପରି, ସେପରି, ଯେମିତି, ସେମିତି, ଯଥା, ତଥା
୧୩) ପ୍ରଶ୍ନାର୍ଥକ ଅବ୍ୟୟ - କି, କ'ଣ, କାହିଁକି, କିପରି, କେମିତି, କିଏ, ତ,ଟି

୧୪) ପରିମାଣସୂଚକ ଅବ୍ୟୟ - ଏତିକି, ଯେତିକି, ଏତେ, କେତେ, ସେତିକି
୧୫) ଧ୍ୱନ୍ୟାତ୍ମକ ଅବ୍ୟୟ - ଖଡ଼୍‌ଖଡ଼୍, ଗଡ଼୍‌ଗଡ଼୍, ଘଡ଼୍‌ଘଡ଼୍, ଧଡ଼୍‌ଧଡ଼୍, ଝଣ୍‌ଝଣ, ଭଡ଼୍‌ଭଡ଼୍, ମଡ଼୍‌ମଡ଼୍, ସର୍‌ସର୍ ।

ସାଧାରଣ ଭାବେ କୁହାଯାଇଥାଏ ଯେ, ଯେଉଁ ପଦଗୁଡ଼ିକରେ ଲିଙ୍ଗ, ବଚନ, ବିଭକ୍ତି.... ଆଦି ଭେଦରେ କୌଣସି ବ୍ୟୟ ବା ବଦଳ ହୁଏ ନାହିଁ ସେଗୁଡ଼ିକ ଅବ୍ୟୟ। ଯେମିତିକି- ଏବଂ, ଆଉ, ଓ, କିନ୍ତୁ, ଛଡ଼ା, ପରି ଇତ୍ୟାଦି । ଓଡ଼ିଆ ବାକ୍ୟଗଠନରେ ବିଶେଷ୍ୟ, କ୍ରିୟା ଓ ଅବ୍ୟୟ ଗୁରୁତ୍ୱପୂର୍ଣ୍ଣ । ବାକ୍ୟ ମଧ୍ୟରେ ବିଭିନ୍ନ ପଦ ସହ ସଂପର୍କ ରକ୍ଷା କରିବାରେ ଅବ୍ୟୟର ବ୍ୟବହାର ହୋଇଥାଏ । ବାକ୍ୟର ଆରମ୍ଭ, ଶେଷ ଓ ମଝିରେ ଅବ୍ୟୟ ସ୍ଥାନ ପାଇଥାଏ ।

ଓଲ୍‌ଡ ଟାଉନ୍ , ଭୁବନେଶ୍ୱର


■■■

## ନ୍ୟୁଟ୍ରା କ୍ରିଏସନ୍ସ ଓ ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ସହଭାଗିତାରେ ଜୁନ୍ ମାସରେ ପ୍ରକାଶିତ ପୁସ୍ତକ




## ବିଶିଷ୍ଟ ଲେଖିକା ଶୁଭ୍ରା ନନ୍ଦଙ୍କ ପ୍ରବନ୍ଧ ସଂକଳନ
## "ଦିବ୍ୟ ପ୍ରବନ୍ଧମାଳା"

## ନ୍ୟୁଟ୍ରା କ୍ରିଏସନ୍ସ ଓ ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ସହଭାଗିତାରେ ଜୁନ୍ ମାସରେ ପ୍ରକାଶିତ ପୁସ୍ତକ




ବିଶିଷ୍ଟ ଲେଖିକା ଶୁଭଶ୍ରୀ ସିଂଙ୍କ ପ୍ରବନ୍ଧ ସଂକଳନ

**"ଶୁଭ ସଂକେତ"**

## ଭାଷା, ସାହିତ୍ୟ ଓ ସଂସ୍କୃତି ର ବିକାଶ ଦିଗରେ
## ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ବିଭିନ୍ନ ପ୍ରଗତିମୂଳକ ପଦକ୍ଷେପ

ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ

ଚିହ୍ନ

ଆଲାପ

ମାନବୀ

ଅଙ୍କୁର

# ଇ-ପତ୍ରିକା

# ଗଦ୍ୟ ବିଭାଗ



# ଆଲୋଚନା

## ଚଉତିଶା ଗଣ୍ଠି

କବି ପ୍ରଭାକର



ଚଉତିଶା କହିଲେ 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ବ୍ୟଞ୍ଜନବର୍ଣ୍ଣଗୁଡ଼ିକୁ ଆଦ୍ୟ ଅକ୍ଷର ରୂପରେ ବ୍ୟବହାର କରି ରଚନା କରାଯାଇଥିବା ଗୀତ ବା ଛାନ୍ଦକୁ ବୁଝାଯାଏ । ପ୍ରତ୍ୟେକ ବର୍ଣ୍ଣକୁ ପଦର ଆଦ୍ୟ ଅକ୍ଷର, ପାଦର ଆଦ୍ୟ ଅକ୍ଷର କିମ୍ବା ଶବ୍ଦର ଆଦ୍ୟ ଅକ୍ଷର ରୂପେ ବ୍ୟବହାରକରି ରୀତିଯୁଗୀୟ କବିମାନେ ଗୀତ/ ଚଉପଦୀ ରଚନା କରିଛନ୍ତି।

କିନ୍ତୁ ଚଉତିଶାରେ ଗଣ୍ଠି କଣ? ଦୁଇଟି ଦଉଡ଼ି ଦୁଇପଟୁ ଆଣି ଗଣ୍ଠି ପକାଇବା ପରି ବ୍ୟଞ୍ଜନବର୍ଣ୍ଣର ଆଦ୍ୟ ଓ ପ୍ରାନ୍ତରୁ ଅନୁଲୋମ ବିଲୋମ ଭାବେ ବର୍ଣ୍ଣ ନେଇ ଚଉତିଶା କଲେ ଦୁଇପାର୍ଶ୍ୱରୁ ( କକ୍ଷଖହ ଏହିପରି) ବର୍ଣ୍ଣ ଯାଇ 'ଦ' 'ଥ' ସ୍ଥାନରେ ଭେଟ ହେବେ ଏବଂ ସେଇଠି ଚଉତିଶାରେ ଗଣ୍ଠି ହେଲା । ଆଦ୍ୟପ୍ରାନ୍ତ ଓଲଟ ଗଣ୍ଠି ଚଉତିଶା  ଚଉପଦୀ- ଏଥିରେ ପ୍ରଥମେ ଶେଷ ବର୍ଣ୍ଣ 'କ୍ଷ' ତାପରେ ଆଦ୍ୟବର୍ଣ୍ଣ 'କ'  ଏପରି ଆଦ୍ୟପ୍ରାନ୍ତ ଉଭୟରୁ ବର୍ଣ୍ଣ ଆସି ମଝି  'ଥ' ବର୍ଣ୍ଣରେ ଶେଷ(ଗଣ୍ଠି) ପଡ଼ିଲା  । ପୂର୍ବରୁ ଚଉପଦୀ ରଚୟିତାମାନେ ଏପରି ଚଉତିଶା ଗଣ୍ଠି କରିଛନ୍ତି ଓ ଗଣ୍ଠି ଫିଟାଇଛନ୍ତି । ମୋ ରଚିତ ନିମ୍ନ ଚଉତିଶାଟି ଦେଖନ୍ତୁ।

### ଶ୍ରୀ ଜଗନ୍ନାଥ ସ୍ତବ

-------------------------

କ୍ଷୀରମୟ ସିନ୍ଧୁ ଜେମା
କମଳା ହୃଦ କସ୍ତୁରୀ
ହରଣ କର ମୋ ଚିତ୍ତ
ଖଗେନ୍ଦ୍ରବିହାରୀ ହରି ।
ସକଳଜୀବର ପାଳକ ହେ ପ୍ରଭୁ
ଗୋବର୍ଦ୍ଧନଗିରିଧାରୀ ...
          କ୍ଷୀରମୟ ସିନ୍ଧୁ ଜେମା..   ॥ପଦ॥

ଷଟପଦ ନୀଳମଣି
ଘନ ଅପଘନ ଜିଣି
ଶରଣ ରକ୍ଷଣ ନାଥ
ଉପଇନ୍ଦ୍ର ପଦ୍ମପାଣି
ବରଦା ନାୟକ ମୁକତି ଦାୟକ
ଚକ୍ରଧର ଦଇତାରି....
ଲୀଳାମୟ କୈଟଭାରି ..
          କ୍ଷୀରମୟ ସିନ୍ଧୁ ଜେମା.. (୧)

ଛଳଈଶ ମାୟାଧର
ରମାବଲ୍ଲଭ ସୁନ୍ଦର
ଜୀମୂତ ବର୍ଣ୍ଣ ଶୋଭନ
ଯଶୋଦା ନୀଳକୁଞ୍ଜର
ଝଷକେତନ ଜନକ ନାରାୟଣ
ମୋହନ ମୁରଲୀଧାରୀ
ନୀଳାଚଳ ଅଧିକାରୀ ....
କ୍ଷୀରମୟ ସିନ୍ଧୁ ଜେମା.. (୨)

ଭକତଦୀନବତ୍ସଳ
ଟାଣଗଞ୍ଜନ ଶ୍ରୀଧର
ବଡ଼ଦିଅଁ ରୂପେ ବିଜେ
ଠାକୁର ନୀଳକନ୍ଦର
ଫଟା ମୋ କପାଳ ରଖ ଆଦିମୂଳ
ଡାକୁଛି କାଳବଇରୀ
ପାରିକର ଭବବାରି ...
କ୍ଷୀରମୟ ସିନ୍ଧୁ ଜେମା..(୩)

ଢକ୍କା ବାଜିବ ମହିମା
ନୀଳାଚଳର ଗାରିମା
ନିମିଷେ ଦର୍ଶନ ଦିଅ
ଧ୍ୟାନରେ ବାରେ ମଣିମା
ତବ ନାମ ଧରି ଭବୁ ହେବି ପାରି
ଦୟାକର ଦୁଃଖହାରୀ
ଥାଉ ପ୍ରଭାକର ସ୍ମରି ....
କ୍ଷୀରମୟ ସିନ୍ଧୁ ଜେମା.. (୪)

ଆଦ୍ୟପ୍ରାନ୍ତ ଚଉତିଶାର ଗଣ୍ଡିଫିଟା- ମୋ ରଚିତ ପୂର୍ବ ଆଦ୍ୟପ୍ରାନ୍ତ ଚଉତିଶାରେ 'କ୍ଷ' ଓ 'କ''ରୁ ଆରମ୍ଭ ହୋଇ 'ଥ'ରେ ଗଣ୍ଠି ପଡ଼ିଥିଲା । ତା ଅର୍ଥ ଆଉ ଆଗକୁ ଯିବାର ବାଟ ନଥିଲା ୩୪ଟି ବର୍ଣ୍ଣ ଶେଷ ହୋଇସାରିଥିଲା । ଜଣେ ବନ୍ଧୁ ଏହାକୁ ମେଷଯୁଦ୍ଧ ଚଉତିଶାରେ ନାମିତ କଲେ ; ଯାହା ମୋତେ ଉପଯୁକ୍ତ ମନେହେଲା । ମେଷ ଦୁଇଟି ଉଭୟ ପାର୍ଶ୍ୱରୁ ଧାଇଁ ଧାଇଁ ମୁଣ୍ଡ ଲଗେଇଲା ପରେ ଆଉ ଆଗକୁ ନଯାଇ ପଛକୁ ଫେରନ୍ତି । ସେହିପରି ଏହି ଆଦ୍ୟପ୍ରାନ୍ତ ଚଉତିଶାରେ 'କ୍ଷ' ଓ 'କ' ଉଭୟ ପାର୍ଶ୍ୱରୁ ବର୍ଣ୍ଣ ଯାଇ 'ଥ' ଠାରେ ଯୋଡ଼ି (ଗଣ୍ଠି) ହେବା ପରେ  ପଛକୁ ଫେରି (ଗଣ୍ଠିଫିଟା ହେଇ) 'କ୍ଷ'ରେ ସମାପ୍ତ ହୋଇଚି । ପ୍ରଥମଟି ମୁଁ 'ବିଷ୍ଣୁ ବନ୍ଦନା'ରେ ଚଉତିଶା କରିଥିଲି । ଅଧୁନା ଏକ 'ପ୍ରିୟା ବିରହ ଆଦ୍ୟପ୍ରାନ୍ତ ଚଉତିଶା'

କରି ଗଣ୍ଠି ଫିଟେଇଲି ; ଯାହା 'ଥ' 'ଦ' ରୁ ଆରମ୍ଭ ହେଇ 'କ୍ଷ'ରେ ସମାପ୍ତ ହେଇଚି। ଦେଖନ୍ତୁ -

## ପ୍ରିୟା ବିରହ
-------------

ଥିବ କି ଜୀବନ୍ତ ତୋ ହୃଦେ ମୋ ଚିତ୍ର
ଦିନ ତ ଯାଇଛି ବିତି ;
ତୋ ଚିତ୍ରକୁ ଦେଖି ବଞ୍ଚିଛି ମୁଁ ସଖୀ
ଧରି ହୃଦେ ତୋର ସ୍ମୃତି (୦)

ନିଦ୍ରାରେ ଶୟନେ ଆସି ତୁ ସପନେ
ନୟନେ ଭରୁଛୁ ପାଣି ..
ଢମ ନୁହେଁ ଏହା ଆରେ ହେମଦେହା
ପଥରହୃଦୟା ରାଣୀ ..
ଡାକି ବିନ୍ଧେ ଶର ସତୀପତିପର
ଫାଟିଯାଏ ମୋର ଛାତି (୧)

ଠଣଚନ୍ଦ୍ରମୁହାଁ କ୍ଷଣେ ଦେଖାଦେଇ
ବିରହକୁ କରୁ ସାର ..
ଟଙ୍କଧର ଅରି ହୋଇ ମୋ ବଇରି
ଭାଙ୍ଗେ ଧୃତି ମହିଧର ..
ନିରବଧି ତୋରେ ଝୁରି ମରିବାରେ
ମନରେ ଲଭୁ କି ଶାନ୍ତି (୨)

ଝୀନବସନା ରେ ତୋ ବିନା ଧନ ରେ
ଯୌବନ ଲାଗଇ ବିଷ...
ଜୀବନଟା ଥାଇ ବିଅର୍ଥ ଲାଗଇ
ରୁଚେନାହିଁ ଅନ୍ନରସ...
ଛଳ କରି ମୋରେ ଗଲୁ ବହୁଦୂରେ
ଲିଭାଇ ମୋ ଆଶାଜ୍ୟୋତି (୩)

ଚିତ୍ତ ମୋର ହରି ଗଲୁ ପରକରି
ବନ୍ଧୁରେ ଦୟା ନ କରି ..
ଉରରେ ପନ୍ଦର ବାଳାପୁରନ୍ଦର
ଶତବାର ଦେଲୁ ମାରି..
ଘାରୁଛି ନିରତେ ତୋ ବିରହ ମୋତେ
ଷଡ଼ରତୁ ମାରେ କାତି (୪)

ଗଙ୍ଗାକୁ ବିଭୂତି ହେବ ମୋର ଅସ୍ଥି
ସଖୀ ତୋ ବିହୁନେ ଜାଣ..
ଖଞ୍ଜନ ନୟନା  ତୋ ବିରହେ ସିନା
ହରପର ନେବ ପ୍ରାଣ..
କହେ ପ୍ରଭାକର  ହେ ବିଦୁଷବର
କ୍ଷମା କର ଥିଲେ ତ୍ରୁଟି (୫)

*****************

ସତୀପତି - ଶିବ
ସତୀପତି ପର - କନ୍ଦର୍ପ
ଠଣଚନ୍ଦ୍ର - ପୂର୍ଣ୍ଣଚନ୍ଦ୍ର
ଟଙ୍କଧର - ଶିବ
ଧୃତି - ଧୈର୍ଯ୍ୟ
ମହିଧର - ପର୍ବତ
ଅନ୍ନରସ - ଅନ୍ନଜଳ
ପନ୍ଦର - ବଜ୍ର
ପୁରନ୍ଦର - ଇ

■■■

ଭୁବନେଶ୍ୱର





# ଜହ୍ନ ପରୀର ପରିଚୟ

ପ୍ର. ମଣୀନ୍ଦ୍ର କୁମାର ମେହେର



ଏବେବି ମୁଁ ବିଶ୍ୱାସ କରି ପାରୁ ନାହିଁ ଯେ ସେ ହେଉଛି ସୁଜାତା । ବରପାଲି କଲେଜରେ ଅଧାପନା କଲାବେଳେ ଓଡ଼ିଆ ଅନର୍ସ କ୍ଲାସରେ ଯେଉଁ ଶାନ୍ତ ସ୍ନିଗ୍ଧ ଓ ଉଲ୍ଲସିତ ସୁଜାତାକୁ ମୁଁ ପ୍ରତିଟି କ୍ଲାସରେ ଦେଖି ଲାଭ କରୁଥିଲି ପରମ ପରିତୃପ୍ତି, ଏ କ'ଣ ସେଇ ମୋର ଅତି ପ୍ରିୟ ଛାତ୍ରୀ ସୁଜାତା ? ମୁଁ କେବଳ ଆଶ୍ଚର୍ଯ୍ୟ ହୋଇ ଅନାଇ ରହିଥିଲି ତା ମୁହଁକୁ। କିନ୍ତୁ ସେଇ ମୁଖ ମଣ୍ଡଳ ମଧରେ ମୋର ଦୃଷ୍ଟିପାତ ଅବ୍ୟାହତ ରଖିପାରୁନଥିଲି ଆଦୌ ।

ଝିଅଟିର ଦୁଇ ଆଖିରୁ ଝରି ପଡୁଥିଲା ଧାର ଧାର ଲୁହ । କଲେଜ ବାରଣ୍ଡାରେ ନୋଟିସ ବୋର୍ଡ ସମ୍ମୁଖରେ ଛିଡ଼ା ହୋଇ ମୁଁ ଯେପରି ନିରୁପାୟ ଓ ତଟସ୍ଥ ହୋଇ ରହିଥିଲି । ତାହାକୁ ଆଜି କିପରି ବା ବର୍ଣ୍ଣନା କରିପାରିବି ? ଝିଅଟି ବାଷ୍ପରୁଦ୍ଧ କଣ୍ଠରେ କହି ଚାଲିଥିଲା ମୋ ଉଦ୍ଦେଶ୍ୟରେ ସୀମାତୀତ ଶ୍ରଦ୍ଧା ଓ ସମ୍ମାନ ତାର ପ୍ରତିଟି ଅଙ୍ଗ ପ୍ରତ୍ୟଙ୍ଗରେ ପ୍ରକାଶ କରି । ଯାହା ଶୁଣିବା ପାଇଁ ଅତି ନିଷ୍ଠୁର ଶିକ୍ଷକ ବି ଚାହିଁବ ନାହିଁ। ସେହି ଭାଷା ମୁଁ ଶୁଣି ପାରୁଥିଲି କିପରି ତାହା ବି ଚକିତ କରି ଦେଉଛି ଏହି ମୁହୂର୍ତ୍ତରେ । ସେ ରହି ରହି ଆଖିରୁ ଲୁହ ଧାର ପୋଛି ପୋଛି କହି ଚାଲିଥିଲା – " ସାର୍, ମୁଁ ସେଇ ସୁଜାତା । ଆପଣ ଯାହାକୁ ଅତି ଗଭୀର ଭାବରେ ଶ୍ରଦ୍ଧା କରୁଥିଲେ ସେଇ ଅଭାଗିନୀ ମୁଁ ।"

ମୁଁ ପ୍ରଶ୍ନବାଚୀ ଦୃଷ୍ଟିରେ ତାକୁ ଦେଖି ବିସ୍ମୟ ପ୍ରକଟ କରୁଥିଲି କେବଳ । ମୋ ବିଗଳିତ ଆତ୍ମାରୁ ବାହାରି ପଡୁଥିଲା – ସୁଜାତା !! ସୁଜାତା !! ଓଡ଼ିଆ ଅନର୍ସ ନେଇ ପାଠ ପଢୁଥିବା ସେଇ ସୁଜାତା ତୁମେ ? କିପରି ଭାବରେ ଝିଅଟି ନିଜର ପ୍ରକୃତ ପରିଚୟ ଦେବ ଜାଣି ପାରୁ ନଥିଲା । ତା ' ମୁହଁରେ ଯେଉଁ ପୋଡ଼ା ଦାଗ କେତୋଟି ରହିଥିଲା ତା ଉପରେ ଦୃଷ୍ଟି ନିବଦ୍ଧ କରି ମୁଁ ପଚାରିଲି – " ଏସବୁ ମୁହଁର ଦାଗ ଆସିଲା କେମିତି ସୁଜାତା ? ଭୋ ଭୋ କରି ପାଞ୍ଚ ଛଅ ବର୍ଷ ବୟସର ଶିଶୁ କନ୍ୟାଟିଏ ତାର ପିତାଙ୍କ ସମ୍ମୁଖରେ କାନ୍ଦି ଉଠିବା ପରି ସୁଜାତା କଇଁ କଇଁ ହୋଇ ଲାଗିଲା କାନ୍ଦିବାକୁ । ମୁଁ ପଚାରିଥିବା ପ୍ରଶ୍ନର ଉତ୍ତର ସେ ନଦେବ ବା କିପରି ! କମ୍ପିତ ଗଳାରେ ସେ କହୁଥିଲା –" ସାର୍, ସେମାନେ କେହି କିଛି ଆଦୌ ବୁଝି ପାରିଲେ ନାହିଁ ମୋ

ମାନସିକତାକୁ । ପ୍ରଥମେ ତ ଗୋଟିଏ ପ୍ରକୋଷ୍ଠ ମଧ୍ୟରେ ମୋତେ ରଖାଯାଇଥିଲା ଆବଦ୍ଧ କରି । ତା ' ପରେ ପରିସ୍ଥିତି ହୋଇଥିଲା କୁଆଡେ ଭୟଙ୍କର। ସେ ସବୁ ମୋର ମନେ ନାହିଁ ସାର୍। ନିଆଗଲା ମୋତେ ଯେଉଁ ଡାକ୍ତରମାନଙ୍କ ନିକଟକୁ ସେମାନେ ମାସ ମାସ ବ୍ୟାପୀ ମୋତେ ଦେଇସାରିଥିଲେ ଇଲେକ୍ଟ୍ରିକ ସକ୍। ସେଇଥିରୁ ତ ମୋ ମୁହଁର ଚମଡା ଉତୁରି ଯାଇଥିଲା ଖଣ୍ଡ ଖଣ୍ଡ ହୋଇ । ଦର୍ପଣରେ ନିଜକୁ ଦେଖି ଚିହ୍ନି ପାରୁନଥିଲି ଯେ ମୁଁ କିଏ ।"

କଲେଜରେ କୋଉଠି ବା ଥିଲା ନିରୋଳା ସ୍ଥାନ ଟିକିଏ, ଯେଉଁଠି ତାକୁ ବସାଇ ପାରିଥାନ୍ତି ମୁଁ ,ଆଉ ଶୁଣିଥାନ୍ତି ସବୁ କଥା ଦୀର୍ଘ ସମୟ ଧରି ? ସେହି ଟିକକ ସ୍ଥାନରେ ରହିଥିଲା ଯେଉଁ ସାମାନ୍ୟ ଶୂନ୍ୟତା ତାହାରି ବଳୟ ଭିତରେ ରହି ବର୍ଷ ବର୍ଷର ଅସହ୍ୟ ଯନ୍ତ୍ରଣାକୁ ଲୁହରେ ଆଉ କୋହରେ ବ୍ୟକ୍ତ କରୁଥିଲା ସୁଜାତା । ମୁଁ ସେଦିନ କୌଣସି ଏକ କ୍ଲାସ ନେଇ ଶ୍ରେଣୀ ପ୍ରକୋଷ୍ଠରୁ ବାହାରି ଆସିବା ବେଳେ କଲେଜର ବିଶ୍ୱସ୍ତ କର୍ମଚାରୀ ଜଣକ ମୋତେ ଜଣାଇଥିଲେ ଯେ – ସାର୍ , ଝିଅଟିଏ ମଣୀନ୍ଦ୍ର ସାର୍ କେଉଁଠି ଅଛନ୍ତି ବୋଲି ଅଫିସ୍ ଆଗରେ ପଚାରୁଛି । ଆପଣ ଦେଖା କରି ଦିଅନ୍ତୁ ଟିକେ । ସେଇ ତ ହେଉଛି ଏଇ ଦେଖା ସାକ୍ଷାତ। ମୁଁ କ'ଣ କେବେ ହେଲେ କଳ୍ପନାରେ ଭାବି ପାରିଥାନ୍ତି ଯେ, ଏହି ଅବସ୍ଥାରେ ମୋର କୌଣସି ପ୍ରିୟ ଛାତ୍ରୀଟିକୁ ଦେଖିବି ବୋଲି ! ବିସ୍ମୟ ବିସ୍ଫୋରିତ ଦୃଷ୍ଟିପାତ କରି ପଚାରୁଥିଲି ମୁଁ ତା'ର ବିବର୍ଣ୍ଣ ହୋଇ ଯାଇଥିବା ମୁଖମଣ୍ଡଳ ପଶ୍ଚାତରେ ଥିଲା କେଉଁ କାରଣ ।

ସୁଜାତା ଅତ୍ୟନ୍ତ ଶାନ୍ତ ଆଉ ପ୍ରାୟ ନୀରବ ରହୁଥିବା ଥିଲା ଅତି ବିଶ୍ୱସ୍ତ ଛାତ୍ରୀ । +୩ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇ ଯିବାପରେ ଆଉ ତା ସହିତ ଦେଖା ହୋଇ ନଥିଲା ଅନେକ ବର୍ଷ ବ୍ୟାପୀ । ମଝିରେ ମଝିରେ ଯେ ତା ' କଥା ମୋର ମନେ ପଡୁ ନଥିଲା ତା' ନୁହେଁ। ହୁଏତ ତାଙ୍କ ଗାଁର ପିଲାମାନଙ୍କ ମଧ୍ୟରୁ କାହା କାହାକୁ ସୁଜାତା ପଚାରୁଛି ମଧ୍ୟ ଏକାଧିକ ବାର । ଯେହେତୁ ସେମିତି କୌଣସି ମନେ ରଖିବା ପରି ଉତ୍ତର ମୁଁ ପାଇ ନାହିଁ ତେଣୁ ତା ବିଷୟରେ ଅଧିକ ଅନୁସନ୍ଧିତ୍ସୁ ହୋଇଥାନ୍ତି ବା କିପରି ? ଏଇ ଚାରି ପାଞ୍ଚ ବର୍ଷ ଭିତରେ ଜଣକ ଜୀବନରେ ଘଟି ଯାଇଛି ଏତେ ଦୁର୍ଦ୍ଦଶା ଭାବି ପାରୁନଥିଲି ମୁଁ । ସେଇ ଯନ୍ତ୍ରଣା ଆଘାତ ହୋଇଥିବ କେତେ କଷ୍ଟଦାୟକ ସୁଜାତା ତ ଶାରୀରିକ ଓ ମାନସିକ ଦୃଷ୍ଟିରୁ ସମ୍ପୂର୍ଣ୍ଣ ଭାବରେ ଥିଲା ସୁସ୍ଥ। ସେଇ କଥାହିଁ ମନେ ପକାଇ ଦେଲି ତାକୁ । ସେ କହି ଚାଲିଥାଏ – " ନା ସାର୍ ମୋତେ ବିଶ୍ୱାସ କଲେ ନାହିଁ କେହି । ମୋର ମାନସିକ ଅବସ୍ଥା କୁଆଡେ ସ୍ୱାଭାବିକ ନ ଥିଲା ବୋଲି କେତେ ପ୍ରକାରର ଟ୍ରିଟମେଣ୍ଟ ହୋଇଛି ତାହା ମୋର ବି ମନେ ନାହିଁ । ସାଇକିଆଟ୍ରିଷ୍ଟ ଡାକ୍ତରମାନେ ବାରମ୍ବାର ବାରମ୍ବାର ଏଲେକ୍ଟ୍ରିକ ସକ୍ ଦେଇ ମୋର ମାନସିକ ଭାରସାମ୍ୟ ଫେରାଇ ଆଣିବାକୁ ଯେଉଁ ଉଦ୍ୟମ କରିଥିଲେ ଅନବରତ,ଶେଷରେ ସେଇ ପଦ୍ଧତି ପ୍ରମାଣିତ ହେଲା ଭୁଲ୍ ବୋଲି ଡାକ୍ତରମାନେ କହିଥିଲେ – " ଇଲେକ୍ଟ୍ରିକ ସକ୍ ଦେବାର କୌଣସି ଆବଶ୍ୟକତା ନଥିଲା । ଯାହା ହୋଇ ସାରିଛି ତାହା ରଙ୍ଗ ଟ୍ରିଟମେଣ୍ଟ । ଡାକ୍ତରମାନେ ଏହା ଜାଣିବା ପରେ ପୁନଶ୍ଚ ନୂତନ ମେଡ଼ିସିନ୍ ଆଉ ଇଞ୍ଜେକସନ ଦିଆଯାଉଥିଲା ପ୍ରତିଦିନ ।"

ମୁଁ ତ ଭାବୁଥିଲି ବୋଧହୁଏ ସୁଜାତାର ବାହାଘର ପରବର୍ତ୍ତୀ ଅବସ୍ଥାର ଚିତ୍ର ଏହା । ସୁଜାତା ମୋର ଭ୍ରାନ୍ତି ଦୂର କରିଦେଇ ଜଣାଇ ଦେଇଥିଲା ଯେ ସେ ଏ ପର୍ଯ୍ୟନ୍ତ ଅବିବାହିତା। ତା ହେଲେ କ'ଣ ଘଟିଲା ତା ଜୀବନରେ ବା ମାନସିକତାରେ ; ଯାହା ଫଳରେ ଭୋଗିବାକୁ ହୋଇଛି ଏହି ଅବର୍ଣ୍ଣନୀୟ ଦୁଃଖ ଓ ଆଘାତ। ନା ସେସବୁ କଥା ମନେ ପକାଇ କହି ପାରୁଥିଲା, ନା ନିଜ ମାନସିକ ଅବସ୍ଥାକୁ ସ୍ୱୀକାର କରୁଥିଲା । ତା ଦୃଷ୍ଟିରେ ସେ କଲେଜରେ ପଢିଲା ବେଳେ ଯେପରି ଥିଲା ତା ପରବର୍ତ୍ତୀ ସମୟରେ ସେତିକି ହିଁ ଥିଲା ସ୍ୱାଭାବିକ । କେଉଁ ଅସ୍ୱାଭାବିକତା ଦେଖି ତାଙ୍କ ଘର ଲୋକେ ଏପରି ଚିକିତ୍ସା କଲେ ତାହା ଜାଣିବାର କୌଣସି ଉପାୟ ନ ଥିଲା ମୋର । ମୁଁ ଦେଖୁଥିଲି ସୁଜାତାର କଥାବାର୍ତ୍ତାରେ ସାମାନ୍ୟତମ ଅସାମଞ୍ଜସ୍ୟ ଥିଲା ଅନୁପସ୍ଥିତ। ତାକୁ ପଚାରିଲି ବି। କହିଲି "ଏବେ ତୁମକୁ କେମିତି ଲାଗୁଛି ସୁଜାତା ?

ସେହି ଦୁଃଖ ବ୍ୟକ୍ତ କରିବା ମୁହୂର୍ତ୍ତରେ ମଧ୍ୟ ସୁଜାତା ଓଠରେ ଖେଳିଗଲା ଚେନାଏ ହସ । କହିଲା – " ସମ୍ପୂର୍ଣ୍ଣ ସୁସ୍ଥ ଅଛି ସାର୍ , ଆଉ କିଛି ସେମିତି ଅସୁବିଧା ନାହିଁ । କେତେ ବର୍ଷ ଧରି ଘରୁ ବାହାରି ନଥିଲି ତ... । ଖୁବ୍ ଇଚ୍ଛା ହେଲା ଆପଣଙ୍କୁ ଥରେ ଦେଖନ୍ତି ଓ ମୋ ମନକଥା ଆପଣଙ୍କ ଆଗରେ କହନ୍ତି ଟିକେ। ସେଇଥିପାଇଁ ଆଜି କଲେଜକୁ ଚାଲି ଆସିଲି ଆପଣଙ୍କ ସହିତ ଦେଖା ହେବାର ଆଶା ଟିକିଏ ନେଇ ।"

ଶୀତ ଦିନର ଅପରାହ୍ନ ତଳି ଆସୁଥିଲା । ସବୁ ଶ୍ରେଣୀ ପ୍ରକୋଷ୍ଠରୁ ପିଲାମାନେ ବାହାରିଆସି କଲେଜ ଗେଟ୍ ଦେଇ ନିଷ୍କ୍ରାନ୍ତ ହୋଇ ଯାଉଥିଲେ । ଏକାଧିକ ସହକର୍ମୀ ମୋର ଦୂରରେ ଥାଇ ଅନାଉଥିଲେ ଆମ ଦୁହିଁଙ୍କୁ ,ଓ ଆମର ବ୍ୟକ୍ତିଗତ ଭାବ ବିନିମୟ ଚାଲିଥିବାର ଅନୁଭବ କରି କେହି ଆସୁ ନଥିଲେ ପାଖକୁ ।

ସୁଜାତା ଠାରୁ ବିଦାୟ ନେବା ବି କାଠିକର ଥିଲା ମୋ ପାଇଁ ତାହା କ'ଣ ବୁଝାଇବା ଆବଶ୍ୟକ? ମୋ ସ୍ଥାନରେ ଯିଏ ବି ଥିଲେ ସେ ଶେଷ କଥା ପଦକ କହିବା ହୋଇଥାନ୍ତା କି କଷ୍ଟକର ତାହା କଳ୍ପନାତୀତ। ସୁଜାତା ନିଜପଟୁ ହିଁ କହିଲା – "ସାର୍ ଏଥର ମୁଁ ଯିବି । ଖାଲି ଏହି ସାକ୍ଷାତ ଲାଭ ସକାଶେ ହିଁ ତ ଆସିଥିଲି। ମୁଁ କହିଲି – "ସୁଜାତା  ତୁମେ ଯେତେବେଳେ ବି ଚାହିଁବ, ତୁମ ସାରଙ୍କ ପାଖକୁ ଆସିବ। ଯାହା ଅନୁଭବ କରୁଛ କହିବ। କ'ଣ ଯଦି ସମସ୍ୟା ହୁଏ ମୋତେ ମନେ ପକାଇବ ।"ସୁଜାତା ହସ ହସ ମୁଖରେ କହିଲା – " ସାର୍ ଏବେ ମୋର ସବୁ ସମୟ ଭଗବାନଙ୍କ ଜଣାଣ ଓ ଭଜନରେ ବିତିଯାଏ । କେତେବେଳେ ଏକୁଟିଆ ମୁଁ ଗାଉଥାଏ ଗୀତ, ତ ପୁଣି କେତେବେଳେ ଆମ ଘର ପାଖରେ ହେଉଥିବା ସାଇ ଭଜନ ଭିତରେ ନିଜକୁ ହଜାଇ ଦିଏ । ମୁଁ କହିଲି ତୁମେ ଭଲଥାଅ ସୁଜାତା। ଭଗବାନଙ୍କ ନିକଟରେ ମୋର ପ୍ରାର୍ଥନା ଯେ ସେ ତୁମକୁ ଶାନ୍ତି ଓ ଆନନ୍ଦରେ ରଖନ୍ତୁ।"

ସୁଜାତା ମୋ ଠାରୁ ଭାବପୂର୍ଣ୍ଣ ଭାବରେ ବିଦାୟ ନେଇଥିଲା ସେଦିନ, ଆସିବା ବେଳେ ତାର ଦୁଇ ଆଖି ଥିଲା ଅଶ୍ରୁପୂର୍ଣ୍ଣ। ଗଲାବେଳେ ଓଠରେ ଲାଖି ରହିଥିଲା ଜହ୍ନର ଚେନାଏ ଶୁଭ୍ର କିରଣ।

ବହୁ ବର୍ଷ ବିତିଯାଇଛି ଏହାରି ମଧ୍ୟରେ । ଏବେବି ମଧ୍ୟ ମୁଁ ଆଦୌ ବିଶ୍ୱାସ କରି ପାରୁନାହିଁ ଯେ ସୁଜାତାକୁ ଅନର୍ସ କ୍ଲାସରେ ମୁଁ ପାଠ ପଢ଼ାଉଥିଲି ସେ ସେହି ସୁଜାତା। ବରପାଲି କଲେଜ ଛାଡ଼ିଦେଇ ମୁଁ ଆସିଲି ଜ୍ୟୋତିବିହାର। ତାପରେ ବାଣୀବିହାର, ଆଉ ଏବେ ଅଛି ବାଲେଶ୍ୱରର ବ୍ୟାସବିହାରରେ । ସୁଜାତା ପୁନଶ୍ଚ ଯଦି ତାର ପ୍ରିୟ ସାରଙ୍କୁ ଦେଖାକରିବାକୁ  କେବେ ଆସିଥିବ, ଆଉ ଶୁଣିଥିବ ଯେ ସାର୍ ଆଉ ନାହାନ୍ତି ଏ କଲେଜରେ ସେତେବେଳେ କିପରି ନିରାଶ ହୋଇ ସେ ଫେରିଯାଇଥିବ,ତାହା ଭାବିବା ବେଳକୁ ଛାତି ଭିତରୁ ଉଠୁଛି  ଅବାରିତ କୋହ । ସୁଜାତାକୁ ବିଦାୟ ଦେବାବେଳେ ତା' ମୁହଁରେ ଧାରେ ହସ ଦେଖି କେତେ ଆଶ୍ୱସ୍ତ ଲାଗିଥିଲା ମୋତେ ତାହା ବର୍ଣ୍ଣନାତୀତ । ମାତ୍ର ଆଜି ତା'ର କରୁଣ ସ୍ମୃତିରେ ମୁଁ ଯେପରି ଭାରାକ୍ରାନ୍ତ ,ତାହାର ସମାଧାନ ସୂତ୍ର ଖୋଜିବାରେ ଓ ପାଇବାରେ ସମ୍ପୂର୍ଣ୍ଣ ଅସମର୍ଥ ଆଉ ଅସହାୟ ମୋର ଅବସ୍ଥା। ଯେଉଁ ସୁଜାତାକୁ ମୁଁ ପାଠ ପଢାଇଥିଲି ଅନର୍ସ କ୍ଲାସରେ ,ଠିକ୍ ସେହି ସୁଜାତାକୁ ସେହି ରୂପରେ ଦେଖିବା ପାଇଁ ଆତୁର ମୋର ପ୍ରତିଟି ରକ୍ତ କଣିକା ।

ମୁଁ ନିଶ୍ଚୟ ଫେରିବି ବରପାଲିକୁ । ଆଉ ନିଶ୍ଚୟ ପୁନରୁଦ୍ଧାର କରିବି ମୋର ଅତି ପ୍ରିୟ ଛାତ୍ରୀ ସୁଜାତାକୁ । ମୁଁ ତାକୁ ଯେଉଁ ରୂପରେ ପଢ଼ାଇଥିଲି ,ସେହି ରୂପରେ ତାକୁ ଦେଖିବା ପରେ ମୁଁ ବିଶ୍ୱାସ କରିବି ଆଉ ଆଶ୍ୱସ୍ତ ହେବି ଯେ ଏଇ ସୁଜାତା ପ୍ରକୃତରେ ହେଉଛି ସେହି ସୁଜାତା ।

ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ
ଫକୀର ମୋହନ ବିଶ୍ୱବିଦ୍ୟାଳୟ,
ବାଲେଶ୍ୱର – ୮୯
ମୋ –୯୯୩୭୩୬୫୬୯୮

■■■

# ନୋଟିସ୍

(ବଙ୍ଗଳା ଭାଷା ସାହିତ୍ୟର ପ୍ରଖ୍ୟାତଯଶା ସାହିତ୍ୟିକ ବିମଳ କରଙ୍କ ଏକ ଗଳ୍ପ "ନୋଟିସ୍"ର ଏକ ସଂକ୍ଷିପ୍ତ ଭାବାନୁବାଦର ରୂପ । )

**ବସନ୍ତ ମାଝି**



ଜଣେ ଭଦ୍ରବ୍ୟକ୍ତି ଥରେ ଗଙ୍ଗାନଦୀ କୂଳରେ ଅବସର ସମୟରେ ବସିଥିଲେ । ସେ ହଠାତ୍ ଦେଖିପାରିଲେ ଯେ, ତାଙ୍କ ଘରେ ଦୀର୍ଘ ଦିନ ଧରି କାମ କରୁଥିବା ବ୍ୟକ୍ତି ଜଣକ ଧଳା ପଞ୍ଜାବୀ, ଧୋତି ଏବଂ ମୁଣ୍ଡରେ ଏକ ଟୋପି ଲଗାଇ ପାଖ ରାସ୍ତାରେ ଚାଲୁଛନ୍ତି ।

ଆଶ୍ଚର୍ଯ୍ୟ ହୋଇ ତାକୁ ଅନେଇ ରହିଲେ ଭଦ୍ରବ୍ୟକ୍ତ ଜଣକ । କାରଣ ସେଇ ଚାକର ତ କିଛି ଦିନ ପୂର୍ବରୁ ମୃତ୍ୟୁ ବରଣ କରିଛନ୍ତି ।

- ଭଦ୍ରବ୍ୟକ୍ତି ଜଣକ ତାଙ୍କୁ ଡାକିଲେ ଓ ପଚାରି ଉଠିଲେ : ତୁ ପରା କିଛିଦିନ ପୂର୍ବରୁ ଶେଷ ନିଃଶ୍ୱାସ ଛାଡ଼ିଛୁ ! ମୁଁ ତତେ ଦେଖୁଛି ଯେ ? ମୁଁ କ'ଣ ଠିକ୍ ଦେଖୁଛି ନା ଭୁଲ ?
- ଚାକର ଜଣକ କହିଲା :

ଠିକ୍ ଦେଖିଛନ୍ତି ବାବୁ । ମୁଁ ଏବେ ଯମଦୂତ ପାଲଟି ଯାଇଛି । ଏଇ ଦେଖନ୍ତୁ ସାମ୍ନାରେ ଯେଉଁ ଲୋକଟି ଗଙ୍ଗାସ୍ନାନ କରୁଛି, ଏବେ ସିଏ ବୁଡ଼ି ମରିବ । ତାକୁ ମୁଁ ନେବାକୁ ଆସିଛି ।
- ଭଦ୍ରବ୍ୟକ୍ତି ଜଣକ ଆଶ୍ଚର୍ଯ୍ୟ ହୋଇ ପ୍ରଶ୍ନ କଲେ : ଯମଦୂତର ଏପ୍ରକାର ପୋଷାକ କ'ଣ ପାଇଁ ? ମୋ ସହିତ ପରିହାସ କରୁଛୁ ! !
- ଲୋକଟି ଉତ୍ତର ଦେଲା : ନା, ପ୍ରକୃତ ଯମଦୂତମାନେ ଏପରି ପୋଷାକ ପିନ୍ଧନ୍ତି ।
- ଭଦ୍ରବ୍ୟକ୍ତି କହିଲେ : ତୁ' ମୋର ଲୁଣ ଖାଇଛୁ ଦୀର୍ଘଦିନ ଧରି । ମୋର ଏକ ଉପକାର କରି ପାରିବୁ ?
- ଚାକରି ଉତ୍ତର ଦେଲା : କୁହନ୍ତୁ ।
- ସେ କହିଲେ : ମତେ ନେବାକୁ ଆସିବାର କିଛିଦିନ ପୂର୍ବରୁ ମୋତେ ଜଣାଇ ଦେବୁ । ମୋର ଗୁଡ଼ାଏ କାମ ବକେୟା ରହିଛି । ଅନ୍ତତଃ ସେଇ କାମଗୁଡ଼ିକୁ ଶେଷ କରିଦେଇ ପାରିବି ।
- ଚାକରଟି ହସି ହସି କହିଲା : ଠିକ୍ ଅଛି । କିଛି କ୍ଷଣ ଭିତରେ ଗଙ୍ଗାସ୍ନାନ କରୁଥିବା ଲୋକଟି ପାଣିରେ ବୁଡ଼ି ମୃତ୍ୟୁବରଣ କଲା ଏବଂ ସେଇ ଚାକର ତାକୁ ନେଇଗଲା ।

ଏହାପରେ ସମୟ ଅତିବାହିତ ହେବାକୁ ଲାଗିଲା । ପତ୍ନୀ କହନ୍ତି ଏଇଟା କର, ସେଇଟା କର । ଭଦ୍ରବ୍ୟକ୍ତି ଜଣକ କହନ୍ତି – ଏତେ ବ୍ୟସ୍ତ କ'ଣ ପାଇଁ ହେଉଛ ? ମୁଁ ମୋର ସବୁକାମ ଶେଷ କରି ଶେଷ ନିଃଶ୍ୱାସ ଛାଡ଼ିବି ।

ଦିନେ ମଧ୍ୟରାତ୍ରିରେ ଭଦ୍ରବ୍ୟକ୍ତିଙ୍କର ନିଦ ଭାଙ୍ଗିଗଲା । ଦେଖିଲେ ଧଳା ପଞ୍ଜାବୀ, ଧୋତି ଏବଂ ମୁଣ୍ଡରେ ଟୋପି ପିନ୍ଧି ସେଇ ଚାକର ଛିଡ଼ା ହୋଇଛି । ମୁହଁରେ ଲାଖି ରହିଥିଲା ହସ ।

- ଭଦ୍ରବ୍ୟକ୍ତି ତାକୁ ପଚାରିଲେ : କି ରେ ! କେବେ ଆସିବୁ ମୋତେ ନେବା ପାଇଁ ? ବାକି କାମ ଗୁଡ଼ିକ ଶେଷ କରିବି !
- ଚାକରଟି ହସି ହସି ଉତ୍ତର ଦେଲା : ଆପଣଙ୍କୁ ନେବାକୁ ଆସିଛି ବାବୁ । ଚାଲନ୍ତୁ ମୋ' ସାଙ୍ଗରେ ।
- ଭଦ୍ରବ୍ୟକ୍ତିଙ୍କ ମୁଣ୍ଡରେ ପିତ୍ତ ଚଢିଗଲା ଏବଂ କହିଲେ : ନମକହାରାମ୍, ତତେ ପରା କହିଥିଲି ମୋତେ ଆଗରୁ କହିବା ପାଇଁ ।
- ଚାକରଟି କହିଲା : ମୁଁ ତ' ନିଜ ଇଚ୍ଛାରେ ଆସି ପାରିବି ନାହିଁ, ବାବୁ । ଏପରି ନିୟମ ନାହିଁ । କିନ୍ତୁ ଆମେ ନୋଟିସ୍ ପଠାଉ ।

ଆପଣ ପୂର୍ବରୁ ଯେତେ ଖାଇ ପାରୁଥିଲେ, ଏବେ କ'ଣ ପାରୁଛନ୍ତି ? ପୂର୍ବରୁ ଯେତେ ସ୍ପଷ୍ଟ ଦେଖି ପାରୁଥିଲେ, ଏବେ କ'ଣ ପାରୁଛନ୍ତି ?

ବିଭିନ୍ନ ପ୍ରକାର ଔଷଧ ଖାଉଛନ୍ତି ଆପଣ । ବାଡ଼ିଧରି ଚାଲୁଛନ୍ତି । କିଛିବାଟ ଚାଲିଲେ ଧଇଁସଇଁ ହୋଇ ପଡୁଛନ୍ତି । ଏ' ସବୁ ହେଉଛି ନୋଟିସ୍ ବାବୁ । ଏହି ନୋଟିସ୍ ଆମେ ଆଗରୁ ପଠାଇଥାଉ ।

ଆପଣମାନେ ସେହି ନୋଟିସ୍ କୁ ପଢ଼ନ୍ତି ନାହିଁ । ଆଉ ଦୋଷ ଦେଉଛନ୍ତି ଆମକୁ ।

ଏବେ ଚାଲନ୍ତୁ ... ।

ଏମ୍. ଆଇ. ଜି.(୧) ୧୯/୨,ହାଉସିଂ ବୋର୍ଡ କଲୋନୀ,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର -୭୫୧୦୦୨
ମୋ :୯୪୩୭୮୬୨୧୯୨୫

■■■

# ସୁଖ  ବୋଲି ଯାହା ଜନନେତ୍ରେ ଦିଶେ

**ଛନ୍ଦା ମିଶ୍ର**



ଯେମିତି ଦୃଷ୍ଟି, ସେମିତି ସୃଷ୍ଟି। କାହାକୁ ପାଣି ଗିଲାସ ଅଧା ପୂର୍ଣ୍ଣ ଦିଶେ କାହାକୁ ବା ଅଧା ଅପୂର୍ଣ୍ଣ। କେହି ପଖାଳ ପିଆଜ ଦେଖି ଖୁସିରେ କୁରୁଳି ଉଠିଲେ ଆଉ କେହି ମାଂସ ପଲଉ ଦେଖି ରଗ ରଗ ସିଂ ସିଂ ହୁଏ। ତେଣୁ କାହାକୁ ବିଶ୍ୱ ମଧୁମୟ ମନେ ହେଉଥିଲା ବେଳେ କାହାକୁ ଲାଗେ ବିଷ ବଳୟ। କେହି, "ସବୁଥିରୁ ବଞ୍ଚିତ କରି କେଉଁ ଯଶବାନା ଉଡାଇବ ହେ... " ଗାଉଥିଲା ବେଳେ କେହି "ଜୀବନ ପାତ୍ର ମୋ ଭରିଛ କେତେ ମତେ ନଦେଲ କିଛି ବୋଲି କହିବି କି ହେ ଆଉ" ବୋଲି କହି କୃତ୍ୟ କୃତ୍ୟ ହୋଇ ଉଠିଛି। ସମସ୍ତେ ତ ସେହି ଅମୃତର ସନ୍ତାନ। ସମସ୍ତଙ୍କୁ ସମାନ୍ ଭାବେ ବାଣ୍ଟି ଦିଆ ଯାଇଛି ଅମୃତସମ ମାଟି, ପାଣି ଓ ପବନ। କିନ୍ତୁ ସବୁଥାଇ ବି କାହିଁକି ଜଣେ ଅସନ୍ତୁଷ୍ଟ ଆଉ କିଛି ନ ଥାଇ ବି କାହିଁକି ଜଣେ ସନ୍ତୁଷ୍ଟ!

ସାଧାରଣତଃ ଅମାପ ଧନ କୁ ସୁଖ ସନ୍ତୋଷ ର ଚାବି କାଠି ବୋଲି ଆମେ ମନେ କରୁ । ଧନ ଠୁଳ କରିବା ପାଇଁ ନିଜ ସ୍ୱାସ୍ଥ୍ୟ, ପରିବାର ଓ ଜୀବନକୁ ବାଜି ଲଗାଉ । କିନ୍ତୁ ଧନ କଣ ପ୍ରକୃତରେ ସୁଖ ଓ ସନ୍ତୋଷ କିଣି ପାରେ ? ଏଇ ନିକଟରେ ବେଙ୍ଗାଲୁରୁ ରେ 58 ଲକ୍ଷ ଟଙ୍କା ପ୍ୟାକେଜରେ ଚାକିରୀ କରିଥିବା ଚବିଶ ବର୍ଷୀୟ ଯୁବକ ଟ୍ୱିଟ୍ କରି ସୁଖର ସମସ୍ତ ସାଧନ ଥିବା ସତ୍ତ୍ୱେ ସେ ଅସୁଖୀ ଏବଂ ସୁଖ କିପରି ପାଇବେ ବୋଲି ପ୍ରଶ୍ନ କରିଛନ୍ତି । ସେ କହିଛନ୍ତି, "ମୋର କାମ କୁ ନେଇ ମୁଁ ଚାପଗ୍ରସ୍ତ ନୁହେଁ, ବେଙ୍ଗାଲୁରୁ ପରି ସହରରେ ମୋ ନିକଟ ରେ ସବୁ ପ୍ରକାର ର ସୁବିଧା ଉପଲବ୍ଧ। କିନ୍ତୁ ମୁଁ ସମ୍ପୂର୍ଣ୍ଣ ଏକାକୀ ହୋଇ ଯାଇଚି। ମୋର ସମସ୍ତ ବନ୍ଧୁ ନିଜ ନିଜର ଜୀବନକୁ ନେଇ ବ୍ୟସ୍ତ। ମୋର କୌଣସି ବାନ୍ଧବୀ ମଧ ନାହାଁନ୍ତି ଯାହାଙ୍କୁ ମୁଁ ମୋ ମନ ର କଥା କହି ପାରିବି । ଗୋଟିଏ ପ୍ରକାର ର ଜୀବନ କୁ ନେଇ ମୁଁ ବିରକ୍ତ ହୋଇ ସାରିଛି । ଏହି କମ୍ପାନୀ ରୁ ମୁଁ କାମ ଆରମ୍ଭ କରିଥିଲି। ଏହାକୁ ଛାଡ଼ି ନୂଆ ଜାଗା କୁ ଯିବା ପାଇଁ ମତେ ଡର ମାଡୁଚି । ନୂତନ ଆହ୍ୱାନକୁ ସାମ୍ନା କରିବାକୁ ମୋର ସାହସ ପାଉନି । ମୁଁ ମୋ ଜୀବନ କୁ ନେଇ ଖୁସି ନୁହେଁ । ମୁଁ ଖୁସି ପାଇବି କିପରି? "

ଯୁବକଙ୍କ ଏହି ପ୍ରଶ୍ନ ଶୁଣି ବିଭିନ୍ନ ଲୋକ ତାଙ୍କୁ ବିଭିନ୍ନ ପ୍ରକାରର ପରାମର୍ଶ ଦେଇଛନ୍ତି । କେହି କହିଚି ଭଲ ଦର୍ଶନୀୟ ସ୍ଥାନ ଦେଖି ବୁଲିବାକୁ ଯାଅ, କେହି ବା କହିଚି ଯେ ବ୍ୟାୟାମଶାଳା ଯିବା ଆରମ୍ଭ କରିଦିଅ। କିନ୍ତୁ ଏସବୁ ସତ୍ତ୍ୱେ ଯୁବକଙ୍କୁ ଖୁସି ମିଳୁନାହିଁ । ଏବେ ଇଣ୍ଟରନେଟରେ ବିତର୍କ ଆରମ୍ଭ ହୋଇଯାଇଛି ଯେ, ପ୍ରକୃତରେ କଣ ଧନ ଦ୍ୱାରା ସୁଖ କିଣି ହେବ କି? କିଛି ଲୋକ କହିଛନ୍ତି ଖୁସି ହେବା ପାଇଁ ଧନ  ନିହାତି ଆବଶ୍ୟକ ଓ ଆଉ କେତେକ କହିଛନ୍ତି, ଧନ ସମ୍ପତ୍ତି ଦେଇ ଖୁସି ଆମଦାନୀ କରି ହେବ ନାହିଁ ।

ଇଉନିଭର୍ସିଟି ଅଫ ପେନସିଲଭିନିଆ ଠାରେ ବ୍ୟକ୍ତିର ଆୟ ଏବଂ ଖୁସିକୁ ନେଇ ଗୋଟିଏ ସର୍ଭେ କରାଯାଇଛି। ଏହି ସର୍ଭେ କରୁଥିବା ହ୍ୱାର୍ଟନ ସ୍କୁଲର ବରିଷ୍ଠ ଗବେଷକ କିଲିଂସ୍ ୱାର୍ଥଙ୍କ କୁହନ୍ତି, ସମୃଦ୍ଧି ସହିତ ଖୁସି ଆସିଥାଏ ମାତ୍ର ଅଧିକ ସମୃଦ୍ଧଶାଳୀ ହେଲେ ଅଧିକ ଖୁସି ମିଳିବ ଏପରି କୁହାଯାଇପାରିବ ନାହିଁ । ଅନ୍ୟ ଏକ ସର୍ଭେ ଅନୁଯାୟୀ ବନ୍ଧୁବାନ୍ଧବଙ୍କ ସାନିଧ୍ୟ ମଣିଷକୁ ଖୁସି ଦିଏ ।  ଯେହେତୁ ସେ ଗୋଟିଏ ସାମାଜିକ ପ୍ରାଣୀ, ଏବଂ ସେ ସୁଖ ଶାନ୍ତିକୁ ଏକାକୀ ଉପଭୋଗ କରି ପାରେ ନାହିଁ। ଅର୍ଥାତ୍ ଯାହା ନିକଟରେ ଯେତେ ସୁବିଧା ତା' ନିକଟରେ ସେତେ ଦ୍ୱିଧା।

ଆସନ୍ତୁ, 'ସୁଖ' ଶବ୍ଦଟିର ସ୍ଥୂଳ ଓ ସୂକ୍ଷ୍ମ ରୂପକୁ ବିଶ୍ଳେଷଣ କରିବା। ଆପଣଙ୍କ ପାଖରେ ତୁଳିତଳ୍ପ ଶେଯ ଦେଖି କେହି ଆପଣ ସୁଖରେ ଅଛନ୍ତି ବୋଲି ଭ୍ରମିତ ହୋଇପାରେ, କାରଣ ଆପଣ ହିଁ ଜାଣନ୍ତି ଯେ କେତେ ବିନିଦ୍ର ରଜନୀ ଆପଣ କାଟି ଛନ୍ତି ତା' ଉପରେ, ନିଦ୍ରାଦେବୀଙ୍କୁ ଅନୁନୟ ପୂର୍ବକ ଆବାହନ କରି ବଟିକା ଗିଳିବା ସତ୍ତ୍ୱେ ସେ କରି ନାହାଁନ୍ତି ଅନୁକମ୍ପା। ପୁଣି କାହା ପାଇଁ ମୁଠାଏ ଅନ୍ନ ସୁଖର ପରିଭାଷା ହୋଇଥିଲାବେଳେ ଆପଣ ଟେବୁଲ ଭର୍ତ୍ତି ସ୍ୱାଦିଷ୍ଟ ବ୍ୟଞ୍ଜନ ଦେଖି ଅଜୀର୍ଣ୍ଣ ବାୟଶୀଳ ପେଟକୁ ଆଉଁସି ଆମ୍ବିଳା ହାକୁଟିଟିଏ ଦେଇ ମୁହଁ ବୁଲାଇ ଆଣିଲା ବେଳକୁ, ନିରୋଳା ଭୋକ ଟିକିଏ ଆପଣ

ଙ୍କୁ ସୁଖର ପ୍ରକୃତ ରୂପ ଭଳି ମନେ ହେଉଛି। କେହି ସନ୍ତାନ ଟିଏ ପାଇଁ ଡହଳବିକଳ ହେଉଛି ତ କେହି ସନ୍ତାନ ଟି ପାଇଁ ହେଉଛି ହନ୍ତସନ୍ତ । କେହି ଚାକିରୀଟିଏ ପାଇଲେ ସୁଖୀ ହେବ ଭାବୁଚି ଆଉ କେହି ଚାକିରୀ ଯୋଗୁ ହେଉଛି ଦୁଃଖୀ। ବର୍ଷା ସମୟରେ ହାତରେ ଥିବା ଛତା, ପରମ ବନ୍ଧୁ ମନେହେଉଥିଲା ବେଳେ ବର୍ଷା ପରେ ତାହା ବୋଝ ପରି ଲାଗେ । ଏସବୁ କହିବାର ଉଦ୍ଦେଶ୍ୟ ହେଉଛି ଯେ ସମୟ ଓ ପରିସ୍ଥିତି ସହିତ ସୁଖର ପରିଭାଷା ବଦଳି ଯାଏ । ପରିସ୍ଥିତି ଏପରି ଉପୁଜେ ଯେ ଆଜି ଯାହାକୁ ଆମେ ସୁଖର କାରଣ ମନେକରିଥିଲେ କାଲି ତାହା ହିଁ ଆମକୁ ପରମ ଦୁଃଖୀ କରାଏ । କବି ଯଥାର୍ଥ ରେ କହିଛନ୍ତି ଯେ,

"ସୁଖ ବୋଲି ଯାହା ଜନନେତ୍ରେ ଦିଶେ,
ହାତେ ଆସେ ହାତୁ ପଡ଼ିବା ପାଇଁ ସେ,
ସୁଖ ନୁହେଁ ତାହା ଅଟଇ ଯେ ଧୂମ,
ଅନ୍ୟ ନାମ ତାର ଆକାଶ କୁସୁମ।"

କଥା ରେ ଅଛି 'ମନ ତୋହର ନିଜ ଗୁରୁ' । ଅର୍ଥାତ୍, ଅସୁଖୀ ମନଟିକୁ ଆପଣ ଯଦି ଚେଷ୍ଟା କରି ବାଆଁରେଇ ଦେଇ ପାରିଲେ ତେବେ ସୁଖ ଆପଣଙ୍କ ହାତ ମୁଠାରେ । ନିଜ ପଚାଶତମ ବିବାହ ବାର୍ଷିକୀ ପାଳନ ଅବସରରେ ଏକ ବିଦେଶୀ ଦମ୍ପତିଙ୍କୁ ସେମାନଙ୍କ ଆନନ୍ଦମୟ ବୈବାହିକ ଜୀବନ ର ରହସ୍ୟ ଯେତେବେଳେ ପଚରାଗଲା, ସେମାନଙ୍କ ଉତ୍ତର ସମସ୍ତ ଙ୍କୁ କରିଥିଲା ଚମତ୍କୃତ। ଉଭୟ କହିଥିଲେ ଯେ "ଆରମ୍ଭ ରୁ ଆମେ ସବୁ ପରିସ୍ଥିତିରେ ଖୁସି ରହିବୁ ବୋଲି ନିଷ୍ପତ୍ତି ଗ୍ରହଣ କରିଥିଲୁ । ଜୀବନରେ ସୁଖ ଓ ଦୁଃଖ ତ' ଦିନ ଓ ରାତି ପରି ଆତଯାତ ହେବ, ମାତ୍ର ତାହାକୁ ଚିନ୍ତାକରି ଜୀବନ ପରି ଅମୂଲ୍ୟ ସମ୍ପଦକୁ ହତାଦର କରିବା ହେବା ମୂର୍ଖାମିର ପରିଚୟ ।" ଅଳ୍ପରେ ସନ୍ତୁଷ୍ଟ ଥିବା ମଣିଷ ଟିଏ ସହଜ ରେ ସୁଖ ପାଏ। ସେ ସେହି ସୁଖ କୁ ନିଜ ପ୍ରିୟ ପରିଜନଙ୍କ ସହିତ ବାଣ୍ଟି, ଅଧିକ ସୁଖ ହାସଲ କରି ସନ୍ତୁଷ୍ଟ ହୁଏ। ଅପରପକ୍ଷେ ଯେତିକି ଅଛି ସେତିକି ରେ ଅସନ୍ତୁଷ୍ଟ ମଣିଷଟିଏ ଆଉ ପାଇବାର ଲୋଭରେ ହାତପାହାନ୍ତାରେ ଥିବା ଖୁସିକୁ ଅଣଦେଖା କରେ। ପାହାଡ଼ ଶିଖର ରେ ପହଁଚି ଖୁସି ହେବି ଭାବି ବାଟରେ ମିଳୁଥିବା କୋଳି ଓ ବଣୁଆ ଫଳକୁ ଚାଖି ପାରେନା, ବୁଦା ମୂଳରେ ନୀରିହ ଠେକୁଆ ଓ ହରିଣ ଆଦିଙ୍କୁ ନିରେଖି ପାରେନା, କଳ କଳ ହୋଇ ଝରି ଯାଉଥିବା ଜଙ୍ଗଲି ଝରଣା ର ମିଠା ପାଣିର ସୁଆଦ ଜାଣି ପାରେନା। ପାହାଡ଼ ଚଢ଼ିଲା ପରେ ସେ ଖୁସି ତ ହୁଏ ମାତ୍ର କିଛି କ୍ଷଣ ପରେ ତାହା ତାକୁ ଆହୁରି ଉଚ୍ଚ ପାହାଡ଼ର ଆହ୍ୱାନ ଦିଏ । ଜୀବନ ହିଁ ଏମିତି, ସୁଖୀ ଓ ଦୁଃଖୀ ହେବା ପାଇଁ ସେ ଆପଣ ଙ୍କୁ ଅନେକ ବାହାନା ଯୋଗାଇ ଦିଏ। ଜଣଙ୍କ ର ଦାମୀ ଚପଲ ଦେଖି ଆପଣ ନିଜ ଶସ୍ତା ଚପଲ ପାଇଁ ଈଶ୍ୱରଙ୍କୁ ଦୋଷ ଦେଇ ଅସନ୍ତୁଷ୍ଟ ହେଉଥିଲା ବେଳେ, ଯଦି ଆପଣ ନିଜକୁ ବୁଝେଇ ଦେଇ ପାରିଲେ ଯେ, ଈଶ୍ୱର କେତେ ଦୟାଳୁ, ସେ ଆପଣଙ୍କୁ ଚପଲ ପିନ୍ଧିବାର ଯୋଗ୍ୟତା ଦେଇଛନ୍ତି ତେବେ ଆପଣ ସୁଖୀ ଓ ଆପଣଙ୍କ ମନଟି ସନ୍ତୁଷ୍ଟ।

ତେବେ ଆନନ୍ଦର କଥା କଣ ଜାଣନ୍ତି, ପଛୁଆ, ଗରିବ , ଭୋକିଲା ପରି ଅପଖ୍ୟାତି ଅର୍ଜନ କରିଥିବା ଆମ ମାତୃଭୂମି ଏବେ ସୁଖୀ ତାଲିକାରେ ରହିଛି ତୃତୀୟ ସ୍ଥାନରେ । ମାନବ ସମ୍ବଳ ସଂସ୍ଥା ହ୍ୟାପିପ୍ଲସ କନସଲଟିଂ ପକ୍ଷରୁ ପ୍ରସ୍ତୁତ ହ୍ୟାପିନେସ ସର୍ଭେ ଦ୍ୱାରା ପ୍ରସ୍ତୁତ ରିପୋର୍ଟ ଅନୁଯାୟୀ ପୂର୍ବ ବର୍ଷ 16ତମ ସ୍ଥାନରେ ଥିବା ଓଡିଶା ଏବେ ବିଶାଳ ଲମ୍ଫ ପ୍ରଦାନ କରି ରହିଚି ତୃତୀୟ ସ୍ଥାନରେ । ରିପୋର୍ଟ ଅନୁସାରେ ଦେଶର ସବୁଠାରୁ ସୁଖୀ ରାଜ୍ୟ ହିମାଚଳ, ଏହାପରେ ମହାରାଷ୍ଟ୍ର, ତୃତୀୟରେ ଓଡିଶା ଓ ଚତୁର୍ଥ ରେ କେରଳ। ଏବଂ ତାଲିକା ରେ ସବୁଠାରୁ ତଳେ ରହିଚି ଉତ୍ତର ପ୍ରଦେଶ। ଉତ୍ତମ ଶାସନ ଓ କଲ୍ୟାଣ ମୂଳକ ପଦକ୍ଷେପ ଯୋଗୁ ଓଡିଶା, ଦେଶର ତୃତୀୟ ସୁଖମୟ ରାଜ୍ୟରେ ପରିଣତ ହୋଇଛି ଏବଂ ଯେଉଁ ମାପକ ଗୁଡିକୁ ନେଇ ଏହି ସର୍ଭେ କରାଯାଇ ଥିଲା, ସେଗୁଡିକ ହେଉଛି, ସକାରାତ୍ମକ ଓ ନକାରାତ୍ମକ ପ୍ରଭାବ, ସାମାଜିକ ସହାୟତା, ପସନ୍ଦକୁ ନେଇ ସ୍ୱାଧୀନତା, ଉଦାରତା, ଦୁର୍ନୀତି ର ଧାରଣା... ଇତ୍ୟାଦି ଇତ୍ୟାଦି।
କଣ ଆଜ୍ଞା... ଏଥର ଆପଣ ଖୁସି ତ..! କେହି ଆଉ ଆପଣଙ୍କୁ ମଫ, ପଖାଳ ଖିଆ ଓଡ଼ିଆ କହି ଥଟ୍ଟା କଲେ ଆପଣ ନିଜ ଖୁସି ବ୍ୟକ୍ତ କରି ଗର୍ବର ସହିତ କହିବେ ଯେ, ହଉ ହେଲା ଆମେ ପଖାଳ ଖିଆ, କିନ୍ତୁ ଆମ ଠାରୁ ସୁଖୀ କିଏ ଯେ !

■■■

କଳିଙ୍ଗ ନଗର, ଭୁବନେଶ୍ୱର
ମୋ-୯୪୩୭୪ ୫୩୬୧୦

# ସଚ୍ଚୋଟ ପକେଟ୍‌ମାର୍



**ଡା.ଘନଶ୍ୟାମ ଜୈନ**

ଡା.ଶଶିଭୂଷଣ ତ୍ରିପାଠୀ ଏକ ଅଭିଜ୍ଞ ଲୋକପ୍ରିୟ ସ୍ତ୍ରୀରୋଗ ବିଶେଷଜ୍ଞ । ସୁଦୁର କଟକ ସହରରେ ଘର । କିନ୍ତୁ ଭବାନିପାଟଣା ଜିଲ୍ଲା ସଦର ଡାକ୍ତରଖାନାରେ ଅବସ୍ଥାପିତ ଥା'ନ୍ତି । ତେଣୁ ପ୍ରାୟ ପ୍ରତ୍ୟେକ ମାସେ, ଦୁଇମାସ ଅନ୍ତରାଳରେ ଥରେ କଟକ ଯିବାକୁ ହୁଏ । ଭାରି ପ୍ରଫୁଲ୍ଲ ଚେହେରା । ମନଖୋଲା ହସ ହସନ୍ତି । ଖୋଲା ହୃଦୟରେ କଥାବାର୍ତ୍ତା କରନ୍ତି। ଭୁଲକୁ ଭୁଲ କହିବା ଏବଂ ଠିକ୍ କୁ ଠିକ୍ କହିବା ପାଇଁ, ସେ ଯେତେ ବଡ଼ଲୋକ ହେଇଥାଉନା କାହିଁକି, କେବେ ଦ୍ୱିଧା ପ୍ରକାଶ କରନ୍ତି ନାହିଁ । ସେଇଥିପାଇଁ ତ' ସେ ଡାକ୍ତର ମହଲରେ ବେଶ୍ ଲୋକପ୍ରିୟ ।

ହେଲେ, ସେଦିନ ହସ୍‌ପିଟାଲରେ ଆଉଟଡୋର ଚେୟାରରେ ବଡ଼ ଅବସାଦଗ୍ରସ୍ତ ଚେହେରାଟିଏ ନେଇ ବିଷର୍ଣ୍ଣ ବଦନରେ ଚୁପ୍ ଚାପ୍ ବସିଥା'ନ୍ତି ଏସ୍.ବି.ସାର.(ତାଙ୍କୁ ସମସ୍ତେ ଆଦରରେS B sir ଡାକନ୍ତି) । ସାଧାରଣତଃ ଦିନ ୧୨ଟାରେ ଆଉଟଡୋର ସରିଗଲା ପରେ ସେ ବାହାରକୁ ଚାଲିଯା'ନ୍ତି ପାଖରେ ଥିବା ଏକ ଚା' ଦୋକାନକୁ । ସିଗାରେଟଟିଏ ଟାଣି ଚା'କପେ ପିଇ ସେଇଠୁଁ ଆନନ୍ଦ ମନରେ ଫେରନ୍ତି ଘରକୁ । ସେଦିନ କିନ୍ତୁ ଦେଖାଗଲା ଏକ ବ୍ୟତିକ୍ରମ । ନା' ସେ ଗଲେ ଚା' ଦୋକାନକୁ  ନା' ଘରକୁ । ସେଇମିତି ଚୁପ୍ ଚାପ୍ ମୁଣ୍ଡ ତଳକୁ କରି ବସି ରହିଲେ ଚେୟାର ଉପରେ ଏବଂ ହଜି ଯାଇଥିଲେ କେଉଁ ଏକ ଗଭୀର ଭାବନା ଭିତରେ ।

ତାଙ୍କର ଏ ପ୍ରକାର ଅପ୍ରାକୃତିକ ଭାବ ଦେଖି ତାଙ୍କ ସହପାଠୀ ଏବଂ ସହକର୍ମୀ ସର୍ଜରୀ ସ୍ପେଶାଲିଷ୍ଟ, ଯିଏ ତାଙ୍କ ସହିତ ଅନେକ ଥର ନିରୋଳାରେ ଥଟ୍ଟା ପରିହାସ କରନ୍ତି, ଡା.ଶ୍ୟାମ ସୁନ୍ଦର ଦାସ, ହଠାତ୍ ତାଙ୍କ ଚେମ୍ବର ଭିତରକୁ ପଶି ଆଶି କହିଉଠିଲେ,"ଆରେ ଶଶି, କ'ଣ ହେଉଛି? ଏମିତି ମୁହଁ ଶୁଖେଇ ମୁଣ୍ଡ ତଳକୁ କରି ବସିରହିଛୁ କାହିଁକି ? ସତେ ଯେମିତି ତୋର ପକେଟମାର ହେଇ ଯାଇଛି! କ'ଣ ,କଥା କ'ଣ?"

ମୁଣ୍ଡ ଉଠେଇ ବଡ଼ ଗାମ୍ଭୀର୍ଯ୍ୟପୂର୍ଣ୍ଣ ଭାବରେ SB ସାର୍ କହିଉଠିଲେ'"ହଁ ରେ ଭାଇ, ସେ' ଯା ହିଁ ହେଉଛି। ଶଳା କୋଉ ଯୋଗରେ ଏଥର ଘରକୁ ଯାଇଥିଲି ଯେ' ସବୁ ଅଘଟଣ । ଆସିଲାବେଳେ ବାଦାମବାଡ଼ିରେ ବସ୍ କୁ ଅପେକ୍ଷା କରୁ କରୁ ବାହାରେ କିଛିଟା ବୁଲାବୁଲି କଲା ଭିତରେ କିଏ ଜଣେ ଧୂର୍ତ୍ତ ମୋ'ର ପକେଟମାର କରି ଦେଲା। ବୁଝିଲୁ,ଏଇ ଦେଶରେ ନିୟମ, କାନୁନ ଆଉ ପୋଲିସ୍ ବୋଲି କିଛି ଆଉ ନାହିଁ ।  ଏଇଟା ଗୋଟିଏ ନିତିଦିନିଆ ଘଟଣା ହେଇ ଗଲାଣି। କ'ଣ କହିବି ଆଉ, ଏଇ ଦେଶର ଆଉ କିଛି ହେଇପାରିବନି । ଶଳା କୋଉ ଯୋଗରେ ଏଥର ଘରକୁ ଯାଇଥିଲି ଯେ' ସବୁ ଅଘଟଣ ।

"ହଉ, ହଉ, ଚିନ୍ତା କରନା । ସବୁ ଠିକ୍ ହେଇଯିବ। କ'ଣ ବେଶି ନୁକସାନ୍ ହେଇଗଲା କି?"
"ନା, ନା, ସେଇ ପଇସା ପତ୍ର ନୁକସାନିଟା କିଛି ବଡ଼ କଥା ନୁହେଁ। ତା'

ଭିତରେ ମୋର ସବୁ ଇମ୍ପୋର୍ଟେଣ୍ଟ ଡୋକ୍ୟୁମେଣ୍ଟ ମଧ୍ୟ ଥିଲା। D. I ., ATM CARD, ID CARD, PAN CARD, ଆଉ ତା' ସାଙ୍ଗକୁ ମୋ ଝିଅର ସାନ ବେଳର ସୁନ୍ଦର ଫୋଟୋଟିଏ । ଯାହାକୁ ଆଜି ପର୍ଯ୍ୟନ୍ତ ଅତି ଯତ୍ନରେ ରଖିଥିଲି । କ'ଣ କରିବି କହିଲୁ, ବାକିସବୁ ସିନା ଦୌଡ଼ା ଦୌଡ଼ି କରି ପାଇଯିବି । ହେଲେ ସେଇ ମୋର ଅତି ପ୍ରିୟ ଫୋଟୋ ଟା ! ଆଉ କଣ ପାଇବି? ଶଳା ଚୋରଙ୍କୁ ମରଣ ବି ହଉନି। ଯୁଆଡ଼େ ଦେଖିବ, ଖାଲି ଚୋରି, ଡ଼କାୟତି ଆଉ ଲୁଟ । ମଣିଷ କେଉଁଠି ହେଲେ ଟିକେ ସୁରକ୍ଷିତ ନୁହେଁ।" ହଉ, ହଉ, ବ୍ୟସ୍ତ ହ ନା।ଯା ହେବାର ଥିଲା, ହେଇଗଲା। Time heal s al l  wounds. ଚାଲ୍ ଯିବା, ଚା' ଟିକେ ପିଇଦେଇ ଆସିବା ।"

ଏତିକି କହି ଚେୟାରରୁ ଉଠିଲା ବେଳକୁ କୁରିଅରବାଲା ଗୋଟିଏ ଲଫାପା ପାର୍ଶଲ ଆଣି ଧରେଇ ଦେଲା ଡା.ତ୍ରିପାଠୀଙ୍କୁ । ସେ ଆଶ୍ଚର୍ଯ୍ୟ ହେଇ ପଚାରିଲେ,"ମୁଁ ତ କିଛି ମଗେଇନିରେ ବାବା । ଯେ ପୁଣି କଣ?"

"ଆପଣଙ୍କ ନାଁରେ ଆସିଛି ସାର୍ । କଟକରୁ ଅର୍ଜେଣ୍ଟ କରି । ମୁଁ ଜାଣି ନି ! ଆପଣ ରିସିଭ୍ କରି ଖୋଲି ଦେଖନ୍ତୁ ନା!" କହିଉଠିଲା । କୁରିଅର ବଏ।

ତ୍ରିପାଠୀବାବୁ ଥର ଥର ହାତରେ ଏନ୍‌ଭେଲପ୍ ଟାକୁ ନେଇ ଖୋଲି ଯାହା ଦେଖିଲେ, ସେଥିରେ ତାଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ। ତା'ରି ଭିତରେ ସେଇ ଚିରାଚରିତ ପୁରୁଣା ପର୍ସଟି । ଆହୁରି ଆଶ୍ଚର୍ଯ୍ୟର କଥା, ପର୍ସ ଭିତରେ କେବଳ ପଇସା ଛାଡ଼ି ବାକିସବୁ Documents ଏବଂ ତାଙ୍କ ପ୍ରିୟ ଝିଅଙ୍କ ଫୋଟୋ ଯଥାବତ୍ ରହିଛି ଏବଂ ତା' ସାଙ୍ଗକୁ ଅଛି ଏକ ଲମ୍ବା ଭାବନାତ୍ମକ ଚିଠି । ସେଥିରେ ଲେଖା ଥିଲା-

ପୂଜନୀୟ ଡାକ୍ତରବାବୁ, ମୋର ସାଦର ପ୍ରଣାମ ଗ୍ରହଣ କରିବେ ଏବଂ ମୋର ଏଇ ଧୃଷ୍ଟତା ପାଇଁ ମୋତେ କ୍ଷମା କରିବାକୁ ବିନମ୍ର ଅନୁରୋଧ। ମୁଁ ହିଁ ଆପଣଙ୍କ ପକେଟମାର, କିନ୍ତୁ ଇମାନଦାର ପକେଟମାର। ମୁଁ କେବଳ ପଇସା ପାଇଁ ପକେଟମାର୍ କରେଁ । ଅନ୍ୟ କୌଣସି ଉଦ୍ଦେଶ୍ୟ ନାହିଁ । ତେଣୁ ମୋ ଦ୍ୱାରା ଶରବ୍ୟ ହେଇଥିବା ବ୍ୟକ୍ତି ପଇସା ଛଡ଼ା ଅନ୍ୟ କୌଣସି Documents ବା କାଗଜପତ୍ର ପାଇଁ ହଇରାଣ ନ ହୁଅନ୍ତୁ, ଏହା ମୋର ଆନ୍ତରିକ ଇଚ୍ଛା । ତେଣୁ ମୁଁ ପଇସାତକ ରଖି ବାକିସବୁ ଆପଣଙ୍କୁ ଫେରସ୍ତ ପଠେଇ ଦେଉଛି । ଯେମିତି ଆପଣ ହଇରାଣ ନ ହୁଅନ୍ତି । ଆପଣ ବୋଧହୁଏ ମୋତେ ଅନେକଟା ଗାଳି କରୁଥିବେ । ଅନେକଟା ଅଭିଶାପ ମଧ୍ଯ ଦେଉଥିବେ । ଆପଣଙ୍କ ସେ ଅଧିକାର ମଧ୍ଯ ନିଶ୍ଚୟ ଅଛି ସାର୍ । ସେଇଥିପାଇଁ ମୁଁ ଆଗରୁ କ୍ଷମା ମାଗି ନେଇଛି ।

ଦ୍ୱିତୀୟ କାରଣ ହେଉଛି ଏକ ପ୍ରଶ୍ନ । କୁହନ୍ତୁ ସାର୍,ଏ ଦୁନିଆରେ କିଏ ପକେଟ ମାର୍ କରୁନି ? ସମସ୍ତେ ପ୍ରାୟ ନିଜ ନିଜ ଶୈଳିରେ ଏ'ଠି ପକେଟମାର୍ କରିଥାନ୍ତି । ହେଇ ଆପଣଙ୍କ ବୃତ୍ତିରେ ନିଅନ୍ତୁ (କ୍ଷମା କରିବେ,ଏଇ ଧୃଷ୍ଟତା ପାଇଁ) । ସକାଳୁ ୨ ଘଣ୍ଟା ବିଳମ୍ବରେ ଯାଇ ଘରେ ବସି ପ୍ରାଇଭେଟ ପ୍ରାକ୍ଟିସ କରିବାଟା ସରକାର ତଥା ଜନସାଧାରଣଙ୍କ ଅମୂଲ୍ୟ ସମୟର ପକେଟମାର ନୁହେଁ କି? ଯନ୍ତ୍ରୀ ଏବଂ ମନ୍ତ୍ରୀମାନେ ବଟି ନେଇ ଜନତାର ପକୋମାର କରୁନାହାନ୍ତି କି? ବ୍ୟବସାୟୀମାନେ ନକଲି ଜିନିଷ ଦେଇ ଠକାମି କରି କ'ଣ ଲୁଟ କରୁ ନାହାନ୍ତି କି? ଏପରିକି ଧର୍ମ ନାମରେ ତଥାକଥିତ ଧର୍ମଗୁରୁମାନେ ନୀରିହ ଜନତାଙ୍କୁ ମୁର୍ଖ ବନେଇ ପକେଟମାର କରୁନାହାନ୍ତି କି?

ଏଇମିତି ଅନେକ କଥା ସାର୍ ।ହେଲେ ଛାଡ଼ନ୍ତୁ ସେ ସବୁ । ଆପଣଙ୍କ ପର୍ସ ପାଇ କିଛିଟା ଦୁଃଖ ଲାଘବ ହେଇ ଯାଇଥିବ ନିଶ୍ଚୟ। ଆପଣଙ୍କ କୁନି ଝିଅଟା ବେଶ୍ ସୁନ୍ଦର ହେଇଛି । ଭଗବାନ ତା'ର ମଙ୍ଗଳ କରନ୍ତୁ । ପୁଣି ଥରେ କ୍ଷମା ପ୍ରାର୍ଥନା ପୂର୍ବକ,

ଆପଣଙ୍କର
ଇମାନଦାର୍ ପକେଟମାର୍

ଚିଠିଟା ପଢିଲା ପରେ ଭାବବିହ୍ୱୋଳ ହୋଇଉଠିଥିଲେ ଡାକ୍ତରବାବୁ । ଡା. ତ୍ରିପାଠୀଙ୍କ ଆଖିରେ ଲୁହ ଜକେଇ ଆସୁଥିଲା । ସେ ଇମାନଦାର ପକେଟ୍ ମାର ପ୍ରତି ଶ୍ରଦ୍ଧାଭାବ ପ୍ରସ୍ଫୁଟିତ ହେଉଥିଲା ଡା. ତ୍ରିପାଠୀଙ୍କ ହୃଦୟରେ। ସାମନାରେ ବସିଥିବା ଡା. ଦାସ ବେଶ୍ ଜାଣିପାରୁଥିଲେ ଡା. ତ୍ରିପାଠୀଙ୍କ ହୃଦୟର ଭାବକୁ । ପର୍ସକୁ ପକେଟରେ ରଖି ଡା. ତ୍ରିପାଠୀ କହି ଉଠିଲେ," ହଉ ଶ୍ୟାମ, ଚାଲ ଏଥର । ଆଜି ଦୁଇ କପ ନୁହେଁ, ତିନି କପ ଚା' ପିଇବା । ଗୋଟିଏ ଏକ୍ସଟ୍ରା କପ ସେଇ ଇମାନବାର ପକେଟ୍ ମାର ନାଁ ରେ |"

■■■

ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ,
ଟିଟିଲାଗଡ଼

# ଏ ପୁଅ, ସେ ପୁଅ ନୁହେଁ

ବିରଞ୍ଚି ମିଶ୍ର



ସେ ଦିନ ଗାଁରେ ଗୋଟିଏ ବଡ ସଭାର ଆୟୋଜନ ହୋଇଥାଏ । ଆଖ ପାଖ ଗାଁର ଲୋକେ ବି ଜମା ହୋଇଥାନ୍ତି । ଅବସର ଥାଏ ଗାଁର ଗୋଟିଏ ପୁଅକୁ ସମ୍ବର୍ଦ୍ଧନା ଦେବାର । ତଳିପଡାର କୁମାର ଗୁରୁର ପୁଅ, ଏମିତିରେ ତ ମୋଟା ଦରମାରେ ଏକ ବଡ କମ୍ପାନୀ ଚାକିରୀ କରିଛି ବୋଲି ଶୁଣା ଯାଉଥିଲା ଏବେ ସେ କଅଣ ଗୋଟେ ଗବେଷଣା କରି ଖୁବ୍ ନାଁ କମେଇଛି । ସମ୍ବର୍ଦ୍ଧନା ସଭା ସେଇଥି ପାଇଁ ।

ପୁଅ ଆସି ପହଞ୍ଚିଲା ପରେ ସଭା ଆରମ୍ଭ ହେଲା । ମୁଖିଆ ମାନଙ୍କଠାରୁ ଆରମ୍ଭ କରି ଟୋକା ପର୍ଯ୍ୟନ୍ତ ବହୁ ଲୋକ ଗଦ୍ ଗଦ୍ ହୋଇ ପୁଅକୁ ପ୍ରଶଂସାରେ ପୋତି ପକେଇଲେ, ଆଉ କହିଲେ, ତା' ପାଇଁ ଏ ଅନାମଧେୟ ଗାଁର ସମ୍ମାନ କେତେ ଉପରକୁ ଉଠି ଯାଇଛି, ସେମାନେ ଆଜି ଗର୍ବରେ ଫାଟି ପଡୁଛନ୍ତି, ଇତ୍ୟାଦି ଇତ୍ୟାଦି । ତା' ସହିତ ଗାଁର ସମସ୍ୟା ଓ ଅଭାବ ଅସୁବିଧା କଥା ବି କହି ସାହାଯ୍ୟ କରିବାକୁ ଅନୁରୋଧ କଲେ ।

ଶେଷରେ ପୁଅର ପାଳି, ସମ୍ବର୍ଦ୍ଧନାର ଉତ୍ତର ଦେବାର । ସେ ଉଠିଲା । ପ୍ରାରମ୍ଭିକ ସଂଭାଷଣ ପରେ, ସେ ଟିକେ ଗମ୍ଭୀର ସ୍ୱରରେ କହିଲା,

"ଆପଣମାନେ ମୋ ପାଇଁ ଆୟୋଜନ କରିଥିବା ଏ ସମ୍ବର୍ଦ୍ଧନା ପାଇଁ ମୁଁ କୃତଜ୍ଞ । ତେବେ ଆପଣମାନେ ଯୋଉ ପୁଅ କଥା ଭାବୁଛନ୍ତି, ମୁଁ ସେ ପୁଅ ନୁହେଁ । ସେ ପୁଅ ତ ସେହି ଦିନ ମରିଯାଇ ଥିଲା ଯୋଉଦିନ ସେ ଏ ଗାଁ ଛାଡି ସହରକୁ ଯାଇଥିଲା ।"

ଏ କଥା ଶୁଣି ସଭାରେ ଉପସ୍ଥିତ ସମସ୍ତେ ପରସ୍ପରକୁ ଅନାଅନି ହେଲେ । ପୁଅଟି କାହିଁକିଏମିତି କହିଲା, କେହି ଜାଣି ପାରିଲେ ନାହିଁ । ପୁଅଟି କିନ୍ତୁ କହି ଚାଲିଲା,

"ସେ ଦିନର କଥା  ମନେ ପକାନ୍ତୁ । ମୋର ଉଚ୍ଚ ଶିକ୍ଷା ପାଇଁ ମୋ ବାପା ଆପଣମାନଙ୍କଠୁ ସାହାଯ୍ୟ ମାଗୁଥିଲେ । ସାହାଯ୍ୟ ତ ଦୂରର କଥା, କେହି ଧାର ଦେବା ପାଇଁ ବି ରାଜି ହେଲେ ନାହିଁ ।  ମୋର ବୃତ୍ତି ପଇସାରୁ କେତେ କଷ୍ଟରେ ମୁଁ ପାଠ ପଢିଲି, ମୁଁ ହିଁ ଜାଣିଛି । କେତେ ଜଣ ଅଧ୍ୟାପକ ସାହାଯ୍ୟ କରି ନ ଥିଲେ, ହୁଏତ ମୁଁ ଅଧା ପାଠରୁ ଫେରି ଆସିଥାନ୍ତି ।"

ସଭାରେ ସଂପୂର୍ଣ୍ଣ ନୀରବତା ଛାଇଗଲା । ପୁଅଟି କହିବା ଜାରୀ ରଖିଲା,

"ଆଜି ଯୋଉ ପୁଅକୁ ଆପଣମାନେ ଡାକିଛନ୍ତି, ସେ ପଇସା ରୋଜଗାର କରୁଥିବା, ନାଁ କମେଇଥିବା ପୁଅ । ତାକୁ ସମ୍ବର୍ଦ୍ଧନା ଦେବା ଆଳରେ ସାହାଯ୍ୟ ପାଇଁ ଡାକିଛନ୍ତି । କିନ୍ତୁ ସେ କାହିଁକି ସାହାଯ୍ୟ କରିବ ?"

ଗାଁ ଲୋକେ ଏବେ ପୁସୁରୁ ଫାସୁରୁ ହେବାକୁ ଲାଗିଲେ । କିଛି ଲୋକ କହିଲେ, ସେ ଠିକ୍ କହୁଛି । ଆଉ କିଛି ଲୋକ କୁହାକୋହି ହେଲେ, ପଇସା କିଛି କମେଇ ଦେଲା ବୋଲି ଗର୍ବ ବଢି ଯାଇଛି । ଯୋଉମାନେ ସାହାଯ୍ୟ କରିବାକୁ ମନା କରିଥିଲେ, ସେମାନେ ମୁଣ୍ଡ ତଳକୁ କରି ଚୁପ୍ ଚାପ୍ ବସି ରହିଲେ । ତେବେ ସମସ୍ତେ ଟିକେ ନିରାଶ ହୋଇ ଗଲେ, କାଳେ ସେ ଗାଁକୁ କିଛି ସାହାଯ୍ୟ କରିବନି ।

ଲୋକେ କଅଣ ଭାବୁଛନ୍ତି ଚିନ୍ତା ନ କରି  ପୁଅଟି କହିଲା,

"ହେଲେ ଆପଣମାନେ ଚିନ୍ତା କରନ୍ତୁ ନାହିଁ । ସେ ପୁଅ ମୋତେ କହି ଦେଇ ଯାଇଛି, ମା ଓ ମାଟିକୁ କେବେ ନ ଭୁଲିବାକୁ ।  ଖାଲି ଏ ଗାଁ ନୁହେ, ଏ ପଞ୍ଚାୟତର ସବୁ ଗାଁକୁ, ଏ ପୁଅ ପୋଷ୍ୟ କରିବ ।"

■■■

ଶ୍ରୀକ୍ଷେତ୍ର, ପୁରୀ

# ଦରଦୀ କରବୀ

ମନୋରମା ମିଶ୍ର



କାର୍ ଟା ଲୋକଗହଳି ଆଡେଇ କମ ସ୍ପିଡ୍ ରେ ଗଡି ଯାଉ ଯାଉ କରବୀ ପାଖ ସିଟ୍ ରୁ ପାଟିକଲା - ଗାଡି ଅଟକାଅ ଦୀପ୍ତେଶ୍ । ଗାଡିଟା ଟିକେ ବାଟ ଗଡିଯାଇ ରହିଗଲା । ସେତେବେଳକୁ ଭିକାରୁଣୀଟି ଦଉଡିଆସି ସେଠି ଗାଡି ଡୋର୍ ପାଖରେ ହାତ ପତାଇଦେଲାଣି । କରବୀ କିନ୍ତୁ ଗାଡିର ଡୋର୍ ଖୋଲି ବାହାରି ଆସିଲା । ଉଗ୍ର ଆଧୁନିକା , ସର୍ଟକଟ୍ ପୋଷାକ। ଶରୀରଟା ଯେମିତି ସଫା ଚମଡା ଏବଂ ଗାଢରଙ୍ଗ ପୋଷାକରେ ପାଂଚଭାଗ ହୋଇଯାଇଛି । ପାଦଠାରୁ ଜଙ୍ଘ ପର୍ଯ୍ୟନ୍ତ ଖୋଲା । ନିତମ୍ବରେ ବିନାକୁଂଚର ସ୍କର୍ଟଟି। ତା' ପରେ ପେଟର ଖାଲି ଅଂଶ। ତା'ଉପରକୁ ଏବଂ କାନ୍ଧର ଯଥେଷ୍ଟ ତଳକୁ ଟପ୍ସଟିଏ । ସରୁ ଫିତା ଦୁଇଟି ଯାହା କାନ୍ଧ ଉପରକୁ ଉଠିଯାଇ ବେକ ପଛପଟେ ବନ୍ଧାଯାଇଛି । କେଶ ମୁକୁଳା ହୋଇ ଖୋଲା ବେକ ଓ ଛାତିକୁ ଘୋଡାଇବାର ବ୍ୟର୍ଥ ପ୍ରଚେଷ୍ଟା କରୁଛି।

ଏଇ ଉଗ୍ର ଆଧୁନିକତା ସତ୍ତ୍ୱେ କରବୀର ଦରଦୀ ମନ ଭିକାରୁଣୀର ଡାକରେ ଗାଡି ଅଟକାଇବାକୁ ନିର୍ଦ୍ଦେଶ ଦେଇଥିଲା । କରବୀ କୋଡିଏ ଟଙ୍କିଆ ନୋଟ୍ ଟିଏ ଭିକାରୁଣୀର ଶୀର୍ଣ୍ଣ ପାପୁଲିରେ ଦାତାପଣର ଅହଂଭାବ ନେଇ ପକାଇଦେଇଲୋକଗହଳିଆଡେଦୃଷ୍ଟିବୁଲାଇଆଣିଲା।ବୁଦ୍ଧିବୃତ୍ତିସମ୍ପନ୍ନକିଛିଦର୍ଶକତାକୁଲକ୍ଷ୍ୟକରିବୁଝିପାରୁଥିଲେଯେ-କରବୀ ଖାଲି ନିଜ ଚେହେରା ଦେଖେଇବା ପାଇଁ ଏ ଜନଗହଳି ସ୍ଥାନରେ ଭଲ ଆଖିଦୃଶିଆ ବାହାନାଟିଏ ବାଛିନେଇଛି।

ଭିକାରୁଣୀଟି ଏସବୁ ନବୁଝି ଏହି ଲୋକଗହଳି ଭିତରେ ଖୁବ୍ ସଙ୍କୋଚ ଅନୁଭବ କରି ନିଜର ଦରଛିଣ୍ଡା ଛୋଟିଆ ଶାଢିଟିକୁ ମୁଣ୍ଡରେ ଓଢଣା ଦେଇ ଘୋଡେଇ ହୋଇ ପଡିବାର ବ୍ୟର୍ଥ ପ୍ରୟାସ କରୁ କରୁ କିଛି ଆଗପଛ ଚିନ୍ତା ନକରି ଦୟାବତୀ ଯୁବତୀଟିକୁ ପୁରୁଣା ଶାଢିଟିଏ ମାଗି ବସିଲା।

ହାଏ ! କରବୀର ନିଜସ୍ୱ ରୂପ ସଙ୍ଗେ ସଙ୍ଗେ ପ୍ରକଟିତ ହୋଇଗଲା । ତମ ତମ ହୋଇ କହିଲା,"ମୁଁ କ'ଣ ଶାଢି ପିନ୍ଧୁଛି ନା ପୁରୁଣା ଶାଢି ଧରି ବୁଲୁଛି ? ମୁଁ ତ ତୋ'ଠାରୁ କମ୍ ପୋଷାକ ପିନ୍ଧି ବେଶ୍ ଫ୍ରି। ତୁ କାହିଁକି ଏତେ ଅଧିକା କପଡା ଦେହରେ ରଖି ଏମିତି ଜାକିଜୁକି ହେଉଛୁ ?" ତା'ର ଏମିତି କଥା ଶୁଣି ଭିକାରୁଣୀଟି ମୁହଁ ଶୁଖାଇ ଦେଇଥିଲା ଏବଂ କରବୀ ସମସ୍ତଙ୍କ ଆଡକୁ ଏକ ଅବଜ୍ଞାର ଚାହାଣୀ ଫିଙ୍ଗିଦେଇ କାର୍ ଭିତରକୁ ପଶିଯାଇଥିଲା ।

ନୀଳାଦ୍ରି ବିହାର, ଭୁବନେଶ୍ୱର-୨୧
ମୋ - ୮୬୩୭୨୧୩୦୨୦

■■■





# ବାବାଙ୍କ ସାଇକେଲ

ବିନୋଦିନୀ ଗଉଡ଼



ସବୁଦିନ ଚାରିଟା ବେଳେ, ପୁଅକୁ ଆଣିବା ପାଇଁ ପ୍ରତୀକ୍ଷାରତ ବନ୍ଦିତାର ଦୃଷ୍ଟି ଆକର୍ଷଣ କରନ୍ତି ସେଇ ବୁଢା ମଉସା ଜଣକ, ଯିଏ ସାଇକେଲରେ ପେଡାଲ୍ ମାରି ଧିରେ ଧିରେ ଯାଉଥାନ୍ତି ରାସ୍ତା ଉପରେ । ମଉସାଙ୍କୁ ଦେଖିଲେ ତା' ବାବାଙ୍କ କଥା ବେଶୀ ମନେପଡେ । ବାବାଙ୍କ ଚାକିରୀ ଜୀବନ, ଅବସର ପରବର୍ତ୍ତୀ ସମୟରେ ଯିବା ଆସିବା କରିବାପାଇଁ ସାଇକେଲ ଥିଲା ତାଙ୍କର ଏକମାତ୍ର ବାହାନ ।

ବାବା ଥିଲେ ତାଙ୍କ ଗାଆଁର ପ୍ରଥମ ଡିପ୍ଲୋମା ଇଞ୍ଜିନିୟର। ପାଠ ସରିବା ସଙ୍ଗେ ସଙ୍ଗେ ପୋଷ୍ଟିଂ ମିଳିଥିଲା ତାଳଚେର ଥର୍ମାଲରେ । ଚାକିରୀର ତିନି ମାସ ପରେ ସେ କିଣିଥିଲେ ରାଲି ସାଇକେଲଟିଏ, ତାଙ୍କ ଗୋଟିଏ ମାସର ଦରମା ଟଙ୍କାରେ। ନୂଆ ସାଇକେଲ ଚଢି ଅଫିସ ଗଲା ବେଳେ ଏତେ ଖୁସି ଲାଗୁ ଥିଲା ସତେକି  ଉଡାଜାହାଜରେ ଉଡୁଛନ୍ତି ଅବା।

ତା'ପରେ ବାହାଘର, ପିଲାମାନଙ୍କ ଜଞ୍ଜାଳ ଭିତରେ କୁଆଡେ ବିତିଗଲା ବର୍ଷ ଆଉ ମାସ, କିନ୍ତୁ ପ୍ରିୟ ସାଇକେଲଟି ବିଶ୍ୱସ୍ତ ଭୃତ୍ୟ ପରି ନିରନ୍ତର ସେବା କରି ଚାଲିଥିଲା ତାଙ୍କର।

ବନ୍ଦିତାର ମନେ ପଡୁଥିଲା - ପ୍ରତି ମାସର ପହିଲା ତାରିଖରେ ବାବା ଦରମା ପାଇବା  ପରେ ସେମାନଙ୍କ ପାଇଁ ବିଜିପୁର କଲିକତା ସୁଇଟ୍ସ ହୋଟେଲରୁ ଗରମ ସିଙ୍ଗଡ଼ା ଆଉ ରସଗୋଲା ନେଇ ଆସନ୍ତି। ବାବାଙ୍କ ସାଇକେଲ ଟିନଟିନ ଶବ୍ଦ ଶୁଣି ସେମାନେ ଚାରି ଭାଇ, ଭଉଣୀ କେମିତି ଖୁସିରେ ଦୌଡ଼ି ଆସନ୍ତି ଗେଟ୍ ପାଖକୁ। ବାବାଙ୍କ ରୁମାଲ୍ ରେ ବନ୍ଧା ପୁଡିଆ ଖୋଲି ମିଳିମିଶି ଖାଇବାରେ କେତେ ଆନନ୍ଦ ଥିଲା। ସେଇ ସ୍ୱାଦିଷ୍ଟ ସିଙ୍ଗଡ଼ା ଆଉ ରସଗୋଲାରେ ବାବାଙ୍କ ସ୍ନେହର ଅମୃତ ବୋଳି ହୋଇଥିଲା ଯେମିତି । ବାବାଙ୍କ ସାଇକେଲ ରେ ବସି ବୁଲି ଯିବା ପାଇଁ ସାନ ଭାଇ, ଭଉଣୀ ଭିତରେ ରିତିମତ ଝଗଡା ଲାଗୁଥିଲା । ସେଇ ମଧୁର ଅତୀତର ସ୍ମୃତି ମନେପଡି ଆଖି ଓଦା ହୋଇ ଯାଇଥିଲା ବନ୍ଦିତାର।

ମନର ଭାବକୁ ବ୍ୟକ୍ତ କରୁଥିଲା ସାଇକେଲର ଟିନଟିନ୍ ଶବ୍ଦ । ବାବା କେବେ ରାଗିଥିଲେ କିମ୍ବା ଟେନସନରେ ଥିଲେ ସାଇକେଲ ଘଣ୍ଟି ଜୋର୍ ଜୋର୍ ରେ ବାଜୁଥାଏ, ଭାରି ଶ୍ରୁତିକଟୁ ଲାଗେ। କିନ୍ତୁ ମନ ଖୁସି ଥିବା ବେଳେ ସାଇକେଲର ଟିନଟିନ୍ ଶବ୍ଦ ମୁଲାୟମ କବିତାଟିଏ ପରି ଶ୍ରୁତିମଧୁର ଲାଗେ।

ପ୍ରତିବର୍ଷ ଦଶହରା ଦିନ ବାବା, ସାଇକେଲକୁ ପାଣିରେ ଭଲଭାବେ ଧୁଆଧୋଇ କରି, ନାଲି କପଡ଼ାରେ ଲେମ୍ବୁ ଆଉ ଚୁଡି ବାନ୍ଧି ଝୁଲାଇ ଦିଅନ୍ତି ଆଗରେ, ଯେମିତି କାହାର ଅଶୁଭ ଦୃଷ୍ଟି ପଡ଼ିବନି ତା' ଉପରେ । ସେଦିନ ଚନ୍ଦନ, ସିନ୍ଦୂର ଲଗାଇ କଦଳୀ, ଲଡୁ ଭୋଗ ଲଗାନ୍ତି ବାବା । ପୂଜା ପରେ ସମସ୍ତେ ସାଇକେଲ ପାଖରେ ପ୍ରଣାମକରି ଭୋଗ ଖାଉଥିଲୁ।

ବନ୍ଦିତାର ବାହାଘର ବେଳେ ପିଉସୀ ନାନୀର ପୁଅ ନନ୍ଦିଭାଇ ବହୁତ ସାହାଯ୍ୟ କରିଥିଲେ, ବଦଳରେ ବାବାଙ୍କ ପୁରୁଣା ସାଇକେଲଟି ନେଇ ଯାଇଥିଲେ ତାଙ୍କ ଗାଁକୁ। ଅଠେଇଶି ବର୍ଷର ସମ୍ପର୍କ ସାଇକେଲ ସହ, କିଛି ଦିନ ଉଦାସ ଲାଗୁଥିଲେ  ବାବା, ତା' ବିଚ୍ଛେଦ ରେ । ସବୁବେଳେ ଲୁନାଗାଡି କିମ୍ବା ସ୍କୁଟିଟିଏ କିଣିବା ପାଇଁ ଯିଦ୍ କରୁଥିବା ସାନ ଭାଇ, ଭଉଣୀ ଦୁହେଁ  ସ୍କୁଟିଟିଏ ଆଣିଲେ ବାବାଙ୍କ ପାଇଁ। କିନ୍ତୁ ଶେଷ ପର୍ଯ୍ୟନ୍ତ ସ୍କୁଟି ଚଲେଇ ପାରିଲେ ନାହିଁ ବାବା, ତାଙ୍କ ପାଇଁ ପୁଣିଥରେ  ସାଇକେଲଟିଏ (ହର୍କ୍ୟୁଲେସ) କିଣିଲେ । ଏଇ ସାଇକେଲ ସହ ସମ୍ପର୍କ ବେଶୀ ଦିନ ତିଷ୍ଠି ନଥିଲା । ବାବାଙ୍କ ହାର୍ଟଅପରେସନ ପରେ ସେ ସାଇକେଲ ଚଲେଇବା ପୁରାପୁରି ଛାଡି ଦେଲେ। ଡାକ୍ତରଙ୍କ ପରାମର୍ଶ କ୍ରମେ ସକାଳ, ସନ୍ଧ୍ୟାରେ ଅଧଘଣ୍ଟାଏ ଚାଲିବାକୁ ପଡୁଥିଲା। ଶେଷରେ ସାନଭାଇ  ଅଫିସର ଷ୍ଟାଫ୍ ଜଣେ ସାଇକେଲଟି ବ୍ୟବହାର କରିବେ ବୋଲି ନେଇଗଲେ । ଏମିତି ବାବାଙ୍କ ଜୀବନରେ ସାଇକେଲର ଭୂମିକା ସରି ଯାଇଥିଲା।

ସେଇଥର ଗାଁ ରେ ଗୋଟିଏ ଭୋଜି ଆଟେଣ୍ଡ କରିବାକୁ ବାବାଙ୍କୁ ସାଙ୍ଗରେ ନେଇ ଯାଇଥିଲା କୁନୁ । ଭୋଜି ସରିବା ପରେ ବାବା ବାରଣ୍ଡାରେ ବସି କାହାର ପ୍ରତୀକ୍ଷା କରୁଥିଲେ ଯେମିତି, ଆଖିରେ ଉଦାସର ଛାଇ। ହଠାତ୍ ପରିଚିତ ସାଇକେଲର ଟିନ୍ ଟିନ୍ ଶବ୍ଦ ଶୁଣି ଖୁସିରେ ଉଜ୍ଜ୍ୱଳି ଉଠିଲା ତାଙ୍କ ମୁହଁ। କିଛି ବୁଝି ପାରୁ ନଥାଏ କୁନୁ । ନନ୍ଦିଭାଇ ଝାଳନାଳ ହୋଇ ସାଇକେଲରୁ ଓହ୍ଲାଇ ପ୍ରଣାମ କରୁଥିଲେ ବାବାଙ୍କୁ। "ଏତେ ଡେରି କଲୁ ବାପା... ଯା, ଭିତରକୁ ଭୋଜି ଖାଇ ଦେବୁ"। ଭାଇ ଭିତରକୁ ଯିବା ପରେ ଷ୍ଟାଣ୍ଡ ମାରିଥିବା ସାଇକେଲ ପାଖକୁ ଯାଇ ଆଦରରେ ଆଉଁସି ଦେଲେ ତାକୁ ।  ଆନନ୍ଦର ଦୁଇ ଟୋପା ଲୁହ ଝରି ପଡ଼ିଥିଲା ଆଖିରୁ । ସତେ'କି ବହୁଦିନରୁ ନିଖୋଜଥିବା ଆପଣାର କେହି ମିଳିଯାଇଛନ୍ତି। କୁନୁ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଥିଲା ବାବାଙ୍କୁ । ସେ ଯେମିତି ସ୍ୱାଗତୋକ୍ତି କରୁଥିଲେ -" ସାଇକେଲ, ଖାଲି କ'ଣ ଗୋଟିଏ ବସ୍ତୁ ! ତା' ସହିତ ଜଡିତ ହୋଇ ରହିଥାଏ ଚାଳକର ଭାବାବେଗ ! ସୁଖ,ଦୁଃଖର ସ୍ମୃତି ! ହସ,ଲୁହର କେତେ ଅନୁଭୂତି..!"ବାବାଙ୍କ କଥାରେ ସମ୍ମତି ଜଣାଉଥିଲା କୁନୁ।

■■■

କ୍ୱାଟର୍ ନଂ – ଉ୧-୧ / ୧,
ନ୍ୟୁ-ଗଭରନ୍‌ମେଣ୍ଟ କଲୋନୀ, ଭୁବନେଶ୍ୱର
ଫୋନ୍ ନଂ – ୯୪୩୭୩ ୩୭୯୫୫

# ତିନୋଟି ଅଣୁଗଳ୍ପ

ପ୍ରମୋଦ କୁମାର ମହାପାତ୍ର



## ୧- ବନ୍ଧୁତା

ବଡ଼ଭାଇ ବାହାଘର ବରଯାତ୍ରୀ ହିସାବରେ କନ୍ୟାଘର ଗାଁ କୁ ଯାଇଥାଏ ବିନୟ। ଭେଟ ହୋଇଗଲା ସ୍କୁଲ ସମୟର ବନ୍ଧୁ ଗଣନାଥ ସହିତ। ପାଖ ସହରରେ ଏକ ଅଫିସରେ ଛୋଟିଆ ଚାକିରୀ, ସେ ସେହି ଗାଁ ରେ ରହୁଥାଏ ଘରଭଡ଼ା ନେଇ ନବବିବାହିତ ସ୍ତ୍ରୀ ସହିତ । ଖୁବ୍ ସରାଗରେ ଘରକୁ ଡାକିନେଲା ବିନୟକୁ, ସ୍ୱାମୀ,ସ୍ତ୍ରୀଙ୍କ ଭବ୍ୟ ଆଦର ସତ୍କାର ରେ ସେ ଅଭିଭୂତ ହେଲା । ସ୍ୱଳ୍ପ ସମୟ ପରେ ଯେତେବେଳେ ବିନୟ ଫେରି ଆସିବାକୁ ଉଦ୍ୟତ ହେଲା ଗଣନାଥ ଗାଁ ଦାଣ୍ଡ ପର୍ଯ୍ୟନ୍ତ ପାଛୋଟି ଆଣି କହିଲା -

- "ବୁଝିଲୁ ସାଙ୍ଗ, ମୋ ସ୍ତ୍ରୀ ତୋ' କଥା ପଚାରୁଥିଲା

- କଣ କହୁଥିଲେ କିରେ ଭାଉଜ?

- କହୁଥିଲା, ତୁ ମୋର କେତେ ବଡ଼ ସାଙ୍ଗ?"

- ହୁଁ, ତୁ କଣ କହିଲୁ କି?

- ମୁଁ କଣ କମ୍ କି? କହିଲି-

" ଏମିତି ସାଙ୍ଗ, ଯଦି ସେ ଚାହିଁବ, ତୋ..."

- ସେ ଆଉ କିଛି କହିବାକୁ ଯାଉଥିଲା...

- ଆବେ ଚୁପ୍...ଚୁପ୍ କର,

ବିନୟ ଡାହାଣ ପାପୁଲିରେ ତାର ମୁହଁକୁ ଚାପିରଖି ତାଗିଦ୍ କରି କହିଲା...

## ୨-ବିଉଟି ପାର୍ଲର୍

ଛୋଟିଆ ସହରରେ ଏକ ଇଉନିସେକ୍ସ ସେଲୁନ । ସକାଳୁ ସକାଳୁ ସସ୍ମିତ ବାବୁ ପହଞ୍ଚି ଗଲେ ଖିଅର ହେବାପାଇଁ। ଚାରିଟା ଚୌକି ପୁରା ଫାଙ୍କା । ଗୋଟିକରେ ସେ ବସିଗଲେ । କର୍ମଚାରୀଗଣ କେହି ଆସି ନ ଥାଆନ୍ତି । ସେଲୁନ ମାଲିକ ନିଜେ ଏକା । କହିଲେ -

- "ସାର୍ ବସନ୍ତୁ, ମୁଁ ଟିକେ ଚା' ପିଇଦେଇ ଆସୁଛି।"

କିଛି ସମୟ ଉତ୍ତାରୁ ପ୍ରବେଶ କଲେ ଜଣେ ବିବାହିତା ଯୁବତୀ ତାଙ୍କ ସ୍ୱାମୀଙ୍କ ସହିତ, କେଶ ବିନ୍ୟାସ ଉଦ୍ଦେଶ୍ୟରେ ସେ ଅପର ପାର୍ଶ୍ୱ ଚୌକି ରେ ବସିଗଲେ । ସ୍ୱାମୀ ବାହାରେ ଅପେକ୍ଷା କରୁଛି କହି ଚାଲିଗଲେ ।

ଯୁବତୀ ଜଣକ ଥିଲେ ଅସାମାନ୍ୟ ସୁନ୍ଦରୀ। ସାମ୍ନା ଦର୍ପଣରେ ତାଙ୍କ ଗୋରା ତକ୍ ତକ୍ ଚେହେରା ପ୍ରତିଫଳିତ ହୋଇ ସସ୍ମିତ ବାବୁଙ୍କୁ ବେଶ୍ ସ୍ପଷ୍ଟ ଦେଖାଯାଉଥାଏ । ସେ କଣେଇ କଣେଇ ତାଙ୍କ ସୌନ୍ଦର୍ଯ୍ୟରେ ତଲ୍ଲିନ ହୋଇ ଉପଭୋଗ କରୁଥାନ୍ତି- ଆଃ! ସ୍ୱର୍ଗର ଅପସରୀ ପରା ! ଏମିତି କିଛି ସମୟ ଚାଲିଗଲା। ଲଜ୍ୟାବନତା ସୁନ୍ଦରୀ ଯୁବତୀ ଜଣକ ବେଶ୍ ଆରାମରେ ବସିଥାନ୍ତି। ସସ୍ମିତ ବାବୁ କିଞ୍ଚିତ୍ ବିଚଳିତ ହେଲେ ।

ଭାବିଲେ - ଏ ତ ନିହାତି ଅଭଦ୍ରାମି, ଅସଭ୍ୟତା! ଏମିତି ନିର୍ଲଜ୍ ଭାବରେ ସେ କଣ ଚାହୁଁଛନ୍ତି? ବାହାରେ ତାଙ୍କ ସ୍ୱାମୀ ପୁଣି...

ସ୍ୱସମ୍ମାନବୋଧ ତଥା ଆତ୍ମଗ୍ଲାନି ରୁ ରକ୍ଷା ପାଇବାକୁ ମନସ୍ଥ କରି ସେ ଭିତରୁ ବାହାରି ଆସିଲେ...।

ବାହାରେ ଅପେକ୍ଷାରତ ସ୍ୱାମୀ ଜଣକ କିନ୍ତୁ ସଙ୍କୋଚ ପ୍ରକାଶ କରି ଅତି ସମ୍ଭ୍ରମତା ସହକାରେ କହିଲେ

-"ସାର୍, କ୍ଷମା କରିବେ,ବାହାରି ଆସିଲେ ଯେ,କିଛି ଅସୁବିଧା,ଅସହଜ ଅନୁଭବ କଲେ କି?"

## ୩- ଅମଣିଷ

ଶ୍ରୀକାନ୍ତର ଏ ସହରରେ ନୂଆଁ ପୋଷ୍ଟିଂ। ତା' ଇଲାକାରେ ବିଭାଗର ଜଣେ ଅତି ଉଚ୍ଚପଦସ୍ଥ ଅଧିକାରୀଙ୍କ ଘର ମଧ୍ୟ। ଦୈବାତ୍ ତାଙ୍କର ବି ସ୍ଥାନାନ୍ତରିତ ହେଲା ସୁଦୂର ଏକ ମେଟ୍ରୋ ସହରରେ । ସେ ଶ୍ରୀକାନ୍ତ କୁ ଡକାଇ କହିଲେ - "ତୁମେ ଏ ଇଲାକର ଅଧିକାରୀ। ତେଣୁ ମୋ ଘର ଓ ମାଁ' ଙ୍କ (ତାଙ୍କ ସ୍ତ୍ରୀ) କଥା ବୁଝିବ । ସୁବିଧା,ଅସୁବିଧାରେ ସାହାଯ୍ୟ କରିବ।"

ଶ୍ରୀକାନ୍ତ ମଥାପାତି ଆଦେଶାତ୍ମକ ଅନୁରୋଧ ଶିରୋଧାର୍ଯ୍ୟ କରି ଫେରି ଆସିଲେ । କିଛିଦିନ ପରେ ସେହି ଭଦ୍ର ମହିଳା "ମାଁ'" ଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ସାର୍ ଙ୍କ କଥାଙ୍କୁ ଦୋହରାଇ କହିଲେ -

-" ମାଡାମ୍, ଏ ଇଲାକାରେ କାର୍ଯ୍ୟଭାର ପ୍ରବଳ ଏବଂ ମୁଁ ଦିନରାତି ଏଥିପାଇଁ ଖୁବ୍ ବ୍ୟସ୍ତ । କିନ୍ତୁ କିଛି ଦରକାର୍ ପଡ଼ିଲେ କହିବେ । ନିଶ୍ଚିତ ସାହାଯ୍ୟ କରିବି।"

ବାସ୍,ଏତକ କହି ସେ ଫେରି ଆସିଲେ।

ଏଠିକାର ଆଦବ କାଇଦାରେ ଅନଭ୍ୟସ୍ତ ଓ ଅନଭିଜ୍ଞ ରହି ଅଫିସ୍ କାର୍ଯ୍ୟ ବ୍ୟସ୍ତତା ଭିତରେ କେମିତି ଦିନ ଗଡ଼ିଗଲା ସେ ଜାଣି ପାରିଲେ ନାହିଁ ।

ପ୍ରୋକ୍ତ ଅଧିକାରୀ ଜଣକ ସଂଯୋଗ କ୍ରମେ ପୁଣି ତାଙ୍କ ବସ୍ ହୋଇ ଯୋଗଦେଲେ। ଦିନେ ତାଙ୍କ ଅଫିସ ପ୍ରକୋଷ୍ଠରେ ଅନ୍ୟ ଅଧଃସ୍ତନ ଅଧିକାରୀ ଗହଣରେ ଥାଇ ଶ୍ରୀକାନ୍ତ ଉପରେ ଖୁବ୍ ବର୍ଷିଲେ -

- "ତୁମେ ଖୁବ୍ ଅବିବେକି,ମୂର୍ଖ, ଅଜ୍ଞାନୀ,ଅମଣିଷ । ମୁଁ ନଥିଲା ସମୟରେ ମୋ ଘର ଓ ମାଁ' ଙ୍କ କଣ କିଛି ବୁଝିଲ?

-ଭଲ ମଣିଷ ହେବାକୁ ଚେଷ୍ଟା କର । ଅନ୍ୟକୁ ସୁଖ,ଦୁଃଖରେ ସହଯୋଗ କର।"

ଅନନ୍ୟୋପାୟ ଶ୍ରୀକାନ୍ତ ଯୋଡହସ୍ତ ହୋଇ କୃତକର୍ମ ପାଇଁ କେବଳ କ୍ଷମାପ୍ରାର୍ଥନା କରୁଥିଲେ।

ବସ୍ ଙ୍କ ରୋଷ ଶାନ୍ତ ହେଲାପରେ ସେ ତାଙ୍କ ପ୍ରକୋଷ୍ଠରୁ କାନମୁଣ୍ଡ ଆଉଁସି ବାହାରି ଆସିଲେ। ନିଜର ସ୍ୱାର୍ଥପର ଓ ଅମଣିଷ ପଣିଆ ପାଇଁ ନିଜକୁ ଖୁବ୍ ଛୋଟ ମନେ କରୁଥିଲେ । ବାରମ୍ବାର ନିଜକୁ ଧିକ୍କାର କରୁଥିଲେ। ଭାବୁଥିଲେ - ଅତିଥି ପରାୟଣା ଭଦ୍ରମହିଳା ସେଦିନ ଯେଉଁ ତାଙ୍କର ଶତବାରଣ ସତ୍ତ୍ୱେ,ସାମାନ୍ୟ ଜଳଯୋଗର ବ୍ୟବସ୍ଥା କରିଥିଲେ, ତା'ର ବି ତ ମୂଲ୍ୟ ପ୍ରମାଣ ସହଯୋଗ କାହିଁ ସେ ଫେରସ୍ତ କରି ପାରି ନଥିଲେ?

କିନ୍ତୁ,ମନେ ମନେ ସେହି ମହିୟସୀ, ଅତ୍ୟନ୍ତ ସ୍ୱାଭିମାନୀ ଭଦ୍ର ମହିଳା ' ମାଁ' ଙ୍କ ଉଦ୍ଦେଶ୍ୟରେ ମଥାନତ କରି ପ୍ରଣାମ ଜଣେଇ ଶତ ଶତ ଧନ୍ୟବାଦ୍ ଜଣାଉଥିଲେ ଯେ କି କେବେବି କୌଣସି ପରିସ୍ଥିତିରେ ତାଙ୍କ ସାହାଯ୍ୟ ଚାହିଁ ନଥିଲେ...!!

■■■

ଭାରତ ସଞ୍ଚାର ନିଗମ ଲିମିଟେଡ୍
ଭୁବନେଶ୍ୱର
ମୋ - ୯୪୩୭୫୭୮୩୧୧




ଇ-ପତ୍ରିକା
ଦ୍ୱିତୀୟ ବର୍ଷ, ପ୍ରଥମ ସଂଖ୍ୟା, ୧ ଜୁଲାଇ ୨୦୨୩

# ବୁଢ଼ାପୁଅ

ଅଧ୍ୟାପିକା କଳ୍ପନା ପ୍ରୀୟଦର୍ଶିନୀ ନାୟକ





ଅଜଣା ଏକ ସମ୍ପର୍କ । ସମ୍ପର୍କର ସୂତାଖିଅ ଆରମ୍ଭ ହୁଏ କଉଠୁ ଆଉ ସରେ କଉଠି ତାହା ସେହି ଜଗତର ନାଥ ଜଗନ୍ନାଥଙ୍କୁ ହିଁ ଜଣା । କାହାକୁ କଉଠି କେତେବେଳେ ଏ ସମ୍ପର୍କ ନାମକ ସୂକ୍ଷ୍ମ ସୂତାଖିଅରେ ଛନ୍ଦି ଦିଅନ୍ତି ନିର୍ଦ୍ୱନ୍ଦରେ ।

କାନ୍ତ କବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ବୁଢ଼ାଶଙ୍ଖାରି ଗଳ୍ପଟିକୁ ପାଠ କଲେ ମନପ୍ରାଣ ଆତ୍ମା କେମିତି ଏକ ଅଜଣା ସୂତ୍ରରେ ବାନ୍ଧି ହୋଇଯାଏ । ଆପେ ଆପେ ହୃଦୟରେ ଏକ ଆହ୍ଲାଦ ଖେଳିହୋଇ ଯାଏ । ଥୁକୁଥୁକୁ ବୁଢ଼ା ସହିତ ନବବିବାହିତା ସୁନ୍ଦରୀର ପ୍ରେମ । ଦୁହେଁ ଦୁହିଁଙ୍କ ପ୍ରେମରେ ମଗ୍ନ । ବୁଢ଼ାଶଙ୍ଖାରିଟି ବହୁଟିକୁ ଟିକେ ଦେଖିବା ପାଇଁ ବ୍ୟାକୁଳ ଏବଂ ବହୁଟି ବୁଢ଼ାଡାକ ଶୁଣିବା ମାତ୍ରେ ଧାଇଁ ଆସି ଦୁଆର ବନ୍ଧ ପାଖରେ ଠିଆହୋଇ ମୁରୁକି ମୁରୁକି ହସିବା । ଶୁଣିବାକୁ ଅଜବ ଲାଗୁଛି, ଲୋ ଏ ବୁଢ଼ାଶଙ୍ଖାରିଟା ସହ ନୂଆ ବଉଟାର ପୁଣି ପ୍ରେମ ! ଇଏ କି ପ୍ରେମ? ହଁ ପ୍ରେମ... ଶାଶ୍ୱତ ପ୍ରେମ । ଅନାବିଳ ପ୍ରେମ । ସ୍ନେହ ମମତାର ଏ ପବିତ୍ର ବନ୍ଧନ ।

"ମା'ରେ ନାଜ? ଏ ବୁଢାପୁଅଟାକୁ କି ନାଜ ଯେ? ତୁ ପରା ମୋ ମା' ମୁଁ ତୋ ପୁଅ?"

ଏ ବାକ୍ୟର ତାତ୍ପର୍ଯ୍ୟ ବହୁ ଉର୍ଦ୍ଧରେ । ଯାହାର ଭାବ ବହୁତ ଗଭୀର । ଏ ପ୍ରେମର ସଂଜ୍ଞା ଚିରଶାଶ୍ୱତ। ଯାହା ସମସ୍ତେ ବୁଝିବାକୁ ସକ୍ଷମ ନୁହଁନ୍ତି ଏବେର ସମାଜରେ । ଏବେ ସମାଜର ଲୋକମାନେ ଏଭଳି ରୁଗ୍ଣ ମାନସିକତା ନେଇ ଗତି କରୁଛନ୍ତି ଯାହା ଧାରଣା ବାହାରେ । ସଜ ମାଛରେ ପୋକ ପକେଇ ସମ୍ପର୍କକୁ ଏତେ ନଗ୍ନ କରିଥାନ୍ତି ଯାହା ଅବର୍ଣ୍ଣନୀୟ । ଅବଶ୍ୟ ସାମ୍ପ୍ରତିକ ସମାଜରେ ଏହିଭଳି ଅନେକ ଘଟଣା ପ୍ରତିଦିନ ଟିଭିର ମୁଖ୍ୟ ଖବର ଓ ଖବର କାଗଜର ପୃଷ୍ଠା ମଣ୍ଡନ କରୁଛି ଏଥିରେ ଦ୍ୱିମତ ନାହିଁ । କିନ୍ତୁ ବର୍ତ୍ତମାନର ନଗ୍ନସମାଜରେ ରୁଗ୍ଣମାନସିକତା ମଧ୍ୟରେ ଏବେ ବି ସେ ନିଃସ୍ୱାର୍ଥ ଶାଶ୍ୱତ ସମ୍ପର୍କ ବଂଚିଛି । ସେଥିପାଇଁ ପାଇଁ ତ ଏ ସଂସାର ଚାଲିଛି । ସଂସାରରେ ପାପୀଙ୍କ ଭାର ଅନେକ ବେଶି ଥିଲେ ମଧ୍ୟ କିଛି ପୂଣ୍ୟବାନ୍ ଲୋକଙ୍କ ପାଇଁ ହିଁ ସନ୍ତୁଳନ ରକ୍ଷା ହୋଇ ପାରୁଛି ।

ଏହି ଭଳି ଏକ ଅଙ୍ଗେନିଭା କାହାଣୀ ମନରେ ଆନ୍ଦୋଳନ ସୃଷ୍ଟି କରିଛି । ଯାହାକୁ ମୋ ସୂକ୍ଷ୍ମ ମାନସିକତା ରୁ ମୁଁ ପାଠକଙ୍କ ନିକଟରେ ବଢିବା ପାଇଁ ପ୍ରୟାସ କରୁଛି । ସଫଳତା ବିଫଳତା ପାଠକଙ୍କ ହାତରେ ।

ହଠାତ୍ ଗୋଟେ ଦିନ ମୋର ଜଣେ ଅତି ଘନିଷ୍ଠ ବାନ୍ଧବୀ ଲିପି କହିଲେ - ତୁମର ଗୋଟେ କବିତା ମୋତେ ପଠେଇବ ମୁଁ ପତ୍ରିକାକୁ ଦେବି । ଯଦିଓ ସେ ହିଁ ମୋର ପ୍ରାୟ କବିତାର ଆଦ୍ୟ ପାଠିକା । ସେ ଜଣେ ସୁଲେଖିକା । ଅନେକ ପତ୍ର ପତ୍ରିକାରେ ତାଙ୍କ ଲେଖା ପ୍ରକାଶିତ ହୋଇସାରିଥାଏ । ମୁଁ କହିଲି ତୁମ ପାଖରେ ତ ମୋର ଅନେକ ଲେଖା ଅଛି ସେଥି ମଧ୍ୟରୁ ଗୋଟେ ଚୟନ କରି ପଠେଇଦିଅ । ସେ କହିଲେ ନାହିଁ ତୁମେ ତୁମ ଇଚ୍ଛାରେ ଲେଖାଟିଏ ଦିଅ । ସେହି ସମୟରେ ବସ୍ତି ଉଚ୍ଛେଦ ହେଉଥାଏ ରାଜଧାନୀରେ । କେତେ ମଳିମୁଣ୍ଡିଆ ଲୋକଙ୍କ ଘର ସବୁ ଉଜୁଡି ଯାଉଥିଲା ବୁଲ୍ଡୋଜରର ଲମ୍ବା ଦାନ୍ତ ସାହାଯ୍ୟରେ । ସେ ତ ଯନ୍ତ୍ରଟିଏ କେବଳ । କିନ୍ତୁ ତୀକ୍ଷ୍ଣ ମୁନିଆଁ ଦାନ୍ତ ବୁର୍ଜୁଆ ମାନଙ୍କର ଯାହା ବିଦାରି ପକାଉଥିଲା ସେହି ଦିନମଜୁରିଆ ଖଟିଖିଆଙ୍କ ଝାଟିମାଟିର କୁଡ଼ିଆ ଗୁଡିକୁ । ସେହି ପରିପ୍ରେକ୍ଷୀ ରେ ମୋ ରଚିତ ବୈପ୍ଳବାତ୍ମକ କବିତା - ' ବସ୍ତି ସବୁ ଭାଙ୍ଗିଗଲା ପରେ...' । ସେହି କବିତାଟି ପଠେଇଲି । କିଛି ଦିନ ପରେ ପୋଷ୍ଟାଲରେ ପତ୍ରିକାଟିଏ ଆସି ଆମ ଘରେ ପହଂଚିଲା । ପତ୍ରିକାର ନାମ ଥିଲା 'ସାମ୍ୟବାଦୀ' । ଘରୁ ମୋତେ ଫୋନ୍ ରେ ବାପା କହିଲେ ମା' ରେ ତୋ ନାଁରେ କଣ ବହି ଗୋଟେ ପୋଷ୍ଟାଲ୍ ରେ ଆସିଛି । ମୁଁ ଖୁସି ହୋଇଗଲି । କାରଣ ଯେ କୌଣସି ଜିନିଷ ଯଦି ପୋଷ୍ଟାଲରେ ଆସେ ମୋତେ ବହୁତ ଆନନ୍ଦ ଲାଗେ । ପୁଣି ବହି ଆସିଛି ସେ ଖୁସିର ତ ଠିକଣା ନାହିଁ । ଫୋନ୍ କରି ଆନ୍ତରିକ ଧନ୍ୟବାଦ ଜଣାଇଲି ଲିପିଙ୍କୁ । ଆଶ୍ଚର୍ଯ୍ୟର କଥା ଥିଲା ମୁଁ ଜାଣି ନ ଥିଲି ପତ୍ରିକା କଣ ଏବଂ ସମ୍ପାଦକ କିଏ? କିନ୍ତୁ ମନେ ମନେ ଧନ୍ୟବାଦ ଜଣାଇଥିଲି ।

ଅବଶ୍ୟ ସେତେବେଳେ ମୋର 4 କି 5 ଥର କଲେଜ ପତ୍ରିକାରେ ହିଁ ମୋ ଲେଖା ବାହାରିଥିଲା। ଆଉ କେଉଁ ପତ୍ରିକାକୁ ମୁଁ କେବେ ପଠେଇ ନ ଥିଲି ଲେଖା । ମନରେ ଗୋଟେ କଥା ଥିଲା ମୋର ପତ୍ରିକାରେ ଲେଖା ସେଇମାନଙ୍କର ବାହାରେ ଯେଉଁମାନେ ବହୁତ ଭଲ ଲେଖନ୍ତି । କିନ୍ତୁ ମୁଁ ତ ଏତେ ଭଲ ଲେଖେ ନାହିଁ ମୋ ଲେଖା କଣ ବାହାରିବ? ଅବଶ୍ୟ ବହୁତ ପରେ ମୁଁ ଜାଣିଲି ଆଜି କାଲି ପତ୍ରିକାରେ ଲେଖା ବାହାରିବା ବଡ଼ କଥା ନୁହେଁ। କାରଣ ଚିହ୍ନା ପରିଚିତ ଥିଲେ କିମ୍ବା ପଇସା ଦେଇ ଲେଖା ବାହାର କରାଯାଇପାରୁଛି । ଅବଶ୍ୟ ସବୁ ପତ୍ରିକା ଆଉ ସମ୍ପାଦକ ଏପରି ନୁହଁନ୍ତି । ଛାଡ଼ନ୍ତୁ ବିବାଦ ଆଡକୁ ନ ଯିବା ହିଁ ଭଲ । ପ୍ରତ୍ୟେକ କ୍ଷେତ୍ରରେ ଭଲ ସହ ମନ୍ଦ ରହିବା ସ୍ୱଭାବିକ କଥା । କିନ୍ତୁ ମୁଁ ଏବେ ଯାଏ ଗୋଟେ କଥାରେ ବିଶ୍ୱାସ କରେ ଲେଖାର ଉତ୍ତମ ମାନଦଣ୍ଡ ହିଁ ଲେଖାକୁ ଏବଂ ଲେଖକକୁ ପରିଚୟ ପ୍ରଦାନ କରିଥାଏ ।

ଏହିପରି ମୋ ଲେଖା ଓ ଲେଖକର ଯାତ୍ରା ଆରମ୍ଭ ହେଲା । ଧୀରେ ଧୀରେ ଅନେକ ଲେଖା ସୃଷ୍ଟି ହେଲା ଏବଂ ଲେଖା ମାର୍ଜିତ ହୋଇ ହୋଇ ଚାଲିଲା । ଲିପି କିନ୍ତୁ ମୋର ସବୁ ଲେଖା ପଢୁଥିଲେ । ସେ ହିଁ ଆଦ୍ୟ ପ୍ରେରଣା ଯୋଗାଇଥିଲେ । ପ୍ରତ୍ୟେକ ଲେଖାର ତ୍ରୁଟି ବି ଜଣାଉଥିଲେ । ସେ ମୋତେ 'ସାମ୍ୟବାଦୀ'ର ସମ୍ପାଦକ

ଶ୍ରୀଯୁକ୍ତ ବସନ୍ତ ମାଝୀଙ୍କ ନମ୍ବର ଦେଇ କହିଲେ ଟିକେ କଥା ହୋଇଯିବ । କଥା ହେବି? କଣ କଥା ହେବି? କେମିତି କଥା ହେବି? ଏହା ଭାବି ଭାବି କିଛି ଦିନ ବିତିଗଲା । ସାହସ ବାନ୍ଧି ଗୋଟେଦିନ ସନ୍ଧ୍ୟାରେ ଫୋନ୍ ଲଗେଇଲି । ପ୍ରଥମେ ସାର୍ ନମସ୍କାର କରି ପରିଚୟ ପ୍ରଦାନ କଲି । ସେପଟରୁ ପ୍ରତିଉତ୍ତର ଆସିଲା ହଁ ଝିଅ କୁହ । ଯେମିତି ମୋତେ ଅନୁଭବ ହେଲା ବହୁତ ଦିନରୁ ଯେମିତି ସେ ମୋତେ ଜାଣିଛନ୍ତି । ସେ କୋମଳ କଣ୍ଠସ୍ୱର ଝିଅ ଶବ୍ଦରେ ଏତେ ଆନ୍ତରିକତା ଥିଲା ମୁଁ ମଧ୍ୟ ଭାବୁକ ହୋଇଗଲି । ମୋ ମନରେ ଥିବା ସବୁ ଭୟ ଦୂରୀଭୂତ ହୋଇଗଲା । ଭଲମନ୍ଦ କଥା ପଚାରିଲେ ଏବଂ ଲେଖା ପାଇଁ ଅନେକ ପ୍ରେରଣାଦାୟୀ ବାର୍ତ୍ତା ପ୍ରଦାନ କଲେ । ତା ' ପରେ ଫୋନ ରଖିଲୁ । ସେବେଠାରୁ ୱାଟସ ଆପ ରେ ସବୁଦିନ ସକାଳୁ ମୁଁ ଗୋଟେ ଶୁଭ ସକାଳ ମେସେଜଟେ ପଠେଇବି, ସେ ଗୋଟେ ମେସେଜ ପଠେଇବେ । ଏଇଟା ନିତିଦିନିଆ କଥା ହୋଇଗଲା । ତା ସହ କେତେବେଳେ କେମିତି ଭଲ ମନ୍ଦ କଥା ହେଉ କିମ୍ବା ଦରକାର କଥା ବି ବେଳେବେଳେ ମେସେଜରେ କଥା ହେଉ । ଫୋନ୍ ରେ ବହୁତ କମ୍ କଥା। ଗୋଟେ ଗୋଟେ କବିତା ମୁଁ ପଠେଇବାକୁ ଆରମ୍ଭ କଲି । ଧୀରେ ଧୀରେ ବିଭିନ୍ନ ମାଗାଜିନ ମାନଙ୍କରେ କବିତା ସଂଖ୍ୟା ବଢିବା ପାଇଁ ଲାଗିଲା । ଯେତେବେଳେ ଯେଉଁଥିରେ ମୋର ଲେଖା ପ୍ରକାଶ ପାଏ ମୁଁ ସାର୍ ଙ୍କୁ ପଠେଇ ଦିଏ । ଭଲମନ୍ଦ ବିଚାର ସହ ପରାମର୍ଶ ଓ ପ୍ରେରଣା ପ୍ରତିବଦଳରେ ବାଢିଦିଅନ୍ତି ସେ । ହଠାତ ଦିନେ ମେସେଜଟିଏ ଆସିଲା ଝିଅ ଭଲ କବିତାଟିଏ ପଠେଇବ । ସେ ନିଜେ ଯେ ହେତୁ ଜଣେ ଦରଦୀ କବି ଓ ମଣିଷ, ସେଥିପାଇଁ ସେ ବାସ୍ତବବାଦ କବିତାକୁ ବେଶି ଭଲପାଆନ୍ତି । ମୋତେ ବି ପରାମର୍ଶ ଦିଅନ୍ତି ଝିଅ ତୁମ କବିତାର ସ୍ୱର ବେଶ୍ ତୀକ୍ଷ୍ଣ । ତୁମେ ବାସ୍ତବବାଦ ଓ ସମାଜବାଦ କବିତା ଲେଖ । କିଛି ଦିନ ପରେ ଘରେ ଆସି 'ଚିହ୍ନ' ପତ୍ରିକାଟି ପହଂଚିଲା । ଯେଉଁଥିରେ ଅନେକ ମାନ୍ୟଗନ୍ୟ କବି ମାନଙ୍କ କବିତା ଶୋଭାପାଉଛି ସୂଚୀପତ୍ରରେ ମୋର କବିତାଟିଏ ମଧ୍ୟ ଉଙ୍କିମାରୁଥିଲା । କରୋନାର କରାଳ ସମୟରେ ଡିଜିଟାଲ ଆସର ହେଲା । ସେଥିରେ ମଧ୍ୟ ମୋର କିଛି କବିତା ଭିଡ଼ିଓ ସ୍ଥାନ ପାଇଲା । ଶ୍ରୀଯୁକ୍ତ ମାଝୀ ମହୋଦୟଙ୍କ ନିର୍ଦ୍ଦେଶରେ ମୁଁ ମୋର କବିତା ଭିଡିଓ କରି ପଠାଏ ଏବଂ ସେ ତାକୁ ଏଡିଟିଂ କରି ଚାନେଲରେ ପରିବେଷଣ କରାଇଥାନ୍ତି । ଏହିଭଳି ସମ୍ପର୍କ ଅନେକଦିନ ବିତିଲା ପାଖାପାଖି ସାତବର୍ଷ ।

ଦିନକର କଥା ମୁଁ ସେତେବେଳେ SSB ପାଇଁ ଜୋରଦାର ପଢାପଢିରେ ଲାଗିଥାଏ । ରାତି ପାଖାପାଖି 11.30 ହେବ । ମୁଁ ଅନଲାଇନ ଭିଡିଓ ୟୁ ଟ୍ୟୁବରୁ ଦେଖୁ ଦେଖୁ ଟିକେ ୱାଟସ ଆପ ଆଡେ ଚାଲିଗଲି । ଦେଖିଲା ବେଳକୁ ମହାଶୟ ଅନଲାଇନ ଅଛନ୍ତି ।

ମୁଁ ମେସେଜଟେ କଲି - କେମିତି ଅଛନ୍ତି? ଉତ୍ତର ଆସିଲା ଭଲ । ମୁଁ - ଦେହ କେମିତି ଅଛି? ( ସେଇ କିଛି ଦିନ ପୂର୍ବରୁ ଦେହ ଟିକେ ଖରାପ ଥିଲା )
ସାର୍ - ହଁ ଏବେ ଟିକେ ଭଲ ଅଛି ।
ମୁଁ - ମେଡ଼ିସିନ ଖାଇଛନ୍ତି?
ସାର୍ - ହଁ । ତୁମେ କେମିତି ଅଛ ଝିଅ?
ମୁଁ - ଭଲ ଅଛି । ଆଚ୍ଛା ଆପଣ ଏତେ ଡେରି ଯାଏ ଶୋଇନାହାନ୍ତି?
ସାର୍ - ନାହିଁ ଏମିତି ଟିକେ ଶୋଇନି ଆଉ ।
ମୁଁ - ଆପଣଙ୍କ ଦେହ ଖରାପ ଥିଲା ଏବେ ଟିକେ ଭଲ ହେଇଛନ୍ତି । ଏତେ ରାତି ଯାଏ ଚେଇଁବା ଭଲ ନୁହେଁ ସ୍ୱାସ୍ଥ୍ୟ ପକ୍ଷରେ ।
ସାର୍ - ହଁ ଠିକ୍ । ତୁମେ କଣ ପାଇଁ ଶୋଇନାହଁ? (ତାଗିଦରେ)
ମୁଁ - ମୁଁ ପଢାପଢି କରି ସବୁଦିନ ବିଳମ୍ବରେ ଶୁଏ ସାର୍ । ଆପଣ ଶୋଇପଡନ୍ତୁ ।
ସତ୍ୟବାଦୀ ବସନ୍ତ ସାରେ - ତମେ ମୋ ବୋଉ । ଆଜିଠୁ 'ବୋଉ' ଡାକିବି
ମୁଁ - ମୋର ଅଭ୍ୟାସ ମୁଁ ବିଳମ୍ବ ଯାଏ ଚାଇଁ.... ସହଳ ଉଠି ଯାଏ

ମୁଁ - ନାହିଁ... ଝିଅ
ମୁଁ - ବୋଉ ହେଲେ... ପୁଅ ମାନେ ମା' କଥା ମାନନ୍ତି ନାହିଁ
ସତ୍ୟବାଦୀ ବସନ୍ତ ସାରେ- ମୁଁ ବୁଢା ପୁଅ ହେବି
ସତ୍ୟବାଦୀ ବସନ୍ତ ସାରେ- କିଏ କହିଲା ଯେ
ମୁଁ - କିନ୍ତୁ ଝିଅ କଥା ବାପା ମାନେ ଏଡ଼ି ପାରନ୍ତି ନାହିଁ
ସତ୍ୟବାଦୀ ବସନ୍ତ ସାରେ- ବୋଉ କଥା ପୁଅ ମାନେ
ମୁଁ – ୨ୟ ବୁଢ଼ା ଶଙ୍ଖାରି
ସତ୍ୟବାଦୀ ବସନ୍ତ ସାରେ: ହା' ହା'
ମୁଁ - ଲେଖା ହେବ (ହସର ଇମୋଜି ଦେଇ)
ସତ୍ୟବାଦୀ ବସନ୍ତ ସାରେ: ମୋ ବୋଉ ଲେଖିବ
ମୁଁ - ହା' ହା' (ହସର ଇମୋଜି ଦେଇ)
ମୁଁ - ଶୋଇପଡନ୍ତୁ ଦେହ ଖରାପ ହେବ
ମୁଁ - ହଉ କିଛି ଅନୁଭୂତି ପୁଅ ସହ ରହିଲେ ବୋଉ ନିଶ୍ଚିତ ତାକୁ ଗଳ୍ପର ରୂପ ଦେବ (ହସର ଇମୋଜି ଦେଇ)

ସତ୍ୟବାଦୀ ବସନ୍ତ ସାରେ: ଠିକ୍
(ସେହି ଦିନର କିଛି ମେସେଜ)

ମୋତେ ଟିକେ ଅଡୁଆ ଲାଗିଲା ପ୍ରଥମେ । ଏତେ ବୟସର ମଣିଷ ପୁଣି ମୋ ପୁଅ । ପୁଣି ଏତେ ଜ୍ଞାନୀଗୁଣୀ ମହାନ୍ ବ୍ୟକ୍ତିଙ୍କର ବୋଉ ହେଇପାରିଲି ଏହା ମୋ ପାଇଁ ଗୌରବର ବିଷୟ । କାନ୍ତକବି ତାଙ୍କ ଗଳ୍ପରେ ବୁଢ଼ାଶଙ୍ଖାରିକୁ ନବବିବାହିତା ବୋହୂଟିର ପୁଅ କରିଦେଇଥିଲେ । ଏଠି ମୁଁ ବାହା ନ ହେଇ ମଧ ଏତେ ସୁନ୍ଦର ମଣିଷଟି ମୋତେ ବୋଉ ବୋଲି ଗ୍ରହଣ କଲେ ଏବଂ ନିଜେ ବୁଢ଼ାପୁଅ ପାଲଟିଗଲେ । ଏଇ ସ୍ନେହଶ୍ରଦ୍ଧାମୟ ସମ୍ପର୍କର ମୂଲ୍ୟ ମୋ ପାଇଁ ଆସମାନ୍ ତାରା ଶଙ୍ଖାଠୁ ବି ଅଧିକ ମୂଲ୍ୟବାନ । ସତରେ ତୁ କେଡେ ମହାନ୍ ହୃଦୟଟେ ରଖିଛୁରେ "ବୁଢ଼ାପୁଅ" ।

■■■

ଅଧ୍ୟାପିକା,ଓଡ଼ିଆ ବିଭାଗ,
ସିମୁଳିଆ ମହାବିଦ୍ୟାଳୟ,
ତଳାଙ୍ଗ, ଭଦ୍ରକ





# ନୂତନ ଉଦୟ

**ଅଞ୍ଜଳି ଆଚାର୍ଯ୍ୟ**

ମାନବ ଜୀବନର ମଧୁରତମ ଭାବନା "ପ୍ରେମ " । ଏହାକୁ ବୁଝେଇବା ଅସମ୍ଭବ । ଶବ୍ଦରେ ଉଲ୍ଲେଖ କରିହେବ କି ? ଯେମିତି ବହି ଯାଉଥିବା ପବନ, ଫୁଲଟି ର ସୁଗନ୍ଧ କୁ ଆମେ ଦେଖି ପାରୁନୁ । ଖାଲି ଆଖିରେ ଅନୁଭବ କରୁଛେ । ଠିକ ସେମିତି ପ୍ରେମର ଅନୁଭବ। ପ୍ରତିମା ଙ୍କ ରାଘବନ ପ୍ରତିଥିବା ଭଲ ପାଇବା ପ୍ରତିମାଙ୍କ ବାପା, ମା' କେହି ଭଲ ପାଉ ନ ଥିଲେ । ରାଘବନ ଥିଲେ ଶାନ୍ତ ସୁଧାର ପିଲା । ସେ ଆସିଥିଲେ କେରଳରୁ, ତାଙ୍କ ବିଜନେସ କାମ ନେଇ ପ୍ରତିମାଙ୍କ ବାପାଙ୍କ ପାଖକୁ। ଲକ୍ ଡାଉନଟା ସବୁ ଓଲଟ ପାଲଟ କରିଦେଲା। ଦୀର୍ଘ ଦୁଇ ତିନିମାସ ସେ ପ୍ରତିମାଙ୍କ ଘରେ ରହିବା ପାଇଁ ବାଧ୍ୟ ହେଲେ । ରାଘବନ ଓ ପ୍ରତିମାଙ୍କ ଖୁବ କଥାବାର୍ତ୍ତା ଚାଲେ । ମନ ତରଳିବା ସ୍ବାଭାବିକ । ଦୁହେଁ ଦୁହିଁଙ୍କୁ ଖୁବ ଭଲ ପାଆନ୍ତି। ସମୟ ପାଇଲେ ଆସର ଜମେ ।

ରାଘବନ ଏକାନ୍ତରେ ଚିନ୍ତା କରିବାକୁ ଭାରି ଭଲ ପାଆନ୍ତି । ଗଛ ଲତା, ପଶୁପକ୍ଷୀ, ପାଣି ପବନ ତାଙ୍କ ମନରେ ଭରିଦିଏ ଅପୂର୍ବ ଆନନ୍ଦ । ଏମିତି ଆନନ୍ଦ କୁ ଉପଭୋଗ କରିବାକୁ ହେଲେ ସ୍ବତନ୍ତ୍ର ବ୍ଯକ୍ତିତ୍ବର ଦରକାର। ଚୁପଚାପ ପ୍ରକୃତି ସାଙ୍ଗରେ ମିଶି ଏହି ମନୋରମ ଦୃଶ୍ୟ ରେ ସେ ହଜି ଯାଆନ୍ତି । ବାପାଙ୍କ କଡ଼ା ନିର୍ଦ୍ଦେଶ ଯେ ଜମା ମିଶାମିଶି ହେବାର ନାହିଁ । ମାଁ ଙ୍କ ପ୍ରଶ୍ନ ବାଣ । ସବୁଗୁଡିକ ପ୍ରତିମାଙ୍କ ମୁଣ୍ଡକୁ ଗୋଳମାଳ କରୁଥାଏ । ପ୍ରତିମାଙ୍କ ବାପା ଆଉ ଧୈର୍ଯ୍ୟ ଧରି ରହିପାରିଲେ ନହିଁ ରାଘବନ ଙ୍କୁ ଡାକି ଶୁଣାଇ ଦେଲେ । ଫ୍ଲାଇଟ ଚାଲିବା ଆରମ୍ଭ ହେଉ ହେଉ ତମେ ଯାଅ । କାରଣ ଲକଡାଉନ ପାଇଁ ସବୁ ଫ୍ଲାଇଟ, ଟ୍ରେନ, ଯାତାୟାତ କରିବା ସୁବିଧା ସବୁ ବନ୍ଦ ପଡିଥିଲା । ବାପାଙ୍କ ଏମିତି ବ୍ୟବହାର ରାଘବନଙ୍କ ପ୍ରତି ପ୍ରତିମାଙ୍କୁ ଭଲ ଲାଗି ନ ଥିଲା । ଖୁବ କାନ୍ଦିଲେ ପ୍ରତିମା ସେଦିନ । ପ୍ରତିମା ପୁଣି କାନ୍ଥ ଆଡୁଆଳରେ ରହି ଶୁଣୁଥିଲେ ବାପା କହୁଥିଲେ ମା' କୁ "ଆମେ ପୁଅଟିଏ ଦେଖି ଖୁବ ଶିଘ୍ର ଝିଅକୁ ବାହା କରିଦେବା । ବଢିଲା ଝିଅକୁ ଘରେ ରଖିବା ଭାରି କଷ୍ଟ । ଝିଅ ପାଖ ପାଖ ରେ ରହିବାକୁ ଚେଷ୍ଟା କରିବ । ଯଦି ଝିଅ କ'ଣ କରିବସେ..! "

ଲକଡାଉନ କୋହଳ ହେଲା ଟ୍ରେନ ଚାଲିଲା । ରାଘବନ ପ୍ରତିମାଙ୍କ ସହିତ କଥା ହୋଇନାହାନ୍ତି କି ଗଲା ବେଳେ କିଛିବି କହିଲେ ନାହିଁ । ଚାଲିଯିବା ଦିନ ପ୍ରତିମା ଖୁବ କାନ୍ଦିଛନ୍ତି । ଧିରେ ଧିରେ ଆଖିର ପାଣି ସୁଖିଗଲା, ଯନ୍ତ୍ରଣା କମି ଆସିଲା । ଦୁଃଖ ଓ ବେଦନାର ବି ଗୋଟିଏ ଅପୂର୍ବ ଆନନ୍ଦ ଅଛି । ମନ ଦହନର ବି ଆଲୋକିତ ଶକ୍ତି ଅଛି ବୋଲି ପ୍ରତିମାଙ୍କ ହୃଦବୋଧ ହେଲା । ହୃଦୟ ଦହନ ପରେ ମନ ଦୁଃଖରେ ସେ ଶୋଇପଡିଥିଲେ । ବାପାଙ୍କ କଥା ଟା କାନରେ ଠୋ ଠୋ ବାଜୁଥାଏ । "କ'ଣ ଯଦି କରିବସିବ ଝିଅ, ପାଖରେ ଜଗିକି ଥିବ ।" ବାପା ବୋଧେ ଝିଅକୁ ଚିହ୍ନନ୍ତି ନି । କାହିଁକି ବା ସେ ଏମିତି କରିବସିବ? ଜୀବନଟା ଖୁବ ସୁନ୍ଦର, ଆନନ୍ଦ ଦିଏ । ଆଉ ଦୁଃଖ କ'ଣ କମ ସୁନ୍ଦର? ମ୍ରିୟମାଣ ତ କରେ, ହେଲେ ବୁଝିପାରିଲେ ଆନନ୍ଦ ଦିଏ । ଆଉ ଭୋଗି ସାରିଲେ ଅପୂର୍ବ ଆନନ୍ଦ । ଜୀବନଟା ଅନୁଭୂତି ଗୁଡ଼ିକୁ ନେଇ ଆଗକୁ ବଢିବାର ସୁଯୋଗ ଦିଏ । ସେଦିନ ପ୍ରତିମାଙ୍କ ହସ ଓ କାନ୍ଦର ମିଶ୍ରଣରେ ମୁହଁଟା ଭିନ୍ନ ସ୍ବରୂପ ଧାରଣ କରିଥିଲା । ସେ ସୌନ୍ଦର୍ଯ୍ୟକୁ ରୂପଦେବାକୁ କବିଙ୍କ ବା ସାହସ କାଇଁ,କଲମ ଥରିବ । ଅଭିମାନ ଓ ଆନନ୍ଦ କଦମ୍ବ ତଳେ ବଂଶୀ ସୁରେ ତାଳେ ତାଳେ ନାଚିଥିଲେ।

ମାଁ ଙ୍କ ଡାକରେ ନିଦ ଚାଉକିନା ଭାଙ୍ଗିଗଲା । ପ୍ରତିମା ଦେଖୁଥିଲେ ନୂତନ ସୂର୍ଯ୍ୟ ର କିରଣ ବିଛାଡି ପଡ଼ିଛି ବିଛଣାରେ । ଅଭୁଲା ସମୟ ନେଇ ଭୁଲିବାକୁ ଚେଷ୍ଟା ତାଙ୍କ ଆଖି ଚାଲି ଯାଉଥିଲା ପ୍ରକୃତିର ପାହାଡ଼ ଝରଣା ଘଞ୍ଚ ବନାନୀ ଆଡେ । କୃତଜ୍ଞତା ରେ ମୁଣ୍ଡ ନଇଁ ପଡୁଥିଲା ରାଘବନ ପ୍ରତି । ସେ ତ ଶିଖାଇଛନ୍ତି ଏମାନଙ୍କୁ ଭଲ ପାଇବାଟାର ଆନନ୍ଦ। ଅଭିନୟର ହସ ମାନୁଥିଲା ପ୍ରତିମାଙ୍କ ମୁହଁ କୁ । ଡିମା ଡିମା ନାଲି ନାଲି ଆଖିରେ ସୂର୍ଯ୍ୟ କିରଣ ପଡି ହୀରାଖଣ୍ଡ ଭଳି ମୁହଁ ଟା ଝଲିସି ଉଠୁଥିଲା । ତାକୁ ଲାଗିଲା ଟ୍ରେନରେ ରାଘବନ ହାତ ବଢ଼େଇ

■■■ ପ୍ରାଚୀ ଏନ୍‌କ୍ଲେଭ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

ଇ-ପତ୍ରିକା
ଦ୍ୱିତୀୟ ବର୍ଷ, ପ୍ରଥମ ସଂଖ୍ୟା, ୧ ଜୁଲାଇ ୨୦୨୩

# ଅକ୍ଷିମୁଠି

**ମନୋଜ କୁମାର ମହାପାତ୍ର**

ହଲେଇ ହଲେଇ ବାଏ କହି ଆନନ୍ଦ ମନେ ଚାଲିଯାଉଛନ୍ତି ଦୂରକୁ... ଦୂରକୁ  ଆଉ ଦୃଶ୍ୟ ସବୁ ପଛକୁ... ପଛକୁ । ଘରପିଣ୍ଡାରେ ଗୋଡ ଲମ୍ବେଇ ବସି ରସିକମା ବୁଢ଼ୀ ଗୋଟିଏ ହାତରେ ମାଳି ଗଡ଼ଉଥିଲାତ ଅନ୍ୟ ହାତରେ ଧରିଥିଲା ବରଡ଼ା ପଙ୍ଖାଟିଏ । ବୈଶାଖ ମାସ ଗୁଳୁଗୁଳି ଯୋଗୁ ତାର ଝାଳୁଆ ଦେହଟା ଚିଡ଼ଚିଡ଼ ଲାଗୁଥିଲା । ଆଖି ସିନା ମୁଦିଛି, କିନ୍ତୁ ଘରପଛ ଟୁବରେ ଚେଙ୍ଗ, ଗଡ଼ିଶା ଖେଳିଲା ପରି ମନଟା ଖାଲି ଚହଲୁଥାଏ । କେମିତି କାଲି ବଡି ସକାଳୁ ଉଠି ବିଲକୁ ଯିବ ଏବଂ ଅଖିମୁଠି ଅନୁକୂଳ  କରି ଟାଣ ଖରା ଆଗରୁ ଘରକୁ ଫେରିବ ।

ବୁଢ଼ା ଥିଲା, ତାର ଚିନ୍ତା ନ ଥିଲା । ପ୍ରତିବର୍ଷ ବୁଢ଼ା ବୁଢ଼ୀ ଦୁହେଁ ସାଙ୍ଗ ହେଇ ବିଲକୁ ଯାଉଥିଲେ କିନ୍ତୁ ବର୍ଷେ ହେଲା ବୁଢ଼ା ଆରପାରିର ପଥିକ ସାଜିବା ପରେ ସେ ଏବେ ନିଃସଙ୍ଗ । ତଥାପି ପିଣ୍ଡରେ ପ୍ରାଣ ଥିବା ଯାଏ ଏଇ ପରମ୍ପରାକୁ ପାଳିବାକୁ ହେବ, ଯେତେହେଲେ ସେ  ଚାଷୀ ଘରର ଝିଅ । କଥାରେ ଅଛି ପରା " ଚାଷ ଅଛି ଯାର ଭୋକ ନାହିଁ ତାର" ।

ସକାଳୁ ସକାଳୁ ବୁଢ଼ୀ ସାମାନ୍ୟ  କାକସ୍ନାନ କରି, କାନ୍ଧରେ କୋଦାଳ ପକାଇ, ଗୋଟିଏ ଝୁଲାରେ ଧାନଛିଞ୍ଚା, ଉଖୁଡା, ଫୁଲ, ସିନ୍ଦୁର ଭରି, ବାଡ଼ି ଠୁକୁ ଠୁକୁ କରି ଚାଲିଲା ବିଲ ଆଡ଼େ । ମାତ୍ର ପାଞ୍ଚ ଗୁଣ୍ଠ ଜମି । କୋଦାଳରେ ମାଟିକୁ ଅଳ୍ପେ ଉଖାଡ଼ି ସେଥିରେ ଧାନ ଛିଞ୍ଚାରୁ କିଛି ଧାନ ବୁଣି, ମାଟିକୁ ଫୁଲ ସିନ୍ଦୁରରେ ସଜାଇଲା ଏବଂ ଉଖୁଡା ଭୋଗ ଲଗାଇଲା । ମାଟିକୁ ଜୁହାର ହେଇ କହିଲା - ହେ ମାଟି ମା ଏ ବର୍ଷ ଧନଧାନ୍ୟରେ ପୁରି ଉଠୁ ମହିମଣ୍ଡଳ ।

ରସିକମା ଆକାଶକୁ ଚାହିଁଲା । ଖରା କ୍ରମଶଃ ଟାଣ ହେଉଥିଲା । ବାଡ଼ି ଠୁକୁ ଠୁକୁ କରି, ଆଗକୁ ଚାଲିଲା । ବିଲ ମଝିରେ ଗଛବୃକ୍ଷ ଭରା ହଳଦିଢିଅ ଏକ ଓଏସିସ ଭଳି କେଉଁ ଆବହମ କାଳରୁ ଠିଆ ହେଇଛି । ଚାଷୀ ଅଖିମୁଠି ଅନୁକୂଳ କରିସାରିବା ପରେ ହଳଦିଢ଼ିଅର ଶୀତଳ ଛାୟା ବେଷ୍ଟିତ ଗୋଟିଏ  ଭଙ୍ଗା ଛୋଟ ମନ୍ଦିରରେ ସ୍ଥାପିତ ଠାକୁରାଣୀଙ୍କୁ ପୂଜନ୍ତି । ବିଧି ରକ୍ଷା କରିବାକୁ ହେବ । ରସିକବାପ ଏ ସନ ନାହିଁ ବୋଲିକି କଣ ବିଧିଟା ଉଜୁଡି ଯିବ ! ଠାକୁରାଣୀଙ୍କୁ ପୂଜା ନ କରି ସେ କଣ ଘରକୁ ଫେରିଯିବ !

ଏମିତି ଭାବୁ ଭାବୁ କିଛି ସମୟ ଅତିକ୍ରାନ୍ତେ ହଳଦିଢିଅରେ ପହଂଚିବା କ୍ଷଣି ପଛକୁ ଚାହିଁ ଦେଖେତ ମାଳ ମାଳ ଲୋକ ଗୋଟିଏ ବଡ ଜମିର ଚାରି ପାଖ ହିଡରେ ଠିଆ ହେଇଛନ୍ତି ଏବଂ ଢୋଲ ମହୁରୀ ଶଙ୍ଖ ବାଜାରେ ଫାଟି ପଡୁଛି ସାରା ବିଲ ଇଲାକା । ଦୁଇଟି ବଳଦ ଯୋଚା ଜୁଆଳି ସଂଲଗ୍ନ ଲଙ୍ଗଳକୁ ଧରି ଜଣେ ଧୋବ ଫର ଫର ପାଇଜାମା ପରିହିତ ମଣିଷ ବେକରେ ଫୁଲମାଳ ପକାଇ ହଳ କରୁଛି ଓ ଅଖିମୁଠି ଜମିରେ ବିଞ୍ଚୁଛି । ଲୋକଙ୍କର ତାଳିମାଡ ଓ ଜୟକାର ଧ୍ୱନିରେ ମୁଖରିତ ବିଲର ଇଲାକା । ରସିକମା ଏ ଦୃଶ୍ୟରେ ବିସ୍ମୟବିମୁଢ଼ ହେଲା ସିନା କିନ୍ତୁ ଘଟଣାର ରହସ୍ୟ ବୁଝି ପାରିଲାନି ।

ଏ କଥା ସେ କାହାକୁ ପଚାରିବ ? ଆଜି ସକାଳୁ ଅଖିମୁଠି ଅନୁକୂଳ ପାଇଁ ଘରୁ ବାହାରିବା ଠାରୁ ବାଟରେ ଯାହାକୁ ଦେଖିଲା ସେ ମୁହଁ ମୋଡି ଚାଲିଯାଉଥାଏ । କଣ ନା ଏଇ ଆଣ୍ଟୁକୁଡି ବୁଢ଼ୀଟାର ମୁହଁକୁ ଚାହିଁଲେ ଶୁଭ କାମରେ ବିଘଟଣ ଘଟିବ । ଆଜିକାଲି ଆଣ୍ଟୁକୁଡି ଶବ୍ଦଟା ଶୁଣି ଶୁଣି ତାର ଦେହସୁହା ହେଇଗଲାଣି । ସେ ସଅଳ ପାଦରେ ଆଗେଇ ଯାଇ ଭଙ୍ଗା ମନ୍ଦିରର ଠାକୁରାଣୀ ଆଗରେ ଗମ ଗମ ଝାଳ ବହୁଥିବା ଦେହରେ ଦୁମକିନା ବସିପଡ଼ିଲା । ଝୁଲାରେ ରଖିଥିବା ବଳକା ଫୁଲ ସିନ୍ଦୁର ବାହାର କରି ସଜାଇଲା ଠାକୁରାଣୀଙ୍କୁ, ଉଖୁଡା ଭୋଗ ଲଗାଇ ଆଖି ବୁଜି ଗୁଣୁ ଗୁଣୁ କଣ କହିଲା । ସେତେବେଳକୁ ସେ କ୍ଳାନ୍ତ । ବାହାରେ ଝାଂଜି ଖରା ପିଟୁଥାଏ ଦେଖି ମନ୍ଦିର ପାଖ ଏକ ବୃହତ ଅଶ୍ୱସ୍ତ ଗଛ ମୂଳ ଛାଇରେ ବସି ପଡିଲା । ଚାରିଆଡେ ଆମ୍ବ, ବର, ତେନ୍ତୁଳି ଭଳି କେତେ ରକମର ଗଛ । ତା ସହିତ କେତେ ରକମର ପକ୍ଷୀଙ୍କର ଚେଁ ଚେଁ ଖିଚିରି ମିଚିରି ରାବରେ ସାରା ବୃକ୍ଷଭରା ଢିଅଟି

ଶବ୍ଦମୟ । ଶୀତଳତା କରୁଛି ରାଜତ୍ୱ । ଝୁଲାରୁ ଭୋଗ ଉଖୁଡା ଗଣ୍ଡିଏ ପାଟିରେ ପକାଇ ସାଙ୍ଗରେ ଆଣିଥିବା ଠେକିରୁ ପାଣି ମୁନ୍ଦାଏ ପିଇଲା ।

କେଉଁଠି ଥିଲା କେଜାଣି ହଳଦିବସନ୍ତଟିଏ ଏହି ସମୟେ ଉଡି ଆସି ଆମ୍ବ ଡାଳରେ ବସି ରାବିବାକୁ ଲାଗିଲା । ଅନେଶତ ବାତ୍ୟା ପରଠୁ ହଳଦିବସନ୍ତଙ୍କର ଦେଖା ମିଳୁନଥିଲା । ଏତେବର୍ଷ ପରେ ଆଜି ହଳଦିବସନ୍ତର ଉପସ୍ଥିତି ବୁଢ଼ୀ ମନରେ ଭରିଦେଲା ଖୁସିର ଝଲକାଏ ପବନ । ହଳଦିବସନ୍ତକୁ ଏକ ଲୟରେ ଚାହୁଁ ଚାହୁଁ ତାର ଆଖି କେତେବେଳେ ଲାଖି ଯାଇଛି ତାକୁ ଜଣା ନାହିଁ ।

ନୂଆବୋହୂଟିଏ ହେଇ ଶାଶୁଘରକୁ ଆସିବାର ଛମାସ ପରେ ଅଖିମୁଠି ଅନୁକୂଳ ପାଇଁ ଆସିଥିଲା ବିଲକୁ ପ୍ରଥମେ ତା ଗେରସ୍ତ ସହିତ । ବିଲରେ ଅଖିମୁଠି ପୂଜାକର୍ମାଣୀ ସାରି ସେ ଦୁହେଁ ଏଇଠି ପୂଜା କରିଥିଲେ ଠାକୁରାଣୀଙ୍କୁ । ଏଇ ଅଶ୍ୱସ୍ତ ଗଛ ମୂଳରେ ବସି ଦୁହେଁ ହସଖୁସି ହେଉଥିବା ବେଳେ ଦେଖିଥିଲେ ଏ ଡାଳରୁ ସେ ଡାଳ ଡେଉଁଥିବା ଦୁଇଟି କୌତୁକିଆ ହଳଦିବସନ୍ତକୁ । ଅପଲକ ନୟନରେ ସେତେବେଳର ଭୂଆସୁଣୀ ବୋହୂ ରସିକମା କ୍ରୀଡାରତ ଦୁଇଟି ହଳଦିବସନ୍ତଙ୍କୁ ଚାହିଁଥିବାବେଳେ, ସେ କ୍ରମଶଃ ଅନୁଭବ କରୁଥିଲା ଗେରସ୍ତର ବାହୁବନ୍ଧନ ଭିତରେ ହଜି ଯାଉଛି । ସତେକି ଅକ୍ଷର 'ଓ'ର ସେ ଚନ୍ଦ୍ରବିନ୍ଦୁ ପାଲଟି ଦୁହେଁ ଲାବଣ୍ୟ ଶୃଙ୍ଗାର ରସର ଓଁ କାର ହେଇ ଯାଉଛନ୍ତି !!!

ରସିକମା ବାର୍ଦ୍ଧକ୍ୟର ଲୋଚାକୁଚା ଓ ଚମ ଧୁଡୁଧୁଡୁ ଦେହରେ ବିଗତ ଯୌବନର ଲହରୀତ ପୁଲକ ପ୍ରବାହକୁ ଛାଇ ନିଦର ସ୍ମୃତି ଗର୍ଭରେ କିଛି ସମୟ ଅନୁଭୋଗ କରୁଥିବା ସମୟରେ ଚାଏଁ କିନା ତାର କ୍ଷଣିକ ସ୍ୱପ୍ନ ଅପସାରିତ ହେଲା । ସେ ଦେଖିଲା ହଳଦିବସନ୍ତ ଆଉ ଡାଳକୁ ଡାଳ ଡେଉଁ ନାହିଁ ବରଂ ନିଶ୍ଚଳ ହେଇ ଢୋଳଉଛି । ଆହାଃ... ବିଚରା ବୋଧେ ମୋ ପରି ଯୋଡି-ଚ୍ୟୁତ ହେଇଛି ।

ସେତେବେଳକୁ ଟାଣ ଖରା କମି ଗଲାଣି, ସେ ଘର ଅଭିମୁଖେ ଯିବା ପାଇଁ ଉଦ୍ୟତ ହେଉଥିବାବେଳେ କାହାର ଠାକୁମା ଠାକୁମା ଡାକ ଶୁଣି ଚାରିଆଡକୁ ଅନାଇଲା । ଦେଖିଲା ଯେ ଜଣେ ପ୍ୟାଣ୍ଟ ସାର୍ଟ ପରିହିତ ଅଚିହ୍ନା ବ୍ୟକ୍ତି ଆଗରେ ଠିଆ ହେଇ ହସୁଛି ଓ କହୁଛି - ଠାକୁମା ମୋତେ ଚିହ୍ନି ପାରୁନ କି ? ମୁଁ ପରା କାଠିଆ, ତୁମ ପୁଅ ରସିକର ସାଙ୍ଗ । ତଥାପି ଚିହ୍ନି ନ ପାରି ସେ ଅକାବକା ହେଇ କେବଳ ଆଗନ୍ତୁକ ମୁହଁକୁ ଚାହିଁଥିଲା । ଆଗନ୍ତୁକ ବୁଝିଗଲେ, ସେ ବୁଢୀକୁ କୁଣ୍ଢେଇ ପକାଇ କହିଲେ - ଠାକୁମା ! ମୁଁ ପରା ନିଧି ବଢ଼େଇ ପୁଅ କାଠିଆ ।

ବୁଢ଼ୀ ମୁହଁରେ ଖେଳିଗଲା ଏକ ହସର ଜୁଆର । ସେ କାଠିଆର ମୁଣ୍ଡକୁ ଆଉଁସି ଦେଇ ସ୍ନେହପୂର୍ଣ କଣ୍ଠରେ କହିଲା - ମୁଁ ମରି ଯାଉଥାଏ ଲୋ ମା । ମୋ ଛୁଆ ଆଜି କେଡେ ବଡ଼ ମଣିଷ ହେଇଛି । ହଁ ଲୋ ତୋ ମା କହୁଥିଲା ଯେ ତୁ ପରା ବିଲାତରେ ରହୁଛୁ । ତୁ କେବେ ଗାଁକୁ ଆସିଲୁ ?

ମୁଁ ଏଇ ଦି'ଦିନ ହେଲା ଗାଁକୁ ଆସିଛି । ମୁଁ ଆଜି ତମ ଘରକୁ ଯାଇଥାନ୍ତି ଯେ କିନ୍ତୁ ବିଲକୁ ଦାଦାଙ୍କ ସହିତ ଚାଲି ଆସିଲି ଅଖିମୁଠି ଅନୁକୂଳ ପାଇଁ ।

ଆରେ କାଠିଆ ତୋ ଦାଦା ପରା ଏବେ ମନ୍ତ୍ରୀ ହେଇଛି । ସେ ତ ତାର ପିଲାପିଲି ସହିତ ଭୁବନେଶ୍ୱରରେ ରହୁଛି, କେବେ ତ ଦେଖିନି ତାକୁ ଅଖି ତୃତୀୟା ଦିନ ଗାଁକୁ ଆସିବାରେ ?

ଏ ସବୁ ରାଜନୀତି ଠାକୁମା । ଦେଖା ନାହିଁ ଶୁଣା ନାହିଁ ଗହ୍ମା ପୁନେଇଁରେ ମାଇଁ ନ୍ୟାୟରେ ଆଜିକାଲି ମନ୍ତ୍ରୀ, ବିଧାୟକ ଓ ସାଂସଦମାନେ ପରା ବାଜା ଫାଜା ବଜାଇ ମହା ଆଡମ୍ବରରେ ଅଖିମୁଠି ଅନୁକୂଳ ପାଇଁ ଗାଁକୁ ଧାଉଁଛନ୍ତି । ଇଏ ଗୋଟେ ଭୋଟ ଗୋଟେଇବାର ଫାନ୍ଦ, ବୁଝିଲୁ ଠାକୁମା ।

ବୁଢ଼ୀର ପାକୁଆ ପାଟିଟା ଉଛୁଳା ହସରେ ଆଁ ହେଇଗଲା । ଓହୋ.... ସେଇଥିପାଇଁ ଆଜି ବିଲରେ ଏତେ ଲୋକଙ୍କର ଭିଡ଼ ଜମିଥିଲା, ବାଜା ବାଜୁଥିଲା, ଶଙ୍ଖ ହୁଳୁହୁଳିରେ ବିଲ ଇଲାକା ଫାଟିପଡୁଥିଲା । ଏବେ ବୁଝିଲି ।

ବୁଢ଼ୀ ଟିକିଏ ନିଃଶ୍ୱାସ ମାରି କହିଲା - ତୁତ ଜାଣିଥିବୁ ମୋ ଦିଅରର ପୁଅ ରସିକକୁ ପୁଅ କରି ଆମେ ପାଳିଥିଲୁ, ବୁଢ଼ାବୁଢ଼ୀ ସମୟରେ ଆମ ମୁହଁରେ ପାଣି ଠୋପେ ଦେଇଥାନ୍ତା । କିନ୍ତୁ ପାଞ୍ଚବର୍ଷ ତଳେ ଜମି ମଝିରେ ହଳ କରୁଥିବା ସମୟରେ ମାତ୍ର କୋଡିଏ ବର୍ଷ ବୟସରେ ଦୁଇଟି ବଳଦ ସହିତ ବଜ୍ରପାତ୍ରରେ ତାର ମରଣ ହେଲା

ଆମ ସଂସାର ସେଇଦିନୁ ଉଜୁଡି ଗଲାରେ ପୁଅ ।
କାଠିଆ ମୁଣ୍ଡ ଟୁଙ୍ଗାରି କହିଲେ - ହଁ ମୁଁ ଜାଣିଛି ।

ବୁଢ଼ୀ ବାଷ୍ପରୁଦ୍ଧ ସ୍ୱରରେ କହିଲେ - ତୋ ଠାକୁବା ପୁଅ ରସିକ ମରଣରେ ଏମିତି ଭାଙ୍ଗି ପଡିଲେ ଯେ ସେ ବି ଗଲା ସନ ଇହ ସଂସାରରୁ ବିଦାୟ ନେଲେ । ଆଉ ଏ ବୁଢ଼ୀଟା ଆଣ୍ଟୁକୁଡି ଅପବାଦକୁ ମୁଣ୍ଡେଇ ଜିଇଁ ଥାଉ ଥାଉ ନିତି ମରୁଛି । ବୁଢ଼ୀ ଶୁଁ ଶୁଁ ହେଇ କାନିରେ ନାକ ଓ କାନ ପୋଛି କହିଲା - ଆରେ କାଠିଆ, ତୁମ ବିଲାତରେ ମୋ ଭଳି ଆଣ୍ଟୁକୋଡ଼ିମାନଙ୍କୁ କଥା କଥାରେ ଲୋକେ ଅପଦସ୍ତ କରନ୍ତିନା ?

କାଠିଆ ଓରଫ ଅକ୍ସଫୋର୍ଡ ୟୁନିଭର୍ସିଟିର ମନୋବିଜ୍ଞାନ ପ୍ରଫେସର ଯଯାତି ଦାସ ଠାକୁମା'ର ଅନ୍ତର୍ବେଦନାର ଆତିଶୟତାକୁ ବୁଝିପାରି ତାଙ୍କୁ ନିବିଡ଼ ଭାବେ ଆଲିଙ୍ଗନ କରି କହିଲେ - ଠାକୁମା ଅକିକାଲି ବିଦେଶରେ ପୁଅ ଝିଅମାନେ ବାହା ନ ହେଇ ସ୍ୱାମୀ ସ୍ତ୍ରୀ ଭାବେ ଏକାଠି ରହନ୍ତି, ପିଲାଛୁଆ କରିବା ତ ଦୂରର କଥା । ପୁଣି ବିବାହିତ ସ୍ୱାମୀ ସ୍ତ୍ରୀମାନେ ସନ୍ତାନ ପ୍ରସବ କରିବାକୁ ଚାହନ୍ତିନି । ବିଦେଶ କାହିଁକି ଆମ ଦେଶରେ ସେଇ ଅପସଂସ୍କୃତି ଆଜି କାୟା ମେଲାଇ ଚାଲିଛି । ଯିଏ ଯାହା କହୁ ପଛେ ଆଣ୍ଟୁକୁଡା ନିଜକୁ ଭାବି ମନ ଖରାପ କରନା । କାହିଁକି ନା ଆଜି କିଛି ମଣିଷ ସ୍ୱ ଇଛାରେ ଚାହାଁନ୍ତି ଆଣ୍ଟୁକୁଡା ହେବାକୁ ।

ଏତକ ଆଶ୍ୱାସନା ଦେଇ ବୁଢ଼ୀର ହାତ ଧରି କାଠିଆ ଧୀରେ ଧୀରେ ଗାଁକୁ ଆସିଲେ । ସେତବେଳକୁ ଅପରାହ୍ନ ଚାରିଟା । ରସିକମାର ଘରେ ପହଂଚି,ବେଗରୁ ଚକଲେଟ, ଜୁସ ଓ ପିଜା ବାହାର କରି ବୁଢୀକୁ ଅତି ସରାଗରେ ଖୁଆଇଲେ । ଆଉ କିଛି ବି ସାଇତି ରଖିବାକୁ ଦେଲେ । ପିଲାଦିନର କାଠିଆ ଭଳି ଯଯାତିବାବୁ ବୁଢ଼ୀ ପାଖରେ ବସିଥିବା ବେଳେ ତାଙ୍କର ହଠାତ ଭାବାନ୍ତର ହେଲା । ସେ ଭାବୁଥିଲେ - ରସିକମା ତ ଆମ ସମୟର କାହାଣୀ ପେଡି । କେତେ ମଜା ଗପ ଆମେ ପିଲାଦିନେ ତାଙ୍କ ପାଖରୁ ନ ଶୁଣିଛୁ ସତେ !!"

ପିଲାଦିନେ ଏଇ ଅକ୍ଷୟ ତୃତୀୟ ରାତିରେ ଶୁଣିଥିବା ଶିଆଳ ଓ ବରକୋଳି ଗପଟା ତାଙ୍କ ମନରେ ହଠାତ ଚେଇଁ ଉଠିଲା । ସେଇ ଗାଉଁଲି ଗପଟିକୁ ଯେତେବେଳେ ପିଲାଙ୍କ ମେଗାଜିନରେ ଇଂରାଜୀରେ ପୁନର୍ଲିଖନ କରି ପ୍ରକାଶିତ କଲେ, ଅନେକ ଶୁଭେଚ୍ଛାର ସୁଅ ତାଙ୍କ ପାଖକୁ ଦିନେ ଛୁଟିଥିଲା । ଗପର ଲେଖକ କାହାକୁ ଜଣା ନାହିଁ ସେ କିନ୍ତୁ ପାଇଲେ ଅନେକ ଶୁଭେଚ୍ଛା ।

ରସିକ ମା ଯଯାତି ବାବୁଙ୍କ କପାଳକୁ ଆଉଁସି ଦେଉ ଦେଉ କହୁଥିଲେ' ମୋ ନାତିଟା ଏଇନେ ଏଡ଼େ ବଡ଼ ଲୋକ, ଦେଖୁନ ଗାଁକୁ ଭୁଲିନି କି ଏଇ ବୁଢ଼ୀଟାକୁ ବି ପାସୋରିନି । ବିଲକୁ ପୁଣି ଡହ ଡହ ଖରାରେ ଯାଇଥିଲା ଅଖିମୁଠି ଅନୁକୂଳ କରିବାକୁ । ଯେତେହେଲେ ଚାଷୀଘର ପିଲାତ !!

ଏକ ଭାବାବେଗରେ ବଶବର୍ତ୍ତୀ ହେଇ, ଗେଲେଇ ହେଇ କହିଲେ ଯଯାତିବାବୁ - ଠାକୁମା, ତୋ ପାଖରୁ ପିଲାଦିନେ ଶୁଣିଥିବା ଶିଆଳ ଓ ବରକୋଳି ଗପକୁ ବିଲାତର ପିଲାମାନଙ୍କୁ କେତେଥର କହିଛି, ସେମାନେ ଗପ ଶୁଣି ହସି ହସି ଗଡିଯାଆନ୍ତି । ଆଜି ଟିକେ ସେଇ ମଜାଦାର ଗପଟି ମୋତେ ଶୁଣାଅନା ।

ରସିକମା ଗୋଡ଼ ଲମ୍ବେଇ ତାର ଚିରାଚରିତ ଠାଣିରେ କହିଲା -" ଶୁଣ ରେ ପୁଅ । ବହୁ ବର୍ଷ ତଳେ ଏକଦା ଗାଁ ମୁଣ୍ଡରେ ଜଣେ ବାହ୍ମଁଣି ବୁଢ଼ୀ ଚାଳିଆଟିଏ କରି ରହୁଥିଲା । ଚାଳିଆକୁ ଲାଗି ବିରାଟ ଆମ୍ବ ବଗିଚାଟିଏ । ତାର ଘର ଅଗଣାରେ ଥିଲା ବରକୋଳି ଗଛଟିଏ । ଶୀତଋତୁ ପରେ ପ୍ରତିବର୍ଷ ବରକୋଳି ପାଚି ତଳେ ବିଛେଇ ଯାଏ । ବୁଢ଼ୀ ଶୋଇଗଲା ପରେ, ଶିଆଳଟିଏ ବଗିଚାର କିଆବୁଦା ଭିତରୁ ବାହାରି ଆସେ ଓ ପେଟେ ବରକୋଳି ଖାଇ, ସେଇ ଗଛ ପାଖରେ ମଳତ୍ୟାଗ କରି, ବୁଢ଼ୀ ପିଣ୍ଡାରେ ତାର ପିଚାକୁ ଘସିଦିଏ ।

ବୁଢ଼ୀ ସକାଳୁ ଉଠି ଦେଖେତ ତାର ପିଣ୍ଡା ଅସନା ହେଇ ଦୁର୍ଗନ୍ଧ କରୁଛି । ବିଚରା ଆଉ କଣ କରିବ । ଶିଆଳ କୁ ବହେ ଗାଳି ଦିଏ ଏବଂ ପିଣ୍ଡାକୁ ପରିଷ୍କାର କରି ଗୋବରରେ ଲିପେ । କେତେଦିନ ଆଉ ଏମିତି ହଇରାଣ ହେବ ବୁଢ଼ୀ । ଶିଆଳକୁ ପାନେ ଚଖାଇବା ପାଇଁ ଗୋଟିଏ ଅଭିନବ ଉପାୟ ପାଞ୍ଚିଲା ।

ଦିନେ ସଞ୍ଜ ବେଳେ ଛୋଟ ଛୋଟ କାନକୋଳି କଣ୍ଟାକୁ ପିଣ୍ଡା ସାରା ବିଞ୍ଚିଦେଲା ଓ ଗୋଟିଏ ଛେଲୁଆରେ କିଛି ପାଣି ଭରି ସେଥିରେ ଦଳିଦେଲା କଞ୍ଚା ଲଙ୍କା । ସେଇ ଛେଲୁଆଟିକୁ ପିଣ୍ଡା ତଳେ ରଖିଦେଇ ଆରାମରେ ବୁଢ଼ୀ ତା ଘରେ ଶୋଇଲା ।

ଶିଆଳ ପ୍ରତିଦିନ ଭଳି ରାତି ଅଧରେ ପହଂଚି ତଳେ ପଡ଼ିଥିବା କୋଳି ପେଟେ ଖାଇଲା ଓ ଗଛ ମୂଳରେ ମଳତ୍ୟାଗ କଲା । ତାପରେ  ପିଣ୍ଡା ଉପରେ ପିଚା ଯେମିତି ଘଷିଛି କାନକୋଳି କଣ୍ଟା ତାର ପିଚାରେ ଫୋଡି ଯିବାରୁ ହାଉଳମାଉଳ ହେଇ ତଳେ ଖାଲି ଗଡ଼ିଲା । ଏପରି ଜ୍ୱଳନରୁ ବର୍ତ୍ତିବା ପାଇଁ  ଛେଲୁଆରେ ଥିବା ପାଣିରେ ପିଚା ବୁଡାଇ ଦେବାରୁ ଯନ୍ତ୍ରଣାରେ ବେଶୀ ଛଟପଟ ହେଇ ଶିଆଳ ନାଚି ନାଚି ବିକଳରେ ହୁକେ ହୋ ହେଇ ଭୁକିବାକୁ ଲାଗିଲା ଓ ଯନ୍ତ୍ରଣାରେ ଛଟପଟ ହେଇ କହୁଥିଲା - ରାଣ୍ଡ  ବାହ୍ମଁଣୀ ଲୋ ରାଣ୍ଡ ବାହ୍ମଁଣୀ - ତୋ କୋଳି ଫୋଳି ପୋଡି ଯାଉ ମୋ ଟେରିକି ନାଚିଲା.....। ଶିଆଳ ବଗିଚା ଭିତରକୁ ପଳାଇଲା । ସେଇ ଦିନରୁ ଶିଆଳ କେବେ ବି ବୁଢ଼ୀର ବରକୋଳି ଖାଇବାକୁ ଆସିନି " ।

ଗପ ଶେଷରେ ବୁଢ଼ୀ ଓ ଯଯାତି ବାବୁ ହସ ସୁଅରେ ଭାସୁ ଥିବା ସମୟରେ ଯଯାତି ବାବୁ ସାମାନ୍ୟ ଅନ୍ୟମନସ୍କ ହେଇ ନିରବ ହେଇଗଲେ । ସେ ଭାବୁଥିଲେ - ରସିକମା ଭଳି ଠାକୁମା'ମାନେ ହେଉଛନ୍ତି ଆମ ସମୟର ଜଣେ ଲେଖାଏଁ ଜୀବନ୍ତ କଥାକୁହା ଗପପେଡି, ଆଜି ସେମାନଙ୍କ ଭିତରୁ ପ୍ରାୟ ଇହ ସଂସାରରୁ ବିଦାୟ ନେଲେଣି, ରସିକମା ଆଉ ଆସନ୍ତା ଅଖିମୁଠି ଅନୁକୂଳ ବେଳକୁ ବୋଧେ ନ ଥିବେ । ଏତକ ଭାବି ଦୀର୍ଘ ନିଃଶ୍ୱାସଟିଏ ମାରିଲେ ଯଯାତି ବାବୁ ।

ତାର ଲେଖାଯୋଖା ଅଲିଅଳ କାଠିଆର ନୀରବତା ଲକ୍ଷ୍ୟ କରି ରସିକମା କଣ ବୁଝିଲା କେଜାଣି,ସେ ହସହସ ମୁହଁରେ କହିଲା- ମୋର କେଉଁ କାଳର ଗପ ଯେତେବେଳେ ତୋର ମନେ ଅଛି, ମୁଁ ଭାବୁଛି ଯେ ମୋ ଅନ୍ତେ ବି ତୋ ସ୍ମୃତିରେ ମୁଁ ବଞ୍ଚିବିରେ କାଠିଆ ।

ଯଯାତିବାବୁ କୋହ ସମ୍ଭାଳି ନ ପାରି ରସିକମା ପାଦ ଦୁଇଟିକୁ ଧରି କହୁଥିଲେ  -  ତୁ ବଂଚିବୁ ଲୋ ଠାକୁମା, ତୁ ବଂଚିବୁ ମୋ ସ୍ମୃତିରେ, ସବୁ ଅଖିମୁଠି ତିଥିମାନଙ୍କରେ ।

■■■



# ଜୀବନର ଧାରା

**ଡ. ପ୍ରବୀଣା ପରିଡ଼ା**



ଖୋଲା ପଡିଆରେ ଅଙ୍କୁରିତ ମଞ୍ଜିଟିଏ କେବେଠାରୁ ପଥର ତଳେ ଚାପି ହୋଇ ରହିଛି ଯେ କାହାର ନିଘା ନାହିଁ । ଏତେ ବଡ ଦୁନିଆରେ ଯେଉଁଠି ସ୍ୱାର୍ଥ ପାଇଁ ନାଟ ସେଠି ଏ ମଞ୍ଜିକୁ ପଚାରିବ ବା କିଏ? ବର୍ଷା ଆସିଲେ ଟୋପାଏ ପାଣିକୁ ଅପେକ୍ଷା । ହେଲେ ତା ଦେହରେ ପାଣି ଟୋପାଏ ବି ପଡିବା ସମ୍ଭବ ନ ଥିଲା । କାରଣ ତା' ଉପରେ ଏକ ବିରାଟ ପଥର ମାଡ଼ି ବସିଥିଲା । ମଞ୍ଜିଟି ଶ୍ୱାସରୁଦ୍ଧ ହୋଇ ମାଟିକୁ ଜାବୁଡ଼ି ପଡ଼ିରହିଥାଏ। ଯେତେ ଚେଷ୍ଟାକଲେ ମଧ୍ୟ ଅଙ୍କୁରିତ ହୋଇ ଉପରକୁ ଉଠିପାରୁ ନ ଥାଏ । କାଣିଚାଏ ଆଲୁଅ ପାଇଁ ବିକଳ ହେଉଥାଏ । ମନକୁ ବୁଝାଇଦିଏ ଏହା ବୋଧେ ମୋ ଭାଗ୍ୟ!!

ନିୟତିର ଖେଳ ବଡ ବିଚିତ୍ର, ସେ ବାଟରେ ଯାଉ ଥିଲେ ଜଣେ ବାଟୋଇ । ବାଟୋଇ ର ନଜର ପଡିଲା ଛୋଟ ଅଙ୍କୁରିତ ମଞ୍ଜି ଉପରେ ।ତା ଉପରେ ଲଦି ହେଇଥିବା ପଥରକୁ ହଟାଇ ଦୁନିଆକୁ ଦେଖିବା ଶିଖାଇଲା।ତା ଦେହରେ ପାଣି ଛିଞ୍ଚି ନୂଆ ଜୀବନ ଦେଲା, ମଞ୍ଜିଟି ଅନ୍ଧକାର ରେ ରହି ଯେତେବେଳେ ଜୀବନ କୁ ଶେଷ କରିବାକୁ ବାହାରିଥିଲା, ବାଟୋଇ ତା ଜୀବନରେ ଆଶାର ଦୀପଟିଏ ଜାଳି ନୂଆ ଜୀବନ ଦେଲା। ଜୀବନକୁ ଜାଣିବାକୁ ଚିହ୍ନି ବାକୁ ବାଟ ଦେଖାଇଲା । ବାଟୋଇର ଅମାପ, ଅକପଟ ଭଲ ପାଇବା, ଆଦର ପାଇ ଗଛଟି ନିଜର ସ୍ଥିତିକୁ ବୁଝିବାକୁ ଚେଷ୍ଟାକରିଲା । ନିଜପାଇଁ ବଞ୍ଚିବା ଶିଖିଲା ଅଦିନରେ ଝଡ଼ିଯିବାକୁ ସେ ଜନ୍ମ ହୋଇନାହିଁ । ତା' ଦେହରେ ଫୁଲ ଫୁଟିବ, ବାସ୍ନା ଛୁଟିବ । ସକାଳର ମିଠା ପବନରେ ସକାଳର ସତେଜ କିରଣରେ ନିଜକୁ ଭିଜେଇଦେଲା । ବାଟୋଇକୁ ନେଇ ଅନେକ ସ୍ୱପ୍ନ । ସବୁଦିନ ବାଟୋଇ ସହ ଦେଖା ହୁଏ । ବାଟୋଇ ବି ଘଡିଏ ନ ଦେଖିଲେ ରହି ପାରେନାହିଁ । ଯେତେବେଳେ ଦେଖା ହୁଏ ବାଟୋଇ ପଚାରେ କେଡୁଟେ ହେଲୁଣି? ଗଛଟି ଫିକ୍ କରି ହସିଦିଏ ଆଉ ଖୁସିରେ ଆତ୍ମହରା ହୋଇଯାଏ । ଗଛର ଖିଲିଖିଲି ହସରେ ବାଟୋଇ ବିମୋହିତ ହୁଏ । ରଚିଚାଲେ ଅନେକ ଗୀତ । ବାଟୋଇ ର ପ୍ରିୟ ଗୀତ "ଆସିଛ ତୁମେ ମୋ ଜୀବନେ."..... ଶୁଣାଇ ଖୁସି କରାଏ । ଗଛଟି ଖୁବ୍ ଭଲ ଅଛି କହି ବାଟୋଇକୁ ଖୁସି କରାଏ । ଏମିତି ଦୁଇଜଣ ସୁଖ, ଦୁଃଖକୁ ବାଣ୍ଟିବାରେ ଲାଗିଯାଆନ୍ତି । ବାଟୋଇ ତା' ଜୀବନରେ ମନଲାଖି ସାଥିଟିଏପାଇବ ବୋଲି ଭାବି ନ ଥିଲା । ପାଇଛି ଯେତେବେଳେ ହରାଇବ କେମିତି? ଗଛକୁ ସବୁ କଥା ଶୁଣାଏ ତା'ର ଅତୀତ । ଅଭୁଲା ସ୍ମୃତି । କହୁକହୁ ଦିନ ସରିଯାଏ । ସକାଳ ଯାଇ କେତେ ବେଳେ ସଞ୍ଜ ନଇଁ ଆସେ ଦୁହିଁଙ୍କୁ ଜଣା ନ ଥାଏ । ଏକ ନିଷ୍କପଟ ପବିତ୍ର ଧାରାରେ ଦୁହେଁ ବାନ୍ଧି ହୋଇଯାଆନ୍ତି । ସାଥୀ ପାଇଁ ସାଥୀ ।

କଥାରେ ଅଛି " ଦଇବ ଦଉଡି ମଣିଷ ଗାଈ ଯୁଆଡେ ଟାଣିବ ସିଆଡେ ଯାଇ"। ବିଧିର ବିଧାନ ଥିଲା ଭିନ୍ନ । ବାଟୋଇ ସମୟ ଚକ୍ର ରେ ନିଜର ପରିସ୍ଥିତି । କର୍ତ୍ତବ୍ୟ କୁ ଦେଖି ଗଛ ପାଖକୁ ଆସିବାକୁ ବେଳ ପାଇଲା ନାହିଁ । ସାମାଜିକ କର୍ତ୍ତବ୍ୟ କୁ ଅନୁସରଣ କରି ଏତେ ବ୍ୟସ୍ତ ରହିଲା ଯେ ସାଥୀ ପାଇଁ ଆଉ ସମୟ ପାଇଲା ନାହିଁ। ଗଛ ତା'ର ସାଥୀକୁ ନ ପାଇ ଝୁରି ଝୁରି ଶୁଖିବାକୁ ଲାଗିଲା । ପତ୍ର ସବୁ ଝଡିବାକୁ ଲାଗିଲା ଫୁଲ ଆଉ ଫୁଟିଲା ନାହିଁ ଆପେ ମଉଳି ଗଲା । ଅଣ୍ଟାନଇଁ ମାଟିରେ ମିଶିବାକୁ ଲାଗିଲା ।

ମାଟିରେ ମିଶିବା ଆଗରୁ ହାତଟେକି ଭଗବାନ ଙ୍କୁ ଡାକିଲା । ଆଉ ବିକଳ ହେଇ କହିଲା" ହେ ଭଗବାନ ମୁଁ ପଥର ତଳେ ଥିଲି ମୋ ଭାଗ୍ୟ ବି ତା' ତଳେ ଚାପି ରହିଥିଲା । ଜୀବନ ମାନେ କ'ଣ ବୁଝି ନଥିଲି । ବଞ୍ଚିବା ଶିଖି ନ ଥିଲି । ସୁଖ କ'ଣ ଜାଣି ନଥିଲି । ଏ ସବୁ ଜାଣିଲା ପରେ ସୁଖକୁ ହରାଇବା ଠାରୁ ଦୁଃଖରେ ଜିଇଁବା

କେତେଯେ ଦାରୁଣ ଅନୁଭବୀ ହିଁ ଜାଣେ । ସୁଖ ଦେଇ ଛଡାଇ ନେଲ କାହିଁକି? ଗଛଟି ଏତେ କଷ୍ଟ ପାଇଲା ଯେ ଭାଗ୍ୟ କୁ ଆଦରି ମାଟିରେ ଲୋଟି ପଡିଲା। ଗୋଟିଏ ବିଶ୍ୱାସ ତା' ସାଥୀ ନିଶ୍ଚିତ ଫେରିବ । ଏ ଜନ୍ମରେ ନାହିଁ ଆର ଜନ୍ମରେ ନିଶ୍ଚିତ ବାହିନେବ ଜୀବନ ତରୀ । ପୁଣି ଆଗପରି ସେ ପଲ୍ଲବିତ ହେବ।ମହକି ଉଠିବ ତା ଜୀବନ ଧାରା।

ଷ୍ଟାର୍ ସିଟି, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ଫୋନ୍ ନଂ – ୮୮୯୫୫୪୭୭୬

■■■

**ଚନ୍ଦ୍ରଶେଖରପୁର୍ ସାହିତ୍ୟ ସଂସଦର୍**
**ସାହିତ୍ୟ, ସାହିତ୍ୟିକ ଏବଂ ସାହିତ୍ୟ ସଂଗଠନ ବିଷୟରେ**
**ନବୀନ ପ୍ରବୀଣ ସାହିତ୍ୟ ସ୍ରଷ୍ଟାଙ୍କୁ ନେଇ YOUTUBE ମାଧ୍ୟମରେ**
**ଏକ ସାକ୍ଷାତକାର୍ କାର୍ଯ୍ୟକ୍ରମ**

ଆଳାପ
ସାହିତ୍ୟ, ସାହିତ୍ୟିକ ଓ ସାହିତ୍ୟ ସଂଗଠନ

https://www.youtube.com/channel/UCP8TIAy8I8b-SBPaJWnCLKg

# ପ୍ଲାଷ୍ଟିକ୍ ଚୌକି

କୁଞ୍ଜ ବିହାରୀ ସାହୁ



ପାତ୍ରପଡ଼ାରେ ଘର ନିର୍ମାଣ କାର୍ଯ୍ୟ ତ୍ୱରିତ ଗତିରେ ଚାଲୁରହିଛି । ଶ୍ରମିକମାନେ ରାତିଦିନ ଅକ୍ଳାନ୍ତ ପରିଶ୍ରମ ଓ ସହଯୋଗ କରୁଛନ୍ତି । ମୁଣ୍ଡରୁ ଝାଳ ବାହାରି ତୁଣ୍ଡରେ ପଶିଲେ ବି ନିଘା ନାହିଁ କାହାର । ସତରେ ଏ ଜ୍ୟେଷ୍ଠ ମାସ ବଡ଼ ନିରସିଆ ।

ସମୟ ଅପରାହ୍ନ ଚାରିଟା ପନ୍ଦର । ମୁଁ ଏକାକୀ ଠିଆ ହୋଇଥିଲି ମୋ ଘର ସାମ୍ନାରେ ଆତ୍ମୀୟ ବନ୍ଧୁଙ୍କୁ ଅପେକ୍ଷାକରି। ବନ୍ଧୁ ଜଣଙ୍କ କହିଥିଲେ ଆସିବେ ବୋଲି । ବିଳମ୍ବ ହେବାରୁ ଅସ୍ତବ୍ୟସ୍ତ ହେଉଥିଲି । ପତ୍ନୀ ବି ବାରମ୍ବାର ଚାହିଁରହୁଥିଲେ ଅଭ୍ୟାଗତଙ୍କ ଅପେକ୍ଷାରେ । ମୋର ମାନସିକ ମୁଲ୍ୟବୋଧକୁ ବୁଝିପାରି  ନିର୍ମାଣ କାର୍ଯ୍ୟରେ ନିୟୋଜିତ ଜଣେ ଶ୍ରମିକ ଧୀର କଣ୍ଠରେ  କହିଲା -  କାହାକୁ ଅପେକ୍ଷା କରିଛନ୍ତି କି ଆଜ୍ଞା !

ହଁ, ଜଣେ ଆତ୍ମୀୟ ବନ୍ଧୁ ଆସିବାର ଅଛି । କାଳେ ବାଟ ଭୁଲିଯିବେ, ନୂଆ ସ୍ଥାନ ନୂଆ ପରିବେଶ,  ସେଇଥିପାଇଁ ମୋ ଘର ସାମ୍ନାରେ ଅପେକ୍ଷାରେ । ମନରେ ଟିକେ ଦୟା ଆସିଲା ଶ୍ରମିକର । ସହଯୋଗର ହାତ ପ୍ରସାରି ଶ୍ରମିକ ଜଣଙ୍କ ମୋ ଆଡକୁ ପ୍ଲାଷ୍ଟିକ ଚୌକିଟିଏ ଘୁଞ୍ଚେଇ କହିଦେଲା -  ବସିଯାଆନ୍ତୁ ଆଜ୍ଞା ।

ହଁ -ନାହିଁ ଭିତରେ ନିଜକୁ ଅସଞ୍ଜତ ମନେକରି ବାଧହେଲି ବସିବାକୁ । କାରଣ ନିର୍ମାଣଧୀନ ମାଲିକାଣୀ ସହ ଆମ ଘରର ଅହି-ନକୁଳ ସମ୍ପର୍କ ଅଛି । କ୍ଷଣିକ ପରେ କିଛି ଗପ, ଗାଁ ହାଲଚାଲ ଚାଲିଲା । ତା ସାଥି ଶ୍ରମିକ ଦୁଆର ଖୋଲିଲା । ସାଥୀ ଶ୍ରମିକକୁ ବନ୍ଧୁତାପଣରେ କହିଦେଲା - ଯା, ଚୌକି ଆଣି ବସିଯା ।

ତିନିଜଣଙ୍କର ଗପର ଖିଅ ଲମ୍ବିଗଲା ଅନେକ ଦୂରକୁ, ଢିଙ୍କିଶାଳରୁ ଢେଙ୍କାନାଳ ଯାଏ, ଭୁବନେଶ୍ୱରରୁ ନୟାଗଡ଼ର ବାଲୁଗାଁ ଯାଏ ।  ହଠାତ୍ ସ୍କୁଟିରେ ଜଣେ ମଧ୍ୟବୟସ୍କ ପୁଅଟିଏ ପହଞ୍ଚିବାକୁ ଉଦ୍ୟତ ହୁଅନ୍ତେ ଗଦା ହୋଇଥିବା ବାଲି ଉପରେ ଟଳମଳ ହେଇଗଲା  । ସେ ହେଉଛି ମାଲିକାଣୀର ବୋଲକରା ପୁଅ । ଚୌକି ଉପରେ ମୁଁ ବସିଥିବା ଦେଖି ଭୋକ ବିକଳରେ ତାଟିଆ କାମୁଡ଼ିଲା ପରି ଅନୁଭବ କଲା । ରକ୍ତ ଚାଉଳ ଚୋବେଇ ଚୋବେଇ କ୍ଷିପ୍ର ଗତିରେ ଆଗେଇଲା ନିକଟସ୍ଥ ତା ବାସଭବନକୁ । ଆଖିରେ ନାଗସାପର ଫଣା । ମନରେ କାକଟସର କଣ୍ଟା । ଛାତିରେ ଗଦା ଗଦା ଅସମାପ୍ତ କ୍ଷୋଭ । ବିଜୁଳି ବେଗରେ ନିଜ ଈର୍ଷାକୁ ଜାହିରକଲା ତା ମା ଆଗରେ ।

ବିନା ମେଘରେ ବଜ୍ରପାତ !

ବିନା ପବନରେ ଶିମୁଳିତୁଳା ଉଡିଗଲା । ଶାଗୁଣା ବି ଘୁରିବୁଲିଲା ବାସଭବନ ଚାରିପଟେ । ରାଗ, ଅହଙ୍କାର ଓ ଈର୍ଷାର ନିଆଁ ହୁତହୁତ ଜଳିଉଠିଲା । ମାଲିକାଣୀର ଅସହିଷ୍ଣୁ ଭାବର ଖବର ନିକଟତର ହେଇଗଲା ମୁଖ୍ୟ କଣ୍ଟ୍ରାକ୍ଟରର ପାଖରେ ତଡ଼ିତ ବେଗରେ  । ତା କାନର ପରଦା ଯେମିତି ଫାଟିଗଲା ପରି ଲାଗିଲା ଅବିଳମ୍ବେ ।

ମାଲିକାଣୀର ଏଭଳି ବାଧବାଧ୍ୟକତା , ଅଶାଳୀନ ଆଚରଣରେ ଅସହ୍ୟ ବୋଧକଲା କଣ୍ଟ୍ରାକ୍ଟର୍ । ଅଗତ୍ୟା ନିଜକୁ ବର୍ତ୍ତିବାକୁ ଉପାୟ ଖୋଜି ଖୋଜି କାଳ ବୈଶାଖୀ ପରି ଅଜାଡ଼ିଦେଲା ତୁହାକୁ ତୁହା ଗାଳି ତା ଅଧୀନରେ କାମ କରୁଥିବା ଶ୍ରମିକ ଉପରେ। ଫୋନରେ ଏଭଳି ଅପ୍ରତ୍ୟାଶିତ ଗାଳି ଶୁଣି ମୋ ଆଡକୁ ଚାହୁଁଥିଲା ଭୟମିଶା ଆଖିରେ ବିଚରା ଶ୍ରମିକଟି । ଚୌକି ଉପରେ ବସିଥିବା ତା ଶ୍ରମିକ ଉପରେ ପଣସର ଅଠା ଲାଗିଗଲା ଅକସ୍ମାତ୍ । ଦୂରଭାଷରେ ପ୍ରଶ୍ନବାଣରେ ଘାଇଲା କରି ପଚାରିଲା - ତୁ ଚୌକି ଦେଇଛୁ ନା ପଡୋଶୀ ଚୌକି ଆଣି ବସିଥିଲେ.... ତୁ ଜାଣିଛୁ ଦୁଇ ଜଣଙ୍କ ଭିତରେ ଗଣ୍ଡଗୋଳ/ ମନାନ୍ତର ହେଇଛି । ତୁ ତାକୁ ଚୌକି ଦେଲୁ କାହିଁକି ?

ଅପ୍ରତିଭ ମୁଦ୍ରାରେ ନିଜକୁ ବଞ୍ଚାଇବାକୁ ମିଛର ଆଶ୍ରୟ ନେଲା ଶ୍ରମିକ ।  ଜାଣିନି କହୁ କହୁ କହିଦେଲା - ନା,

ମୁଁ ଦୋକାନକୁ ଯାଇଥିଲି । କିନ୍ତୁ ଚୌକି ଦେଇଥିବା ଅନ୍ୟ ଶ୍ରମିକ ଜଣଙ୍କ କାକୁସ୍ଥ ମୁଦ୍ରାରେ ନିରବ ରହିଲା । ନିଜ ଦୋଷର ବିଷକୁ ନିଜେ ପିଇଦେଲା।

ଦୂରଭାଷରେ ଅପ୍ରତ୍ୟାଶିତ ଚେତାବନୀ ଶୁଣି ମୋ ଆଡ଼କୁ ଦୃଷ୍ଟି ନିକ୍ଷେପ କରୁଥିଲା ଶ୍ରମିକଟି । ମୁଁ ବି ଶୁଣିପାରୁଥିଲି କଣ୍ଟ୍ରାକ୍ଟରର ଅଶୁଭ ଚେତାବନୀ ।  ଚୌକି ଛାଡ଼ିଦେଇ ଦୁଆର ମୁହଁରୁ ନିଜ ଘରକୁ ଫେରିଆସିଲି କଥାର ଖିଅ ଦୂରକୁ ଲମ୍ବି ନ ଯାଉ ବୋଲି । ଅନୁଭବ କରିପାରୁଥିଲି ଫୋନ କଲ ପରେ ଶ୍ରମିକ ହତୋତ୍ସାହିତ ହୋଇପଡୁଥିଲା । କାଳେ କଣ୍ଟ୍ରାକ୍ଟର ତାକୁ ଛଟେଇ କରିଦେବ, ଏ ଆଶଙ୍କା ମନକୁ ଘାଣ୍ଟି ଦେଉଥିଲା । ତଥାପି କହୁଥିଲା - ଏଇଠୁ ଛଟେଇ ହେଲେ ବି ଆଉ କୋଉଠି ତ ମିଳିଯାଇପାରେ !

ସେହି ଶ୍ରମିକ ଚୌକିଟିକୁ ଫେରେଇନେଲା କାଳେ ମାଲିକାଣୀ ବୋଲକରା ଭେଣ୍ଡାପୁଅଟି ପୁଣି ଫେରି ନୀରିକ୍ଷଣ କରିପାରେ । ସେ ବା କାହିଁକି ଆସିବ, ନାଟ ତ ଲଗେଇଦେଇଛି ।

ଏଭଳି ପରିସ୍ଥିତିରେ ପବନ ବି ନିଜ ଗତିକୁ ଅଟକାଇଦେଲା କ୍ଷଣିକ । ସାମୟିକ ଶୁନଶାନ ପହଁରିଗଲା ଚାରିଦିଗରେ।

ସଞ୍ଜ ଗଡ଼ିଗଲା ଆପଣାଛାଏଁ । ଚନ୍ଦ୍ରକିରଣ ବିଛେଇ ପଡୁଥାଏ ସମଗ୍ର ପୃଥିବୀ ଉପରେ । ଶାନ୍ତ, କାନ୍ତ, କମନୀୟ ପରିବେଶ । ପ୍ରାୟ ଆଠଟା ସମୟରେ  ମୋର  ବନ୍ଧୁ ଆସିଗଲେ ଯାହାପାଇଁ ଏତେ ସମୟ ଧରି ଅପେକ୍ଷା କରିଥିଲି । କିଏ ଜାଣିଥିଲା ଅପ୍ରାସଙ୍ଗିକ ଅଘଟଣଟିଏ ଘଟିଯିବ ବୋଲି ॥

ଫାଟକ ଖୋଲି ବନ୍ଧୁଙ୍କୁ ପାଛୋଟିନେଲି ଘର ଭିତରକୁ । ଅଭ୍ୟର୍ଥନାରେ ମୁଁ ଓ ପତ୍ନୀ ହଜେଇଦେଲୁ ଅନେକ ସମୟ । ଫେରିଗଲେ ବନ୍ଧୁ ନିଜ ଗନ୍ତବ୍ୟପଥରେ ।  ସେ ସମୟରେ ବି ଶ୍ରମିକ ଜଣଙ୍କ ବସି ବାହାରେ ରୋଷେଇ କରୁଥିଲେ। ମୋ ଆଡ଼କୁ ଚାହୁଁଥିଲା ଭୟମିଶା ଚାହାଁଣିରେ । କିଛି କହିବାକୁ ଇଛା ହେଉଥିଲା, କହିପାରିଲାନି ସହଜରେ । କିନ୍ତୁ ମୋତେ ଚୌକି ଦେଇ ବାଧ୍ୟକରିଥିବା ଶ୍ରମିକଟି ଧୂର୍ତ୍ତତାକୁ ସାଉଁଟି ତା ସାଥୀକୁ ମିଛଟାରେ କଣ୍ଟ୍ରାକ୍ଟରଠୁ ଗାଳି ଖୁଆଇଲା ।

ମୋ ମନରେ ଗୁଡ଼େଇତୁଡ଼େଇ ହେଉଥିଲା ଅବାନ୍ତର ଓ ଅସମାହିତ ପ୍ରଶ୍ନ ସମୂହ । ସତରେ ସେ ଚୌକିର ଭୁଲଥିଲା ନା ଦୁଇ ସମ୍ପର୍କୀୟ ବନ୍ଧୁଙ୍କର ଅହିନକୁଳ ଭାବର ଅଭାବନୀୟ ଘଟଣାକୁ ରକ୍ତରଞ୍ଜିତ କରିବାର ଏକ ନିଆରା ପ୍ରୟାସ ଥିଲା ! ରଙ୍ଗ ଛାଡ଼ିଥିବା ପୁରୁଣା ପ୍ଲାଷ୍ଟିକ ଚୌକିରେ  ବସିଗଲେ ଏମିତି କ୍ଷତି ହୁଏ ମନ ଭିତରେ ! ଏମିତି ଅଘଟଣା ଘଟାଯାଇପାରେ ।

ସମାଜରେ ଏମିତି ବି ଲୋକ ଅଛନ୍ତି ଯୋଉମାନେ ଈର୍ଷାର ଅନ୍ଧକୂପରେ ପଡ଼ି ଛଟପଟ ହୁଅନ୍ତି । ପ୍ରଚଣ୍ଡ ରାଗ ଓ ଘୃଣାକୁ ଅଣ୍ଟିରେ ପୂରାଇ ଘୁରିବୁଲନ୍ତି । ଆତ୍ମୀୟସ୍ୱଜନଠୁ ଧକ୍କା ଓ ଧୋକ୍କା ଖାଇଲାପରେ ବି ନିଜକୁ ନ ସଜାଡ଼ି ବରଂ କଣ୍ଟାବାଡ଼ରେ ଲୁଗା ଶୁଖେଇ କଳିକରନ୍ତି । ତିଳକୁ ତାଳ କରି ତାଳଗଛକୁ ଟେକା ଫୋପାଡନ୍ତି । ବିଧବା ହେଲା ପରେ ବୁଝିପାରନ୍ତିନି ସଂସାରରେ କେମିତି ଆନନ୍ଦରେ ବଞ୍ଚିବାକୁ ହୁଏ ? ବୋଲକରା ପୁଅ ଆଉ ସ୍ୱାମୀକୁ ଉଠବସ୍ କରି ବାପଘରେ ରହୁଥିବା ଝିଅର ଷଡ଼ଯନ୍ତ୍ରକୁ ବୁଝିବା କଷ୍ଟକର ହୋଇଯାଏ । ଜ୍ଞାତିକୁଟୁମ୍ବଙ୍କଠୁ ଅଲଗା ହୋଇ ବି ନିଜ ସ୍ୱାର୍ଥକୁ କେମିତି କାନିପଣତରେ ବାନ୍ଧି ରଖିବାକୁ ଇଛାହୁଏ, ସେମାନଙ୍କୁ ସଂପୂର୍ଣ୍ଣ ଜଣା ।

ଛି.... ଛି... ଛି...କି କୁତ୍ସିତ ମାନସିକତା ! ଏମିତି ଲୋକଙ୍କୁ ଦୂରୁ ଜୁହାର ।
ସର୍ପ ସମାନ ଭୟଙ୍କର । ଦୁର୍ଜନ ସଙ୍ଗ ପରିହର ॥

■■■

ଏଲ୍. ଆଇ. ଜି. -୧୫, ନୟାପଲ୍ଲୀ ବ୍ରିଟ୍ କଲୋନୀ
ଭୁବନେଶ୍ୱର
ମୋ - ୯୪୩୭୯୨୯୮୭୯

# ଧାରାବାହିକ

## ଯୋଗୀ - ୩

### କମ୍ବଳ ବାବା

ମୀନୁ ହୋତା





"ये लोग नहीं जानते हैं बेटी की तु भी इनके तरह एक जिंदा जान है ।
खैर, छोड़ो। लोगों के बातों से हमें क्या लेना देना?"

ବେଳେ ବେଳେ ସେ ସେହି କମ୍ବଳ ସହିତ ଏମିତି କିଛି କଥାବାର୍ତ୍ତା କରୁଥିଲେ । ସେ ଥିଲେ ସେହି ଅଦ୍ଭୁତ କମ୍ବଳର ସୃଷ୍ଟିକର୍ତ୍ତା ବା ପିତା । ଏହା କୌଣସି ସାଧାରଣ କମ୍ବଳ ନଥିଲା । ଏହା ଏକ ସହସ୍ରସିଆଁ କମ୍ବଳ ଥିଲା। ବାବା ଯେଉଁଆଡେ ବି ଦୂର ବା ନିକଟ ଭ୍ରମଣରେ ଯାଉଥିଲେ, ଖରା,ବର୍ଷା ବା ଶୀତ, ଯେଉଁ ଋତୁ ହେଉନା କାହିଁକି ସେ ଏହି କମ୍ବଳଟିକୁ ଘୋଡେଇ ହୋଇ ରହୁଥିଲେ ଏବଂ ଯେଉଁଠି ବି ନୂଆ, ପୁରୁଣା ଛିଣ୍ଡା ଲୁଗା ଦେଖୁଥିଲେ ତାକୁ ଗୋଟେଇ ସେହି କମ୍ବଳ ଦେହରେ ସିଲେଇ କରିଦେଉଥିଲେ । ସେଥିପାଇଁ କମ୍ବଳ ଦେହରେ ଛୋଟବଡ ଅସଂଖ୍ୟ ପଟି ଶୋଭା ପାଉଥିଲା । ଏହାର ପରିଣାମ ସ୍ୱରୂପ କମ୍ବଳ ର କଳେବର ଓ ଓଜନ ବୃଦ୍ଧିପାଇ ଅଶୀ ରୁ ଶହେ ପାଉଣ୍ଡ ଭିତରେ ଥିଲା । ବାବାଙ୍କ ବୟସ ବି ଅଶୀ ଉପରେ ହୋଇ ସାରିଥିଲା କିନ୍ତୁ ସେ ଯୁବକ ପରି ଫୁର୍ତ୍ତିଶୀଳ ଓ ଶକ୍ତିବାନ ଥିଲେ । ଏତେ ଓଜନିଆଁ କମ୍ବଳଟିକୁ ସେ ଏକ ସାଧାରଣ କମ୍ବଳ ପରି ଆରାମରେ ବୋହି ପାରୁଥିଲେ।

ସେ ଅନେକ ଗୁଡିଏ ନାମରେ ପରିଚିତ ଥିଲେ । ପାଗଳ ବାବା, କମ୍ବଳ ବାବା, ଗୁଡାରୀ ବାବା ,ଫୁଲବାବା, ଇତ୍ୟାଦି । ଏବଂ ପ୍ରତ୍ୟେକ ନାମ ପଛରେ ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ଅର୍ଥ ବି ରହିଥିଲା । କମ୍ବଳ ସହିତ କଥା ହେଉଥିବାରୁ ତାଙ୍କୁ କେହି କେହି ପାଗଳବାବା କହୁଥିଲେ । ସବୁବେଳେ କମ୍ବଳ ବୋହୁଥିବାରୁ କମ୍ବଳବାବା ବି କହୁଥିଲେ । ଗୁଡାରୀ ଅର୍ଥାତ୍ ପଟିପକା କମ୍ବଳ ଯୋଗୁଁ ଗୁଡାରୀ ବାବା ନାମରେ ବି ପରିଚିତ ଥିଲେ। ଯିଏ ଯାହା ବୋଲି ସମ୍ବୋଧନ କରୁନା କାହିଁକି ସେ ଥିଲେ ଜଣେ ସିଦ୍ଧ ଯୋଗୀ । ଉଚ୍ଚ ହିମାଳୟର ପାର୍ବତ୍ୟ ପ୍ରଦେଶରେ ଯୋଗ ସାଧନା କରି ସେ ସିଦ୍ଧି ଲାଭ କରିଥିଲେ ଏବଂ ସେହି ଅଞ୍ଚଳରେ ହିଁ ଭ୍ରମଣ କରୁଥିଲେ । ଗୁଡାରୀ ବାବାଙ୍କର ଆଉ ଏକ ବିଶେଷତ୍ୱ ଥିଲା, ସେ ଉଚ୍ଚ ହିମାଳୟର ନନ୍ଦନବନ ବା ଫୁଲଘାଟି ରେ ଅନାୟାସ ରେ ବିଚରଣ କରି ପାରୁଥିଲେ ଏବଂ ଦୀର୍ଘଦିନ ଧରି ସେହି ଘାଟି ଭିତରେ ତପସ୍ୟାରତ ଥିଲେ । ଫୁଲଘାଟି, ଉଚ୍ଚ ହିମାଳୟର ପ୍ରାକୃତିକ ପରିବେଷ୍ଟନୀ ଭିତରେ ବିସ୍ତୃତ ସୁବୃହତ ଫୁଲ ଉପତ୍ୟକା । ଏଠି ପ୍ରାକୃତିକ ଭାବରେ ଅସଂଖ୍ୟ ପ୍ରଜାତିର ରଂଗ ବେରଂଗ, ସୁଗନ୍ଧିତ ଫୁଲ ଫୁଟନ୍ତି । ବଦ୍ରିନାଥର ପାର୍ଶ୍ୱପଥରେ ପ୍ରାୟ ନଅ ମାଇଲ ଦୂରରେ ବିସ୍ତୃତ ଏହି ପୁଷ୍ପ ଉପତ୍ୟକାଟି ଦେଶ ବିଦେଶର ପୁଷ୍ପପ୍ରେମୀ, ପ୍ରକୃତି ପ୍ରେମୀ ,ଯୋଗୀ ଏବଂ ଶାନ୍ତିକାମୀ ମଣିଷମାନଙ୍କ ପାଇଁ ଏକ ବିଶେଷ ଆକର୍ଷଣ । କିନ୍ତୁ ଏହି ପୁଷ୍ପ ଉପତ୍ୟକାଟି ପର୍ଯ୍ୟଟକମାନଙ୍କ ପାଇଁ ଆଉ ଏକ ଆହ୍ୱାନ ଥିଲା। ଏହି ପୁଷ୍ପ ଉଦ୍ୟାନରେ ପ୍ରସ୍ଫୁଟିତ ନାଗକେଶର ଏବଂ ଗଞ୍ଜେଇ ଫୁଲର ମାଦକ ପ୍ରଭାବ ଯୋଗୁଁ ପୁଷ୍ପ ବାଟିକାକୁ ପ୍ରବେଶ କରିବାର ଛଅ ବା ସାତ ଘଣ୍ଟା ପରେ ପର୍ଯ୍ୟଟକ ମାନଙ୍କୁ ଏମିତି ନିଶା ଘାରୁଥିଲା ଯେ, ଧିରେ ଧିରେ ମସ୍ତିଷ୍କ ତନ୍ଦ୍ରାଗ୍ରସ୍ତ ହୋଇ ପଡୁଥିଲା ଏବଂ ବ୍ୟକ୍ତି ଜଣକ ନିଜର ନାମ,ଠିକଣା,ରାସ୍ତାଘାଟ ସବୁ ଭୁଲିଯାଇ କେବଳ ସେହି ପୁଷ୍ପ ଉପତ୍ୟକା ଭିତରେ ଘୂରିବୁଲିବା ହିଁ ସାରଥିଲା । ତେଣୁ ପୁଷ୍ପବାଟିକା ରେ ପ୍ରବେଶ କରିବା ପୂର୍ବରୁ ଜଣେ ମାଦକ ପ୍ରଭାବହୀନ ମାର୍ଗଦର୍ଶକଙ୍କ ସହାୟତା ଆବଶ୍ୟକ ଥିଲା । ଗୁଡାରୀ ବାବାଙ୍କ ଉଚ୍ଚ ଯୋଗଶକ୍ତି ଯୋଗୁଁ ଫୁଲ ଉପତ୍ୟକାର ମାଦକ ପ୍ରଭାବ ତାଙ୍କଠାରେ କୌଣସି ପ୍ରତିକ୍ରିୟା ସୃଷ୍ଟି କରିପାରୁ ନ ଥିଲା। ତେଣୁ ସେ ସେହି ଫୁଲ ଉପତ୍ୟକାରେ ଅଧିକାଂଶ ସମୟ କଟାଉଥିଲେ ଏବଂ ଆଗନ୍ତୁକ ପର୍ଯ୍ୟଟକ ମାନଙ୍କୁ ନିଜ ତତ୍ତ୍ୱାବଧାନ ରେ ଫୁଲଘାଟି ବୁଲି ଦେଖାଉଥିଲେ । ଗୁଡାରୀ ବାବାଙ୍କୁ ତେଣୁ କେହି କେହି 'ଫୁଲବାବା' ବୋଲି ସମ୍ବୋଧନ କରୁଥିଲେ। ଫୁଲଘାଟି କୁ ପ୍ରବେଶ କରିବା ପୂର୍ବରୁ ପ୍ରଥମେ ଫୁଲବାବାଙ୍କୁ ଖୋଜା ପଡୁଥିଲା । ଫୁଲବାବା ପର୍ଯ୍ୟଟକ ମାନଙ୍କୁ ଫୁଲଘାଟି ବୁଲି ଦେଖାଇବା ପାଇଁ କୌଣସି ଅର୍ଥ ଦାବୀ କରୁ ନଥିଲେ । କିନ୍ତୁ ତାଙ୍କର ଏକ ସର୍ତ୍ତ ଥିଲା ଯେ ଫୁଲଘାଟି ବୁଲି ଦେଖିବାକୁ ହେଲେ ତାଙ୍କର ପ୍ରୀୟ କମ୍ବଳଟିକୁ ବୋହିବାକୁ ପଡିବ । ଏଇ ସର୍ତ୍ତଟି ବେଳେବେଳେ ଟଙ୍କା ପଇସାଠୁ ବି ବେଶୀ ମହଙ୍ଗା ପଡୁଥିଲା । କାରଣ ଏତେବଡ କମ୍ବଳ ବୋହି ରାସ୍ତାଚାଲିବା ଏକବାରେ କଠିନ ଥିଲା । ତେଣୁ ଦଳସହିତ ଆସିଥିବା ପର୍ଯ୍ୟଟକ ମାନେ ଦୁଇତିନିଜଣ ମିଶି କମ୍ବଳଟିକୁ ବୋହୁଥିଲେ ଏବଂ ଫୁଲଘାଟି ଦେଖୁଥିଲେ।

"ହିମାଳୟର ଯୋଗୀ ଗୁରୁଗଣଙ୍କ ସହ ଜୀବନଯାପନ (living with the Himalayan Masters)"ପୁସ୍ତକର ରଚୟିତା ସ୍ୱାମୀ ରାମ ଏହି ପୁସ୍ତକରେ ଫୁଲବାବାଙ୍କ ସହିତ ତାଙ୍କର ଏକ ଅନୁଭୂତି ବର୍ଣ୍ଣନା କରିଛନ୍ତି । ତାଙ୍କର ତରୁଣ ଅବସ୍ଥାରେ ସେ ହିମାଳୟର ପାର୍ବତ୍ୟ ପ୍ରଦେଶରେ ଅବସ୍ଥାନ କରୁଥିବା ସମୟରେ ଥରେ ଫୁଲଘାଟି ଭ୍ରମଣ କରିବା ପାଇଁ ମନସ୍ଥ କଲେ । ଅନେକ ଦିନରୁ ସେ ଫୁଲଘାଟିର ଦୁର୍ବାର ଆକର୍ଷଣ ଅନୁଭବ କରୁଥିଲେ । ସ୍ୱାମୀ ରାମଙ୍କ ଗୁରୁ ଫୁଲବାବାଙ୍କ ସହିତ ପୂର୍ବରୁ ପରିଚିତ ଥିଲେ ତେଣୁ ଗୁରୁଙ୍କ ପରିଚୟ ଦେଇ ସ୍ୱାମୀରାମ ଫୁଲବାବାଙ୍କୁ ଫୁଲଘାଟି ବୁଲି ଦେଖିବାର ଆଗ୍ରହ ପ୍ରକାଶ କଲେ । ଫୁଲବାବା ସହର୍ଷରେ ରାମଙ୍କ ଅନୁରୋଧ ସ୍ୱୀକାର କଲେ କିନ୍ତୁ ଏଥିରେ ଏକ ମୂଖ୍ୟ ପ୍ରତିବନ୍ଧକ ଥିଲା ସେହି ଓଜନଦାର କମ୍ବଳଟି । ବାବାଜୀ ତାଙ୍କ ସର୍ତ୍ତରୁ ତିଳେ ମଧ୍ୟ ଓହରିବାକୁ ପ୍ରସ୍ତୁତ ନ ଥିଲେ । ଅଗତ୍ୟା ବିଚରା ରାମ ତାଙ୍କ ସର୍ତ୍ତରେ ରାଜିହେଲେ । ଯେମିତି ବାବାଜୀ ରାମଙ୍କ କାନ୍ଧ ଉପରେ ନିଜର ଓଜନିଆଁ କମ୍ବଳଟିକୁ ରଖିଛନ୍ତି କମ୍ବଳର ଭାରରେ ସେ ତଳେ ଚାପି ହୋଇଗଲେ । ତାଙ୍କର ଏହି ବିକଳ ଅବସ୍ଥା ଦେଖି ବାବାଜୀ ବହେ ହସି ପକାଇଲେ ଏବଂ କହିଲେ -

"आजकल का नौजवानों का यही हाल है। जवानी है मगर जोस नहीं।क्यों बेटा!
बहुत चहक रहा था।अब क्या हुआ ? कम्बल तो ढोना पड़ेगा ही ।"

ତାପରେ ବାବାଜୀ କମ୍ବଳଟିକୁ ଟିକିଏ ଛୁଇଁ ଦେଲେ । ସାଂଗେ ସାଂଗେ କମ୍ବଳଟି ଖୁବ୍ ହାଲୁକା ହୋଇଗଲା। ତାପରେ ଦୁହେଁ ଫୁଲଘାଟି ବୁଲି ବାହାରିଲେ ।  ରାସ୍ତାରେ ଆଉ ଏକ ପର୍ଯ୍ୟଟକ ହାବୁଡିଗଲେ । ସେ ଥିଲେ ଜଣେ ଜାପାନୀ ସାଧୁ । ସେ ଅସୁସ୍ଥ ଥିଲେ । ଦୀର୍ଘ ଦିନ ଧରି ସେ ବର୍ମାର ଜଂଗଲରେ ରହି ତପସ୍ୟା କରୁଥିଲେ ଏବଂ ସେଠାରୁ ମଶା କାମୁଡା ଖାଇ ମ୍ୟାଲେରିଆ ରୋଗରେ ଆକ୍ରାନ୍ତ ଥିଲେ । ତାଙ୍କ ଶରୀର ତାତିରେ ଖଇ ଫୁଟୁଥିଲା ଏବଂ ଶରୀରର ତାପମାତ୍ରା ୧୦୩ ରୁ ୧୦୪ ଡିଗ୍ରୀ  ଭିତରେ ଥିଲା । ନାଡୀ ଓ ଶ୍ୱାସ ପ୍ରଶ୍ୱାସର ଗତି ମଧ୍ୟ ଦ୍ରୁତ ଥିଲା । ସେ ମଧ୍ୟ ଗୁଡାରୀ ବାବାଙ୍କୁ ଖୋଜୁଥିଲେ । ଏକୁଟିଆ ଫୁଲଘାଟିକୁ ପ୍ରବେଶ କରିବା ପାଇଁ ତାଙ୍କର ସାହସ ନ ଥିଲା । ଆସିବା ରାସ୍ତାରେ କେହି ଜଣେ ତାଙ୍କୁ ଡରାଇ ଦେଇଥିଲା ଯେ "ଏକୁଟିଆ ଫୁଲଘାଟିକୁ ଯିବା ଅର୍ଥ ମୃତ୍ୟୁ କୁ ଆଲିଙ୍ଗନ କରିବା ।" ଗୁଡାରୀ ବାବା ତାଙ୍କ ଅବସ୍ଥା ଦେଖି ତାଙ୍କୁ ଦୟା ଦେଖାଇ କହିଲେ -

" बेटा,क्या तुम सुस्थ होना चाहते हो?"

"जी हाँ बाबाजी।"

"तो फिर ठिक है। लो पकड़ो इस कम्बल को ।"

ତାପରେ ବାବାଜୀ ସ୍ୱାମୀ ରାମଙ୍କ କାନ୍ଧରୁ କମ୍ବଳଟି ନେଇ ସେହି ଜାପାନୀ ସାଧୁ ଦେହରେ ଘୋଡେଇ ଦେଲେ । କମ୍ବଳଟି ପୂର୍ବପରି ଓଜନିଆଁ ହୋଇଗଲା ଏବଂ ତାର ଭାରରେ ଅସୁସ୍ଥ ସାଧୁଟି ତଳେ ପଡିଗଲା । ବାବାଜୀଙ୍କ ଏପରି କାର୍ଯ୍ୟକଳାପ ଦେଖି ସ୍ୱାମୀ ରାମ ଆଶ୍ଚର୍ଯ୍ୟ ହୋଇଗଲେ।କିଛି ସମୟ ପରେ ବାବାଜୀ ସାଧୁ ଦେହରୁ କମ୍ବଳଟିକୁ କାଢିନେଲେ । ଏବେ ସାଧୁ ଜଣକ ସଂପୂର୍ଣ୍ଣ ସୁସ୍ଥ ହୋଇଯାଇଥିଲେ । କିନ୍ତୁ କମ୍ବଳଟି ଖୁବ୍ ଗରମ ଥିଲା ଏବଂ ତାହା ଥରୁଥିଲା । ବାବାଜୀ କମ୍ବଳକୁ ନିଜ କାନ୍ଧରେ ପକାଇ ତାକୁ ଆଉଁସି ଦେଇ କହୁଥିଲେ-

"कोई नहीं बेटी। जल्द ही तेरी बुखार छूट जाएगी।"

ଉଭୟେ ସ୍ୱାମୀ ରାମ ଓ ଜାପାନୀ ସାଧୁ ବିସ୍ମିତ ଥିଲେ । ଛିଣ୍ଡାକନାର କମ୍ବଳ,ପୁଣି ଜୀବନ୍ତ । ବାବାଜୀ ଅଳ୍ପ ହସି ଉତ୍ତର ଦେଲେ -

"संसार का हर पदार्थ परमात्मा से सृष्टि हुई है।  अतः सब ही परमात्मा का अंश है।जब हम इसको अपने प्यार और चेतना से सिंचते हैं तो वे भी जिंदा इन्सान जैसे प्रतिक्रिया देते हैं।"

କିଛି ସମୟ ପରେ ତିନିଜଣଯାକ ଫୁଲଘାଟି ଭିତରେ ପ୍ରବେଶ କଲେ। ଫୁଲଘାଟିର ସୌନ୍ଦର୍ଯ୍ୟ ଅବର୍ଣ୍ଣନୀୟ ଥିଲା । ତାର ସୌନ୍ଦର୍ଯ୍ୟରେ ମୁଗ୍ଧ ରାମଙ୍କ ମନ ଏକ ସ୍ୱର୍ଗୀୟ ଆକର୍ଷଣ ରେ ବେସୁଧ ହୋଇପଡିଲା । ଏଣେ ଗଞ୍ଜେଇ ଓ ନାଗକେଶରର ବାସ୍ନା ରେ ସେ ଓ ଜାପାନୀ ସାଧୁ ଉଭୟେ ଧିରେ ଧିରେ ତନ୍ଦ୍ରାଚ୍ଛନ୍ନ ହୋଇ ପଡିଲେ । ଛଅ ଘଣ୍ଟା ପରେ ଫୁଲବାବା ଉଭୟଙ୍କୁ ସେମାନଙ୍କର ନାମ ପଚାରିଲେ। କିନ୍ତୁ ସେମାନେ କିଛି କହି ପାରିଲେ ନାହିଁ । ଉଭୟଙ୍କର ବାହ୍ୟସ୍ମୃତି ଲୋପ ପାଇ ଯାଇଥିଲେ ସୁଦ୍ଧା ମନ ଏକ ଗଭୀର ସମାଧିରେ ଶାନ୍ତ ଓ ସ୍ଥିର ଥିଲା । ଉଭୟେ ଗୁଡାରୀ ବାବାଙ୍କ ପଛେ ପଛେ ଯନ୍ତ୍ରବତ୍ ଚାଲୁଥିଲେ । ଏହିପରି ଅବସ୍ଥାରେ ଫୁଲଘାଟି ଭିତରେ ଦିନଟିଏ କଟାଇବା ପରେ ଗୁଡାରୀ ବାବା ତାଙ୍କୁ ଆଣି ବାହାରେ ଛାଡିଦେଲେ। ଫୁଲଘାଟି ଭିତରୁ ବାହାରି ଆସିବା ପରେ ଉଭୟେ ପୁଣି ପୂର୍ବପରି ସୁସ୍ଥ ଓ ସାଷ୍ଟାମ ହୋଇଗଲେ।

■■■

ହରିପୁର କଲାଁ, ମହିମାନନ୍ଦ ଆଶ୍ରମ ପାଖ,
ହରିଦ୍ୱାର, ଉତ୍ତରାଖଣ୍ଡ

# ପଦ୍ୟ ବିଭାଗ



# ଆଶା

ନୀଳମାଧବ କର



ଜୀବନ ଆସେ ଯାଏ
ଦିନଟିଏ ପରି
ସେଠି ସକାଳ ହୁଏ, ସଂଜ ହୁଏ
ଋତୁ ବଦଳେ
ବଦଳେ ବର୍ଷ
ସୁଖ ଦୁଃଖ ତ ଅଲଣା କଥା -
ଥିବା ନଥିବା ପରି ।
ଆଶା ରହିଥାଏ
ଆସେ, ମାଡ଼େ, ଯାଏନି, ସରେନି
ସେ ମଞ୍ଜିର ଗଛ ମରେନି
ଶାନ୍ତ ହୁଏନି ତୃଷ୍ଣା
ସାତ ସମୁଦ୍ରର ପାଣି
ଚଳୁ ପାଲଟି ଯାଏ ତା ସାମ୍ନାରେ
ଆଶା ତଥାପି ଥାଏ - ବଂଚିଥାଏ
ମଲା ମୁହଁରେ ବି
ଜକଜକ ହେଉଥାଏ
ସେ ନିଆଁ ଲିଭେନି ।



■■■

ଓଲ୍‌ଭରହାମ୍ପଟନ୍ , ୟୁକେ

# ଆଲେକ୍‌ଜାଣ୍ଡାର୍‌ଙ୍କ ତିନୋଟି ଇଚ୍ଛାପତ୍ର

ସଂଗ୍ରାହକ: ଇଂ. ଶଶିଭୂଷଣ ରଥ



(୧)
କେବଳ ଡାକ୍ତର ମାନେ
ଡାକ୍ତର ମାନେ କେବଳ
କାନ୍ଧେଇ ଚାଲନ୍ତୁ ମୋର କୋକେଇ
ଏବଂ ଜଗତଜନଙ୍କୁ ଜାଣିବାକୁ ଦିଅ
ପୃଥିବୀର ସର୍ବଶ୍ରେଷ୍ଠ ଚିକିତ୍ସିକ
ଅସମର୍ଥ ରୋକିବାକୁ ମରଣର ସୁଅ।।

(2)
ମୋର ତୂଳିତଳ୍ପ ଶଯ୍ୟାରୁ ସମାଧି ଯାଏଁ
ପ୍ରଲମ୍ବିତ ଶବଧାରେ ବିକ୍ଷିପ୍ତ ଭାବରେ
ବିଞ୍ଛିଦିଅ ସୁନା ରୁପା ହୀରା ନୀଳା
ମଣିମୁକ୍ତା ଯାବତୀୟ ଆୟ ଅଳଙ୍କାର
ସାରା ଜୀବନର କଷ୍ଟାର୍ଜିତ
ସଯତ୍ନେ ସଂଚିତ ମୋର ଯେତେ
ଧନଧାନ୍ୟ
ଯା'ଦେଖି ଜଗତ ବୁଝୁ
ଏତେକାଳ ଅର୍ଜିଥିବା ଧନ ରତ୍ନ
କ୍ଷମତା ଓ ପ୍ରତିପତ୍ତି କେତେ ଅର୍ଥହୀନ।।



(୩)
ସବାଶେଷ ଅନୁରୋଧ ମୋର
ମୋ ଅନ୍ତିମ ଯାତ୍ରା ପଥେ
କୋକେଇ ଭିତରୁ
ବାହାରକୁ ସଯତନେ
ଝୁଲେଇ ରଖିବ
ମୋର ଶୂନ୍ୟ ଦୁଇହାତ
ଯା'ଦେଖି ବୁଝିବେ ଜଗତ ଜନ
ଶୂନ୍ୟହସ୍ତେ ଆସିଥିଲା
ସେଇମତେ ଫେରୁଛି ରାଜନ ।।

■■■

ସାଇ ରେସିଡେନ୍ସି,
ଗୋଠପାଟଣା, ଭୁବନେଶ୍ୱର
ମୋ:୮୮୯୫୫୦୦୫୪୩

# ସତରେ କାଳିଆ ଏମିତି ହୁଅନ୍ତା

ବିଦ୍ୟାଧର ଗୁରୁ





ସତରେ କାଳିଆ ଏମିତି ହୁଅନ୍ତା
କଥାଟି ମନେ ଆସଇ
ରଥ ଗଡୁଥିବ ଧୀରେ ବଡ଼ଦାଣ୍ଡେ
ତା' ସାଥେ ମୋର କୋକେଇ ।

ହରିବୋଲ ହୁଳହୁଳୀ ପଡୁଥିବ
ବାଜିବ ବିଜେ କାହାଳୀ
କୋକେଇ ମୋହର ଚାଲିଯାଉଥିଲେ
ପଡ଼ିବ କାନ୍ଦବୋବାଳି ।

ଭକତ ଆଖିରୁ ଝରୁଥିବ ନୀର
ହୃଦରୁ ଡାକି ଭକତି
ହୋଇଯିବ ଧନ୍ୟ ଜୀବନ ତାଙ୍କର
ଦେଖି ଚତୁର୍ଦ୍ଧା ମୂରତି ।

ବସିଥିବ ଜଗା ନନ୍ଦିଘୋଷ ରଥେ
ଭକତଙ୍କ କୋଳାହଳେ
ଶୋଇଥିବି ମୁହିଁ କୋକେଇ ଉପରେ
ବନ୍ଧୁବାନ୍ଧବଙ୍କ ମେଳେ ।

ଭିଡ଼ିବେ ଭକତ ତୋ' ରଥ ଦଉଡ଼ି
ନେବେଟି ଗୁଣ୍ଡିଚା ଘର
ମାଲ ଚାରିଜଣ ବୋହିନେବେ ମୋତେ
ତୋର ସରଗ ଦୁଆର ।

ଲାଗିଯିବ ରଥ ତୋ ଜନ୍ମମାଟିରେ
ଗୁଣ୍ଡିଚା ଚାହିଁକି ଥିବ
ପଣା, ଖିରି, ପିଠା, ମିଠାଖେଚୁଡ଼ିରେ
ଚତୁର୍ଦ୍ଦିଗ ମହକିବ ।
କୋକେଇ ମୋହର ଲାଗିଯିବ ଯାଇ
ଯେବେ ସରଗ ଦୁଆରେ
ଗନ୍ଧ, ଫୁଲମାଳ, ଧଳାଲୁଗା ଖଣ୍ଡେ
ଦେବେ ଘୋଡ଼ାଇ ଦେହରେ ।

ଶୁଭୁଥିବ ହରିବୋଲ ବୋଲହରି
ବାସୁଥିବ ଧୂପଧୂଆଁ
ରାମନାମ ସତ୍ୟ ଅଟେ କହିକହି
ଯୁଇରେ ଦେବେଟି ନିଆଁ ।

ପ୍ରାଣପକ୍ଷୀ ଯେବେ ଉଡ଼ି ଚାଲିଯିବ
ରକ୍ତ, ମାଂସ ଦେହ ଛାଡ଼ି
ପତିତପାବନ ନେତଟି ଦେଖିଣ
ପାତକ ଯିବଟି ଛାଡ଼ି ।

ଏମିତି ସମୟ ଦେ' ତୁ କାଳିଆ
ପୂରା କର ମୋର ଆଶ
ଏ ନୟନେ ଭାସୁ ଚିତ୍ରପଟ୍ଟ ତୋର
ବାଟ ହେଉଥିବ ଶେଷ ।

■■■

ୟୁନିଟ୍ -୯, ଭୁବନେଶ୍ୱର

# ସ୍ୱର ବର୍ଣ୍ଣରେ ଜଗନ୍ନାଥ

ରାମଚନ୍ଦ୍ର ପ୍ରଧାନ



ଅ- ଅନାଥର ନାଥ ହେ କଳା ଗୋସାଇଁ
ଧନ୍ୟ ତୁମ ଲୀଳା ଖେଳା
ଆ- ଆସରାଟେ ହୋଇ ତୁମେ ନ ଆସିଲେ
ବୁଡ଼ିବ ସଂସାର ଭେଳା ।
ଇ- ଇଚ୍ଛାରେ ତୁମର ଚାଲେ ଏ ଜଗତ
ତୁମ ବିନୁ ନାହିଁ ଗତି
ଈ- ଈଷିତ ଆଜ୍ଞାରେ ତୁମେ କରି ପାର
ଏ ଧରାରେ ଦିନରାତି ।
ଉ- ଉଡୁଛି ବୋଲି ତ ଶ୍ରୀମନ୍ଦିରେ ଆଜି
ପତିତପାବନ ବାନା
ଊ- ଊଣା ହେଉ ନାହିଁ ତୁମରି କରୁଣା
ମିଳୁଛି ପେଟକୁ ଦାନା ।
ଋ- ଋତୁ ପରି ତୁମେ ବଦଳାଅ ବେଶ
ସଭିଙ୍କୁ ଚକିତ କରି
ଋ- ଋକାର ଭୈରବ ତୁମ ଅବତାରେ
ସଭିଏଁ ଯାଆନ୍ତି ଡରି ।
ଏ- ଏକ ବର୍ଣ୍ଣ ପୁଷ୍ପେ କି' ସୁନ୍ଦର ଦିଶେ
ତୁମ କଳା କଳେବର
ଐ- ଐର ବିନାଶକ ହେ ଦୁଃଖ ନାଶନ
ତୁମେ ଥିଲେ ନାହିଁ ଡର ।
ଓ- ଓଡ଼ିଆ ମାଟିର ବରଣ୍ୟ ଠାକୁର
ଭକ୍ତବନ୍ଧୁ ଜଗନ୍ନାଥ ।
ଔ- ଔଜସିକ ଭଳି ତେଜିଆନ୍ ତୁମେ
ସୁଗମ ତୁମରି ପଥ ।

■■■

ସାନ୍ତରାପଲ୍ଲୀ, ଗଞ୍ଜାମ

# ଚକ୍ରଧର-୨

**ଶିବପ୍ରିୟା ମିଶ୍ର**





ହଁ, ତମେ ପଚାରିବ ନିଶ୍ଚୟ
କ'ଣ କରେ ଚକ୍ରଧର?
କ'ଣ କରେ?
ଚକ୍ରଧର କ'ଣ ନ କରେ ଯେ?
ଧ୍ୟାନ ଲଗାଏ,ସଳଖେ, ସୁଧାରେ
ମାଠିମୁଠି ଖୁବ୍ ଯତ୍ନରେ
ମହଲ ଗଢେ
ନା ନା,ନିଜ ପାଇଁ ନୁହଁ
ଖାସ୍ ତୁମ ପାଇଁ
ସେ ମହଲରେ ତମ ନାଁ
ଲେଖିଦିଏ ଲୁହ ଝାଳ ଆଉ
ଶୁଖିଆସୁଥିବା ଧମନୀର
ଅଠା ଅଠା ରକ୍ତ କଲମରେ।

ଚକ୍ରଧର ଇଟା ବୋହିବା ବେଳେ
ଭାବେ  ସେ ହିଁ ବୋହିଛି ପୃଥିବୀକୁ
ଶେଷ ନାଗ ର ଫଣା ପରି ଝିଟରା
ମୁଣ୍ଡରେ
ଖଣ୍ଡ ଖଣ୍ଡ ଇଟାରେ ଯୋଡେ ସମ୍ପର୍କ
ମଜବୁତ ହେଲା ଯାଏଁ ,ଢାଳେ
ହୃଦୟକୁ ଚିପୁଡି ଚାପୁଡି
 ଯେତେ ପାଣିଚିଆ ହେଇଥିବା ରକ୍ତ
ସେ ସମ୍ପର୍କ ସୂତ୍ରର ଧାର
ତମେ କୋଉ ଧାରି ପାରିଲ ଯେ
ପଚାରୁଛ  କ'ଣ କରେ ଚକ୍ରଧର?

ଦେଖିଛ ତା' ହାତର କରଣୀରେ
ଚକ୍ ଚକ୍ ଓଦା ସିମେଣ୍ଟ ଉପରେ
ତାଳଦେଇ, ଲୟଦେଇ ନାଚୁଥିବା
ଗୋଟି ଗୋଟି ହସକୁରି ମୁହୂର୍ତ୍ତ ମାନଙ୍କୁ?
ତା' ଛଉ ଦାଗ ଓଠରୁ ଛିଟିକି ପଡୁଥିବା
"ମେରେ ସପନୋଁ କି ରାନୀ
କବ ଆଏଗୀ ତୁ ...."ର
ପ୍ରେମ ଭିଜା ସୁରିଲିପଣକୁ....?

ଲଞ୍ଚ ବ୍ରେକ୍ ରେ ,ଦେଖିଛ?
ତା' ରସ କଂସାର ପଖାଳରୁ
କେମିତି ମହ ମହ ବାସେ ପ୍ରେମ
ପରସ୍ତ ପରସ୍ତ ପିଆଜ ଭିତରୁ
କୁରୁଳୁଥାଏ ଝୁରା ଝୁରା ସ୍ମୃତି
ଆଉ ଗହନା ଦିଆ ରଗ୍ ରଗ୍ ମନ
କେମିତି ସେ ବାନ୍ଧିଥାଏ
ସାଇକେଲ ବାଡରେ
ଫୁଲ କରି ତା' ପ୍ରେୟସୀର
ଗୋଲାପୀ ରିବନ।

ଚକ୍ରଧର ନିଜେ ଗୋଟେ ଇତିହାସ
ନିଜ ଭୂଗୋଳରେ ଏକଇ ସମ୍ରାଟ
ଆଜି ବି ଚିର ନିରବ ଓଠରେ ଗୁଣୁଗୁଣଉଛି
ସେଇ ପିରତି ମିତର ଗୀତ
କେହି ଝାଡ଼ି ନେଇଥିବା ମହୁଘରା ପରି
ତା' ଭଙ୍ଗା କୁଡିଆର ଦଦରା ବତା ବାଉଁଶ
ତଥାପି ପ୍ରତିବାଦ  କେବେ କରିନି ଚକ୍ରଧର
ଆସ, ଆଜି ଖୋଲା ଅଛି ତା' ପ୍ରେମର ମହଲ।

■■■

ସଦସ୍ୟା ଓଡ଼ିଶା ସାହିତ୍ୟ ଏକାଡେମୀ,
ଝାରସୁଗୁଡ଼ା,
ମୋ:୯୮୬୧୨୩୫୨୧୧

# ସମ୍ପୂର୍ଣ୍ଣ ପୃଥିବୀ

**ସରୋଜ କୁମାର ଶତପଥୀ**



ଆକାଶର ସବୁ ରଙ୍ଗ ଉଛୁଳି ପଡ଼ିଲା
ମୋ ମନ ସମୁଦ୍ର ବେଳା ଭିଜିଗଲା
ନୀଳ ବୋଇତରେ ଫର୍‌ଫର୍ ଉଡ଼ିଗଲା ପାଲ
ଆଉ ଛିନ୍ନ ହେଲା ନଙ୍ଗର୍‌ର ଡୋରି ।
ସକଳ ଚେତନା ଆହା ଜଳିଗଲା
ଶୈଶବର ସ୍ୱପ୍ନ ଆଉ ଯୌବନର ଅମଳିନ ସ୍ମୃତି
ଆଉ କି ରହିଲା ବାକି ?
ସବୁତକ ଯବନିକା ପଡ଼ିବା ଆଗରୁ
ଲୁଚି ରହିଥିଲା ଦୃଶ୍ୟଟିଏ ହୋଇ ।
ଅକସ୍ମାତ୍ ସେଇ ଦୃଶ୍ୟ ଲେଉଟିଲା
ଦ୍ୱିତୀୟାର କ୍ଷୀଣ ଜହ୍ନ ପରି...
ଭଲପାଇବାର ବନ୍ୟା ଖେଳିଗଲା ଘର ଓ ଦୁଆର
ଗିରିବନ, ନଦନଦୀ, କେଦାର ପ୍ରାନ୍ତର,
ମରୁଭୂମି, ସମୁଦ୍ର ଓ ଆକାଶ ପର୍ଯ୍ୟନ୍ତ ।
ନୀଳ ଗୋଲାପର କଳି ଉଡ଼ିଗଲା
ପାଖୁଡ଼ା ଝରି ପଡ଼ିଲା ଡେମ୍ଫରୁ ପତ୍ରକୁ
ସେଇ ସ୍ମୃତି ବାରମ୍ବାର ସଞ୍ଚରିଲା ମନ ଓ ହୃଦୟ
ହୃଦୟ ଦର୍ପଣ କାଚ ଭାଙ୍ଗିଗଲା ପରେ
ଟୁକୁରା ଟୁକୁରା ଖଣ୍ଡ ଭାସିଗଲେ ପବନ ସହିତ
ଆଉ ପ୍ରତିଟି ଟୁକୁରା ଥିଲା ଏକ ସମ୍ପୂର୍ଣ୍ଣ ପୃଥିବୀ ।



■■■

ସମ୍ପାଦକ, ଇ-ପତ୍ରିକା
ପ୍ଲଟ୍ ନଂ -୨୯୮୯, ନାଗେଶ୍ୱରଟାଙ୍ଗୀ,
ଭୁବନେଶ୍ୱର -୭୫୧୦୦୨
ମୋ : ୯୯୩୭୧୨୮୫୪୭

# ସହର୍

(କୋଶ୍‌ଲୀ କବିତା)

ନରସିଂହ ସାହୁ





ସହର୍ ବଢ଼ୁଛେ ଡେନା ପେସ୍‌ରେଇ
ବହୁରୁପି ଲୁଭ୍‌ଲୁଭ୍‌ନିଆ ରଁଗ୍ ମାଖି
କାଁଥେ କୁଢ଼େଁ ଫଟୁ
ଫଟୁ ଦେଖି ଭୋକ୍
ଘିନାବିଚ୍ରା ମନ୍‌ମଏନ୍‌ସା ସପନ୍ ।
ଗଲିକେ ଗଲି ଦୁକାନ୍
ଚକ୍‌ମକା କାଁଚର୍ ଘରେ ସାମାନ୍
ଗରିକଁଟା ଥି ଚରା
ଛଟ୍‌ପଟ୍ ଲଲ୍‌ଚିଆ ମନ୍ ।
ସମିଆ ନର୍‌ଦୁଛେ ସହରେ
ହଜି ଯଉଛେ ଜିବନ୍
ଇନେ ସଭେଁ ଅଚିନ୍‌ହା
ହୁରୁଦ୍ ଭିତର୍ ଶୁଇନ୍
ଶୁଇନ୍ ଭାବର୍ ଲହପନ୍ ।
ଗାଁ ମାନେ ସହରେ କୁପା
ପେଟର୍ ଦହଗଁଜ୍ ସମିଆର୍ ବଁଧକ୍
ସହର୍ ବସିଛେ ଆଁ ଫାରି
ଗିଲି ପକଉଛେ ଗୁଟା ଗୁଟା
ସର୍‌ଲିଆ ମୁନ୍‌ଷର୍ ସୁଖର୍ ଆଶ୍
ଲାଲ୍‌ଟିନ୍ ଦେଖା ସପନର୍ ଗୁଟିଜାଲ୍ ଫିକି ।

ଇନେ ତ ପଏସା ପକା ହଁସି
ଚିକନ୍ ଚହଟିଆ କଥା
କଁଦାକଟା ବାହାନା ଖୁଜା
ଯାହାକେଯେତେ ଟହଲିଆ ।
ଆକାଶ୍ ଇନେ ଧୁଆଁଧୁଲିଆ
ଉଡ଼ି ନାଇଁ ପାରେ ଚେରେ
ରଁଗରଁଗିଆ ପିଲାଷ୍ଟିକ୍ ସହରେ
ଫୁଲ୍ ନାଇଁ ବାସେ କେଭେଁ ।
ଅଁଧାର୍ ବଢ଼୍‌ଲେ ସହର୍
ପାଲ୍‌ଟୁଛେ ଯୁଆନ୍ ଷୁଲବଏସି
ଉଜଲ୍‌ମତି ରୁପ୍‌ସୁଁଦ୍‌ରି
ରୁମ୍‌ଝୁମ୍ ପାଏଁଝଲ୍
ଝୁମ୍‌ସି ରାଏତ୍‌ଗୁଲା ନିଧକ୍
ମନର୍ ଶୋଷ୍ ଥି ମତୁଆଲ୍ ।
ସହର୍ ଡାକୁଛେ ହାତ୍ ଫଏଲେଇ
ନାଇନ କାହାକେ ମନା
ଫୁଟ୍‌ପାଥ୍ ନୁ ପାଁଚ୍ ମହଲା
ସର୍‌ଗର୍ ଚିକ୍‌ମିକ୍ ତରା
ଉଡୁଛେ ଖଡ୍‌ଖଡ଼ା ରୁଖ୍‌ଡ଼ା ।
ତାକି ତର୍‌କି ଥିବୁ ବାବୁଲାଲ୍
ହୁରି ବହଁଡ଼ିଲେ ବଦ୍‌ନାମ୍
ସହର୍ ଯଁଚଉଛେ ହର୍‌ଘଡ଼ି
ଆଁଏଖ୍‌ଝଲ୍‌ସା ଚକ୍‌ଚକିଆ ଜିବନ୍ ।

■■■

ସର୍ଗିଗୁଡ଼ା, ଟିଟିଲାଗଡ଼
ମୋ : ୭୯୭୮୬୨୭୨୦୨

# ମଶାଣିର ଫୁଲ

ଜ୍ୟୋତିପ୍ରକାଶ ଗଡ଼ତ୍ୟା



ମଶାଣିର ଫୁଲ       ସଜ କିବା ହୁଏ
        ବିଚ୍ଛି ହୋଇ ପଡ଼େ ମଉଳି
କଥା କହୁଥିବା       ଜୀବର ପରାଣ
        ଆଉ ନ ପାରେ କଅଁଳି ।
ମାଟି, ଜଳ, ବାୟୁ       ଗ୍ରହ ନକ୍ଷତ୍ର ଯେ
        ନୀରବ, ନିସ୍ତବ୍ଧ, ସକଳ
ଏଠି ସେଠି ପୁଣି       ଆତଜାତ ଆଉ
        ଶୁଭ ମନାସଇ ମଙ୍ଗଳ ।
ମଶାଣିର ଫୁଲ       ମଶାଣିରେ ଭୁଇଁରେ
        ଲୋଟିପଡ଼େ ପୁଣି ନିଷ୍ଫଳ
ଶେଷ ଦରଶନ       ଶ୍ରଦ୍ଧାଞ୍ଜଳି ଅବା
        ସମର୍ପଣ ଭାବ ନିର୍ମଳ ।
କଥା କୁହେ କିବା       ମଶାଣିର ଫୁଲ
        ଚଳ ଚଞ୍ଚଳ ଯେ ଉଜ୍ଜ୍ୱଳ
ଭାବରେ ଅଭାବ       ଅଭାବରେ ଭାବ
        ମନସ୍ତାପେ ଭାବ ବିହ୍ୱଳ ।
ଆତ୍ମା ସଙ୍ଗେ ପୁଣି       ପରମାତ୍ମା ମିଶି
        ବଦଳଇ ଘଟ ସତ୍ୱର
ସୁଖ ଶାନ୍ତି ପୁଣି       ଶାନ୍ତି ଯେ ଆନନ୍ଦ
        ବାଟ ପାଏ ନାହିଁ କାହାର ।
ମଶାଣିର ଫୁଲ       ମଶାଣିରେ ପଡ଼ି
        କ୍ଷତ ବିକ୍ଷତ ଓ ଅଚଳ
କ୍ଷିତ, ଆପ୍, ତେଜ       ବ୍ୟୋମ ଯେ
ମରୁତ
        ପଞ୍ଚଭୂତ ମିଶି ସକଳ ।।



■■■

ସର୍ଗିଗୁଡ଼ା, ଟିଟିଲାଗଡ଼, ବଲାଙ୍ଗିର
ମୋ: ୯୬୫୮୮୭୭୫୫୨

ଇ-ପତ୍ରିକା
ଦ୍ୱିତୀୟ ବର୍ଷ, ପ୍ରଥମ ସଂଖ୍ୟା, ୧ ଜୁଲାଇ ୨୦୨୩

# ଜୀବନ୍

(କୋଶ୍‌ଲୀ କବିତା)

**ଯୋଗେଶ ମିଶ୍ର**



ସବୁତ ହୟେଇ ଦେଇଛେଁ
ପାଇବାର ନିପାଏବାର୍
ମାଏଟ ଆକାଶ ପୁର୍ଥୀ
ହୟେଇ ଦେଇଛେଁ
ଲସ୍  ଲସିଆ ଖରାଥି୍
ରକତ୍ ମାଆଁସ ହାଡର୍ ଦିହି
ଜୀବନର୍ ନଏଦଥି୍ ସମିଆର୍ ଚକା
ତେଲି ଘରର୍ ଘନାଥି୍
ଅର୍ଦା ବଳଦ୍ ପିସି ହେଲା ବାଗିଲ୍
ଛଟ୍ ପଟଉଛେ
ଗଁଏଟ୍ ସବୁ ଡିଲା ମେଲା
ମନର୍ ଘୁଡା ନର୍ଦୁଛେ
ବାଟ୍ ଘାଟ୍ କଁଟା ଝଁଟା ନିମାନି
ସବୁ ହୟାବାର୍ ଥି୍ ଗୁଟେ ନିସା
ମାଁ ବୁଆ ଭାଇ ବହେନ୍
ଜନମ୍ ମରନ୍ ହରାଜିତା
ମାନ୍ ଅଭିମାନ୍
ଫିଙ୍କ୍ଲା ତୁରେନ୍ ବାଗିଲ୍
ଦର୍ ଖି୍ଆ ପଖାଲ୍ କଁସାଥି୍ ଜୀବନ୍
କହି ନି ହୁଏକି ସହି ନି ହୁଏ
ଦେଖି୍ ନି ହୁଏକି ଦେଖେଇ ନେଁଇହୁଏ
ମାହାପୁରୁ ମୁଣ୍ଡ୍କେ ହାତ୍ ନି ପାଏ
ସବୁ ହଜାବାର୍ ଲାଗି
ଜୀବନ୍ ତ ଜୀବନ୍ ଆଏ ।



■■■

ଟିଟିଲାଗଡ଼, ବଲାଙ୍ଗିର
ପିନ୍-୭୬୭୦୩୩
ମୋ- ୮୯୧୭୩୯୬୩୪୮

ଇ-ପତ୍ରିକା
ଦ୍ୱିତୀୟ ବର୍ଷ, ପ୍ରଥମ ସଂଖ୍ୟା, ୧ ଜୁଲାଇ ୨୦୨୩

# ବୟସ ବେଦୀରେ

ଧ୍ରୁବଚରଣ ଘିବେଲା



ବୟସ ବେଦୀରେ ସମୟ ଛୁଆଁରେ
ସିଏ କଅଁଳ ବୟସୀ
କଅଁଳ ବୟସେ ମଳୟ ପରଶେ
ସୁନ୍ଦରୀ ସେ ମନଲାଖି ।



ଛନଛନ ଚାଲି ପ୍ରୀତିପୂର୍ଣ୍ଣ ବୋଲି
ଚାହାଣୀରେ ମାଦକତା
ସୁନ୍ଦର ଚାହାଣୀ ଭାବପୂର୍ଣ୍ଣ ଠାଣି
ସୁନ୍ଦରୀ କନକଲତା ।

କଅଁଳ ଓଠରେ କଅଁଳିଆ ହସ
ରହିଥାଏ ଲାଖି ଯୋଖି
ହସ ମଧୁଝରା ହସ ମଧୁବୋଳା
ହସରେ ବିବଶ ଆଖି ।

ଆଖିରେ ଆଶାର ଅସୁମାରୀ ଢେଉ
ଖେଳୁଥାଏ ଆଖି ନଚାଇ
ଆଖିରେ ଆଖିରେ ଭାବର ପସରା
ଯେମିତିକା ମେଲିଥାଇ ।

ହୃଦ ମନ୍ଦିରରେ ମନର ଦେବତା
ପୂଜା ପାଉ ବା ନ ପାଉ
ତା' ମନର ତଳେ ମନର ମଣିଷ
ଯିଏ ହେଲେ ରହିଥାଉ ।

■■■

ବଉଦରାଜ, ବୌଦ୍ଧ

# ମୁଁ ନଥିବାର ବେଳେ

ପ୍ରଫେସର ବୀଣାପାଣି ତ୍ରିପାଠୀ



ରାତି ପାହିଗଲେ ଆସୁଥିବ ଦିନ
ଦିନ ସରି ଗଲେ ରାତି
ଏଇମିତି ଚାଲିଥିବ ପୃଥିବୀ ବସିଲା ଦିନୁ।
ହେଲେ  , ରାତି ପାହିବନି ଥରେ ମୋର
ଅଥବା ଦିନ ସରି ରାତି
ମୁଁ ନଥିବି ଦେଖିବାକୁ ରାତିପରେ ଉଇଁ ଆସୁଥିବା ସୂର୍ଯ୍ୟ ବା
ରାତ୍ରି ର ଚନ୍ଦ୍ରଲୋକରେ ପଖଳିବାକୁ ଆଖି
ଆଉ ଥରେ ନେବାକୁ ପ୍ରଶ୍ୱାସ
ଭୁଲିଯାଇଥିବି
ମୋ ନଥିବାଇ ଖବର ପାଇଯିବ ତୁମେ
ସେବେଳେ
କେମିତି ହୋଇଥିବ ତୁମ ମୁଁହ ର ରଙ୍ଗ
କେମିତି ଡେଇଁ ପଡିଥିବ ତୁମ ସ୍ପନ୍ଦନ
ତୁମେ କାନ୍ଦୁଣୁ ମାନ୍ଦୁଣୁ ହୋଇଯାଉଥିବ
ହେଲେ ଝରେଇ ପାରୁନଥିବ ଠୋପେ ଲୁହ
ଶୂନ୍ୟ କୁ ଚାହିଁଥିବ
ସେଠି ନଥିବ ଶୂନ୍ୟ
ଯେଉଁ ଦିଶା କୁ ଚାଂହୁଁଥିବ
ଧସେଇ ଆସୁଥିବି ମୁଁ
ମୁଠେ ପବନ ହୋଇ
ତୁମେ ଲୁଚେଇ ଦେଉଥିବ ମୋତେ
ଛାତି ତଳେ ଦୀର୍ଘଶ୍ୱାସ ଟିଏ କରି
ଲୁଚେଇ ଦେଉଥିବ ଅସ୍ପଷ୍ଟ ଶବ୍ଦ ଟିଏ କରି
ମୁଁ ନଥିବାର ବେଳେ
ତୁମେ ହୁଏତ  ଆଉ ତୁମେ ହୋଇ ନଥିବ
ଯଦିଚ ଏ ଆକାଶ  ଏ ମାଟି ଜହ୍ନ ସୂର୍ଯ୍ୟ ଓ
ଦିଗବଳୟ
ଠିକ ଏକା ପରି ଥିବ ।



■■■

ମଧୁବନ, ଢେଙ୍କାନାଳ

# ଉପନ୍ୟାସରୁ ପୃଷ୍ଠାଏ

ଯଶୋବନ୍ତ ସେଠୀ





ତମରି ଇଙ୍ଗିତରେ
ମୁଁ ଲେଖୁଥିବା କାହାଣୀଟି ଏବେ
ଶେଷହୀନ ଉପନ୍ୟାସ ପାଲଟିଛି
ଅଥଚ ତମେ ସମ୍ପୂର୍ଣ୍ଣ ଅଙ୍କ ,
କାହିଁକି ମୋର ଏ' ଶବ୍ଦମେଧ ଯଜ୍ଞ ।

ତମେ ଗଲାପରେ ଯେଉଁ ରାସ୍ତାରେ ପାଦଦେଇଚି
ଛାଡିଯାଉଥିବା ପଦଚିହ୍ନ
ମୋ କ୍ଷତରୁ କ୍ଷରିତ ରକ୍ତରେ ଲାଲ୍ ଦିଶିଚି ,
ଯୋଉ ଘାଟରେ ଗାଧୋଇଛି
ତା'ପରଠୁ ସେ ସ୍ଥାନ ମରୁଭୂମି ପାଲଟିଛି ।

ଜାଣେନାହିଁ ଏହା ମୋର ସୌଭାଗ୍ୟ କି ଦୁର୍ଭାଗ୍ୟ

ମୋ' ଆସିବାର ପୂର୍ବାଭାସ ପାଇ
ଅକ୍ଟୋପସ୍ ମଧ୍ୟ ସଙ୍କୁଚିତ ହୋଇ
ଜାଣି ନଜାଣିଲା ପରି
ଦେଖି ନଦେଖିଲା ପରି
ଧ୍ୟାନମୁଦ୍ରାରେ ବସିଛି ,
ଭୟରେ କି ଭକ୍ତିରେ - କିଏ ବା ଜାଣିଛି !

ଇତିହାସ, ଭୂଗୋଳ, ଲାବୋରେଟୋରୀ, ଲାଇବ୍ରେରୀ
ସର୍କସର ମୌତ୍ କୀ କୂଆଁ
ସବୁଠି ଘାଣ୍ଟି ଚକଟି ତାର ଉତ୍ତର ଖୋଜି
ଶେଷରେ ନିରାଶ ହୋଇଛି ।

ମୋର ଏଇ ଖୋଜାଖୋଜିକୁ
ବାସ୍ତବ ଅଭିନୟ ବୋଲି
ଥୋକେ ମନ୍ତବ୍ୟ ଦେଇଛନ୍ତି ।
କେହି କେହି ନିର୍ଦ୍ଦେଶକ ମତେ ନେଇ
ପରବର୍ତ୍ତୀ ସିନେମାରେ ତାଙ୍କ
ନାୟକ ସଜାଇଛନ୍ତି ।
ବିନା ନାୟିକାରେ ମଧ୍ୟ ସିନେମାଟି
କାହାଣୀ,ଚିତ୍ରନାଟ୍ୟ,ନିର୍ଦ୍ଦେଶନା,ସଂଳାପ ଆଦି
ସମସ୍ତ ବିଭାଗରେ ସୁପରହିଟ୍ ହେବାରୁ
ବକ୍ସଅଫିସରୁ ଜିତିଥିବା ପୁରସ୍କାର
ମୋ' ହାତରେ ଧରେଇ ଦେବାକୁ
ସେମାନେ ମତେ ଖୋଜିଛନ୍ତି ,
ସେତେବେଳକୁ କିନ୍ତୁ
ମୁଁ ଆଉ କାହା କାହାଣୀର
ମୁଖ୍ୟ ଚରିତ୍ର ପାଲଟି ସାରିଛି ।

■■■

୩ ଆର୍/ ୨ , ମ୍ୟୁଜିୟମ୍ ଅଞ୍ଚଳ
ବି.ଜେ.ବି ନଗର, ଭୁବନେଶ୍ୱର

# ଇୟୁଜ୍ ଆଣ୍ଡ ଥ୍ରୋ

ଅଧ୍ୟାପକ ଅଜୟ ପଟ୍ଟନାୟକ



ଚା ପିଇବା, କପ୍ ଫୋପାଡି ଦେବା,
କବିତା ଲେଖିବା, କଲମ,
କାଗଜ ଫୋପାଡି ଦେବା ।
ମନଲାଖି ଝିଅ ସହ
ଲିଭ୍‌ଇନ୍ ରିଲେସନ୍ ରଖିବା
ପରେ ଫୋପାଡି ଦେବା,
ଅସ୍ୱୀକାର କରିବା ।
ଛୁଆ ଜନ୍ମ କରିବା, ଚର୍ଚ୍ଚ, ଅନାଥାଶ୍ରମ ଫାଟକ,
ରାସ୍ତା କଡରେ ଫିଙ୍ଗିଦେବା
ବନ୍ଧୁତ୍ୱ କରିବା, ଫାଇଦା ନେବା,
ପାହାଚ ଚଢିବା
ଭୂଲିଯିବା, ସଂମ୍ପର୍କକୁ ଫିଙ୍ଗି ଦେବା ।
ବୃଦ୍ଧ ବାପା ବୋଉଙ୍କୁ ହତାଦର କରିବା
ଜରାଶ୍ରମରେ ଫିଙ୍ଗିଦେବା,
ଟଙ୍କା ବହୁତ ବ୍ୟାଙ୍କ ଆକାଉଣ୍ଟରେ ଫିଙ୍ଗିଦେବା ।
ସମସ୍ତ ସମ୍ପର୍କକୁ ଭାଙ୍ଗିଦେବା,
ଖିନ୍‌ଭିନ୍ କରିଦେବା
ଆଉ ନିଜକୁ ଶେଷରେ
ନର୍ସିଂହୋମ ବେଡ୍‌ରେ ଫିଙ୍ଗିଦେବା ।
ଏହି ପ୍ରକ୍ରିୟାରେ ସମାଜ, ପରିବେଶ, ପ୍ରକୃତି
ମାନବିକତା, କୃତଜ୍ଞତାକୁ
ଖିନ୍‌ଭିନ୍ କରି ନଷ୍ଟ କରିବା
ଆଗାମୀ ପିଢିଙ୍କ ଭବିଷ୍ୟତକୁ
ଅନ୍ଧକାରକୁ ଠେଲିଦେବା
ହାଏରେ ସ୍ୱାର୍ଥପର ମଣିଷ ।

■■■



ନୈମିଷାରଣ୍ୟ, ଜି.ଏ. ୧୧୬. ନିଳାଦ୍ରୀବିହାର
ମୋ- ୯୪୩୭୧୨୮୧୭୯

# ନିବେଦନ

**ବିଷ୍ଣୁପ୍ରିୟା ମହାପାତ୍ର**



ପ୍ରଦୋଷ ସମୟେ ସଂଧ୍ୟା ଆଳତୀ ରେ
ପ୍ରଭୁ କରେ ନିରଜନା
ଅନ୍ତରେ ମୋହର କୋହ ଭାରିଯାଏ
କରି ତବ ପୂଜାର୍ଚ୍ଚନା ।

କି ସୁନ୍ଦର ରୂପ ବହିଛ ହେ ପ୍ରଭୁ
ଚକାଡୋଳା ଶ୍ରୀମୁଖ ରେ
ଜଗତ ର ଦୁଃଖ ଅନୁଭବ କର
ବସି ଏ ଭବ ସାଗରେ ।

ସୁଖଶାନ୍ତି ସବୁ ବାଣ୍ଟି ଦେଇ ଏବେ
କାଙ୍ଗାଳ ରୂପ ବହିଛ
ଶୃଙ୍ଖଳା ହୀନ ଏ ମାନବ ଜଗତ
ସେ କଥା ନାହିଁ ଭାବୁଛ ।



ଅବସରପ୍ରାପ୍ତ କର୍ମଚାରୀ ପରି
ଷାଠିଏ ପଉଟି ଖାଇ
ଶ୍ରୀମନ୍ଦିରେ ବସି ଘୁମାଉଅଛ ହେ
ପ୍ରଭୁ ନିଳାଦ୍ରୀ ବିହାରୀ ।

ନିଦ୍ରା ତେଜି ଆଜି ଦେଖ ଏ ସଂସାରେ
କି ଦୁଃଖେ ମଣିଷ ଅଛି
ଆସ ଅବତରୀ ଏକାଦଶ ରୂପେ
ହୁଅ ଅଧର୍ମ ସଂହାରୀ ।

ଆର୍ତ୍ତ, ଦୀନ, ଜନ ଦୁଃଖ ନବୁଝିଲେ
କି ହୋଇବ ଆହେ ପ୍ରଭୁ
ଜୀବନ ନୌକା ବୁଡ଼ିଯିବ ଏବେ
ଦୟା କର ମହାବାହୁ ।

■■■

ଅଧ୍ୟାପିକା, ଓଡ଼ିଆ ବିଭାଗ
ମହିମା ମହାବିଦ୍ୟାଳୟ, ଜୋରନ୍ଦା,ଢେଙ୍କାନାଳ
ମୋ: ୭୩୭୭୧୯୭୮୬୭

# ଆ' ମିତ ବସିବା

**ନିହାରିକା ରାୟ ବରାଳ**



ଆ' ମିତ ବସିବା
ନିହାରିକା ରାୟ ବରାଳ



ଦୁଃଖ, ଆ'  ଆମେ ମିତ ବସିବା
କିଛି କଥା  ବାଣ୍ଟିବା, କିଛି ବ୍ୟଥା ଫେଣ୍ଟିବା
ଯନ୍ତ୍ରଣା ଜୁଇ ରେ ଜଳି ଦୁର୍ଭାଗ୍ୟ ର କଳା ମୁହଁ
 ସୁନା ପରି  ଚହଟ ଦିଶିବ
 ବୋଉପରି ଲୋରି ଗାଇ
ତୋ ଶୀତଳ କୋଳ ମତେ
ନିହାତି ଆପଣା  ଲାଗିବ ।

ଆ' ଆମେ  ଏକାଠି ରହିବା
କେବେ ଲୁହ ଗଜରା  ତ' କେବେ କୋହର ଗହଣା
ମତେ ନାଇଦେଇ ତୁ ପରମ ତୃପ୍ତିର ହସ ଟେ ହସିବୁ
ଦାଦନ  ଶ୍ରମିକଟେ ପରି
ମୁଁ ବିନା ବାକ୍ୟ ବିନିମୟେ
ଅସହାୟତାର ଶିଖର  ଚଢ଼ିବି

ଦୁଃଖ, ଆ' ଆମେ ମିତ ବସିବା
ଅରକ୍ଷିତ ଲୁହ ବିନ୍ଦୁସବୁ
ତୋ ଅଚାନକ ପରସରେ  ମୋତି ପାଲଟିବ
ଜୀବନର ଚଲାପଥେ
ଖାଲ, ଖମା, ଉଠାଣି, ଗଡ଼ାଣି
ଅମୃତ ମୋହଣୀ ପରି
ଧ୍ୱଂସ  ର ସ୍ତମ୍ଭ ତଳୁ
କବନ୍ଧର ଠିକଣା  ମାଗିବ
ଧୀରେ ଧୀରେ  ନିଶ୍ୱାସର କୁଣ୍ଡଳିନୀ
ପ୍ରାପ୍ତି ଓ ଅପ୍ରାପ୍ତିର ସୀମାରେଖା ଡେଇଁ
ଚେତନା କୁ ଚିତ୍ରିତ କରିବ

ଦୁଃଖ, ଆ' ଆମେ ପୁଣି ଥରେ  ମିତ ବସିବା
ଈର୍ଷା ଓ ଅସୂୟା କୁ ଜଳାଞ୍ଜଳି ଦେଇ
ନୂଆ ଗୋଟେ ପୃଥିବୀ ର ନକ୍ସା ଆଙ୍କିଦେବା ।

■■■

ବି-୧୦, ପ୍ରତିଭା ଏନ୍‌କ୍ଲେଭ୍ ,
ବିଜେବି ନଗର, ଭୁବନେଶ୍ୱର-୧୪

# ଶ୍ରୀକ୍ଷେତ୍ର ମଣି

ଶୁଭଶ୍ରୀ ସିଂ



ତୁମେ ଶ୍ରୀକ୍ଷେତ୍ର ମଉଡମଣି ହେ ଚକ୍ରପାଣି
ତେବେ ଉଛୁର କାହିଁକି ଏତେ କରୁଛ ପୁଣି
ବଡ ଦାଣ୍ଡେ ଦେଖ ଭକ୍ତଙ୍କ ଭିଡ ଜମିଲାଣି
ଗୁଣ୍ଡିଚା ଯାତ୍ରା ବେଳ ନିକଟ ହୋଇ ଗଲାଣି ।



ରଥେ ଦର୍ଶନ ବାମନ ବେଶ ହେ ନୀଳମଣି
ସକଳ ପାତକ ନାଶନ ହୋଇଯାଏ ପୁଣି
ତୁମ ଚକା ଆଖି ଭକ୍ତ ହୃଦକୁ ନିଏ କିଣି
ଚାହିଁ ତୁମ ପଥ ଆଖିରୁ ଶୁଖିଲାଣି ପାଣି ।

ଭକ୍ତେ ନଦିଅ ଦେଖା କିମ୍ପାଇ ହେ ଦୀନମଣି
ପଡୁଛି ହୁରି ଭାବ ଠାକୁର ଭକ୍ତ ଶିରୋମଣି
କାହିଁକି ଭକ୍ତ ଦୁଃଖ ନଶୁଣୁଛ ସବୁ ଜାଣି
ତ୍ରି ଭୁବନେ ଖ୍ୟାତି ଦାରୁଦିଅଁ ମୂରଲୀପାଣି ।

ବାହୁଛାୟା ତଳେ ରଖହେ ଭକ୍ତ ହୃଦମଣି
ଧନ୍ୟ ହେବ ଭକ୍ତ ଲଭି କୃପା ହେ ଚିନ୍ତାମଣି ।

■■■

ଭୁବନେଶ୍ୱର
ମୋ - ୯୧୨୪୫୬୫୨୫୦

# ବଂଶୀ ସମ୍ମୋହନ

ସରୋଜଲକ୍ଷ୍ମୀ ମହାନ୍ତି



ମୋ ଚଞ୍ଚଳ ଓଠରେ
ଅଚଞ୍ଚଳ ନିରବତା ଥାପି
ତୁମେ କାହିଁ ଲୁଚିଯାଅ
ମୋତେ ଛନ୍ଦି ଦେଇ ସୁର ତାଳ ଲୟରେ
ଶୁଣାଅ ଜୀବନ ସଂଗୀତ
ଖଣ୍ଡେ ଖଣ୍ଡେ ଇଚ୍ଛା ଯୋଡ଼ି
ଗଢ଼ିଥିବା ବିଶ୍ୱାସର ସଉଧରେ
ଅନୁଭୂତ ହୁଏ ଅବର୍ଣ୍ଣନୀୟ ପ୍ରୀତି ନିଶା
ଅମୃତମୟ ଶାଶ୍ବତ ଅନୁଭବ
ସର୍ବାଙ୍ଗ ରେ ଉଚ୍ଛୁଳି ଉଠେ ଆତ୍ମୀୟ ପଣ
ମହକିଯାଏ ମୋ ଚାରିପାଖ
ଚହଟିଯାଏ ଏକ ଦିବ୍ୟତ୍ୱ
ହାତଧରି ଟାଣିନିଅ ସୁରମ୍ୟ ପଥରେ
ଭରିଦିଅ ସବୁ ଶୂନ୍ୟସ୍ଥାନ
ପଲକ ମେଲିଲେ ଶୂନ୍ୟ ରେ
ନିଜକୁ ଖୋଜୁଥାଏ
ସମାନ୍ତରାଳ ରେଖାରେ
ଛିଡ଼ା ହୋଇଥାଅ ତୁମେ
ତୁମ ଠିକ ପଛରେ
ମୁଁ ଖାଲି ଛାଇଟିଏ ।



■■■

ନନ୍ଦନବିହାର, ଭୁବନେଶ୍ୱର

# ପ୍ରତାରଣା

**ଯଜ୍ଞଦତ୍ତ ସାମନ୍ତରାୟ**





ଏଇ କିଛି ଦିନ କଥା
କଥା ଦେଇ ତୁମେ
କଥା ରଖିଲନି
ଭଲ ପାଇ ତୁମେ
ଭୁଲିଗଲ ମୋତେ
ମରମେ ଲାଗୁଛି ବ୍ୟଥା ।

■■■

ସମ୍ପାଦକ, ଗୁଞ୍ଜନ
କବିସୂର୍ଯ୍ୟ ନଗର, ଗଞ୍ଜାମ
ମୋ - ୯୩୩୭୪୪୪୯୨୪

# ଏଠି ଗୋଟିଏ ଗଛ ଥିଲା

ଡ. ନଳିନୀ ବେହେରା



ଏଠି ଗୋଟିଏ ଗଛ ଥିଲା
ଯେଉଁଠି ପାଞ୍ଚ ଦଶ ପ୍ରାଣୀ  କୁଟୁମ୍ବ
ପାଇଥିଲେ ରାହା
ଖରା ହେଉ କି ବର୍ଷା
ଶୀତ ହେଉ କି କାକର
କେଉଁଥିରେ ଖାତିର୍ ନଥିଲା ତାଙ୍କର।

ସକାଳୁ ଦାଣ୍ଡ ଓଳେଇଲେ ମିଳେ ଶୁଖିଲା ପତ୍ର
କୁନି ଝିଅଟି ତରତର ହୋଇ
ଚୁଲିଜାଳି ତିଆରି କରେ ନାଲି ଚା
ଚାରିପଟେ ତାଟିଆ ଧରି ବସିଯା'ନ୍ତି
କୁଟୁମ୍ବ ଯାକ ଲୋକ,
ସବୁ ତାଟିଆରେ ପଡ଼େ
ମୁଠାଏ ମୁଠାଏ ମୁଢ଼ି,
ଆଉକିଛି ମୁଢ଼ି ଫୋପାଡ଼ି ଦିଆଯାଏ ଅଗଣାକୁ
ନେ ଖା ଖା...
କେଉଁଠି ଥା'ନ୍ତି ଗୁଣ୍ଡୁଚିମୂଷା
କାଉ, ବାଇଚଢେଇ ,ବଣି ,କୁଣ୍ଡାଖାଇମାନେ
କେଁ ଖାଁ ହୋଇ ନିମିଷକେ ସଫା କରିଦିଅନ୍ତି
ଅଗଣା।

ଗଛ ନୁହେଁ ତ ସେ ମାଆ
ସବୁ ଛୁଆଙ୍କୁ ସେ ନିଜ ହାତରେ
କୋଳେଇ କାଖେଇ ବଡ଼ କରିଛି
ଏ ଯେଉଁ ଭେଣ୍ଡିଆଟା ଖାଦନରେ ତତଲା
ଖରାରେ
ନିଜକୁ ଜାଳି ମେହନତ କରୁଛି
ଆଉ ତାର ତିରିଲା

ମୁଣ୍ଡରେ  ମାଟି ବୋହି
ନିଜ ପେଟପାଇଁ ଖାଇବା ଯୋଗାଡ଼ କରୁଛି,
ଏଡାଳରୁ ସେଡାଳକୁ ବନ୍ଧା ହୋଇଥିବା
ଚିରା ଲୁଗାର ଦୋଳିରେ
ପବନ ଡାଳ ହଲାଇଲେ ସେଥିରେ
ଦୋହୋଲୁଥାଏ ତିନି ମାସର କୋଡ଼ଛୁଆ ।

ସବୁଦିନେ ସାପଟା ଘର ଚାରିପାଖରେ
ବୁଲୁଥିବାର
ସମସ୍ତେ ଦେଖନ୍ତି
ହେଲେ ତାକୁ ଶତ୍ରୁ ନୁହେଁ
ବରଂ ଘରର ରକ୍ଷକ ବୋଲି ଭାବନ୍ତି।
କାହିଁ କେଉଁଦିନ ତ କାହାର ଅନିଷ୍ଟ କରିନି ?

ଦିନେ ଧଳାଫରଫର କାର ଗଛମୂଳରେ ଲାଗିଲା
ସେମାନେ କଥା ହେଉଥିଲେ
ଏଇ ଗଛକୁ କାଟି ତିଆରି ହେବ ବିରାଟ ମନ୍ଦିର
ଯେଉଁଠି ଇଶ୍ବରଙ୍କ ପଥରମୂର୍ତ୍ତି ସ୍ଥାପନ ହେବ
ସାରା ଖଣ୍ଡ ମଣ୍ଡଳରେ
ଏପରି ମନ୍ଦିର କେଉଁଠି ନଥିବ।

ଏବେ ଗଛର ସମାଧି ଉପରେ
ସୁଉଚ୍ଚ ମନ୍ଦିର
ଏବେ ବୃକ୍ଷ ଦେବତା ଉପରେ
ପଥର ଈଶ୍ୱର ।

■■■

ଇ-ପତ୍ରିକା
ଦ୍ୱିତୀୟ ବର୍ଷ, ପ୍ରଥମ ସଂଖ୍ୟା, ୧ ଜୁଲାଇ ୨୦୨୩

# ହୃଦୟ

ଅନ୍ନଦା ମିଶ୍ର



ହୃଦୟକୁ କିଆଁ ଦେଖାଇ ହେଉନି
ନୁହେଁ କିବା ଆପଣାର
ପ୍ରୀତିଫୁଲ ବୋଲି କହୁଛ ଯାହାକୁ
ନୁହେଁ କି ହୃଦବନର ।

ରକତ ମାଉଁସେ ଗଢା ସିନା ସିଏ
ବୁଝି ସେ ପାରଇ ବ୍ୟଥା
ହୃଦୟ ବେଦନା ହୁଏନା ବଖାଣି
ଅମପା ତାହାର ସତ୍ତା ।



ହୃଦୟ ଚିହ୍ନିବା ନୁହଁଇ ସହଜ
ନୁହେଁ ପୁଣି ହୀରା ନୀଳା
ହୃଦୟ ତ ଏକ ନନ୍ଦନକାନନ
ତା' ପାଇଁ ତ ଶିଳ୍ପ କଳା ।

ହୃଦୟ ଖୋଜିବା ନୁହଁଇ ସହଜ
ହୃଦପୁରେ ହୃଦ କାହିଁ?
ହୃଦୟ ବଜାରେ ମିଳୁଛି ବା କାହିଁ
ସଭିଏଁ ତ ହାଇଁ ଫାଇଁ ।

ମୋର ହୃଦୟକୁ ପରଖ ହେ ସଖା
ପିରତୀ ଛୁଆଁରେ ଥରେ
ହୃଦର ସ୍ପନ୍ଦନ ଏତେ ମିଠା ହୁଏ
ପ୍ରଣୟର ନଈ ଧାରେ ।

ହୃଦ ଦିଆନିଆ ଅଟେ କି ସହଜ
ତୁମେ ଏକା ବୁଝିପାର
ହୃଦୟକୁ ମୋର ପାରିବ କି ରଖି
ବାନ୍ଧି ପିରତୀର ଡୋର ।

■■■

ବାଲିଅନ୍ତା, ଭୁବନେଶ୍ୱର
ମୋ-୮୨୪୯୪୪୧୦୮୪

# ପ୍ରେମ ପରାଗ

ପ୍ରବାସିନୀ ମିଶ୍ର



ବସନ୍ତେ ବସନ୍ତ ଆସିଥିଲ ତୁମେ ବଉଳ ବାସ୍ନାର ବାଟବରଣେ
ମହୁଆ ମନକୁ ମୋହୁଥିଲ ଖାଲି ମହକାଇ ସଜଧୁଆ କିରଣେ
ମନ ମୁକୁତାର କାରବାର କରି ଚୋରାଇ ନେଲ ମୋ ନୀଳ ଚାହାଁଣୀ
ଅଳସୀ କଇଁର କଳସୀଏ ସ୍ମୃତି ଜୀବନ ଯମୁନା ବହେ ଉଜାଣି ।



ସଭିଙ୍କ ଓଠରେ ତୁମେ ତୁମେ ଯେଉଁ ସେହି ମଧୁବୋଳା ଶବ୍ଦ କି ତୁମେ
ନିତି ସେ ଶବ୍ଦରେ ବସନ୍ତର ରାସ ଅସୀମ ଆହ୍ଲାଦେ ଝୁମି ମୁଁ ଝୁମେ
ତୁମେ ( ମୁଁ ) ମିଶି ଏକାକାର ହୋଇ ଅଭିନ୍ନ ଅଧିର ଶବ୍ଦକୁ ରଚେ
ମହଣ ମହଣ ମହୁ ଝରୁଥାଏ ତୁମ ପାଇଁ ମନ ହୃଦୟ ନାଚେ ।

ସେ ତୁମେର ପ୍ରେମେ ପଡି ମୁଁ ଯାଇଛି ଅକାତ ପାଣିରେ ବୁଡ଼େ ମଗଜ
କାକର କାଳିରେ କବିତା ଲେଖୁଛି ବଢ଼ାଇ ଦେଇଛ ହୃଦ କାଗଜ
ପ୍ରେମର ସଂଜ୍ଞା କେ କରିଛି କରିବ ତା ପରାଗ ରେଣୁ ବୋଲି ମୁଁ ହୁଏ
ପ୍ରତି ମୁହୂର୍ତ୍ତରେ ପ୍ରୀତି ପୁଲକରେ ପଞ୍ଚମ ରାଗରେ ରାଗିଣୀ ଗାଏ ।

ହୃଦୟ ଗଭୀର ସାଗର ପାଇଁ ମୁଁ ଧାଉଁଛି ଅଳପ ପଡୁଛି ବେଶୀ
ପ୍ରେମ ପରାଗରେ ପୂର୍ଣ୍ଣଗର୍ଭା ହୁଏ ବୟସ ଗଛରେ ଧରଇ କଷି ।

■■■

ସମ୍ପାଦିକା, ଦିବ୍ୟ ଦର୍ଶନ, ପୁରୀ


# ଚାଲ ଆଜିର କୋଣାର୍କ ଗଢ଼ିବା

ବୀରେଶ୍ୱର ମହାନ୍ତି



ବିସ୍ମରିଛି କି ଓଡ଼ିଆ ପାଇକ ନିଜ ଅତୀତ ଯଶ ଗୌରବ
ନିଜ ଭାଷା ବୁଝେନାହିଁ, ମାତୃଭାଷା ପାଇଁ ନାହିଁ ଆପଣାର ଭାବ,
ପ୍ରତିଧ୍ୱନିତ ହୁଏ ବାରଶ' ବଢ଼େଇଙ୍କ ନିଖୁଣ ନିହାଣ ସଂଗୀତ
ଦୃଶ୍ୟ ହୁଏ ସାଧବ ପୁଅଙ୍କ ବେପାର -ବଣିଜ ବୋଇତ,
ଏତେଦିନ ଧରି ଓଡ଼ିଆଏ କିଆଁ ପଡିଅଛ ଶୋଇ
ତୁମ ଆଳସ୍ୟ ପାଇଁ କ'ଣ ଶ୍ରୀ ଚୈତନ୍ୟ, ପ୍ରତାପରୁଦ୍ର ଦାୟୀ?

କୋଟିଆ ଗ୍ରାମପୁଞ୍ଜେ ଶୁଭେ ଆଉ କାହା ପଦଶବ୍ଦ
ଛଳଛଳ ମହାନଦୀର ଗତିପଥ କରେ କେ ଅବରୋଧ,
ଆଗରୁ ଅନେକେ ପଥ ହୁଡ଼ି ନିରାଶେ
ଛାଡିଛନ୍ତି କର
ମଞ୍ଜୁଷା, ସିଂହଭୂମି,ମେଦିନୀପୁର ଅବା ଫୁଲଝର,
ଭୀରୁ, ଅଳସୁଆ, ବୋଲି ଓଡ଼ିଆଙ୍କ ଦୁର୍ନାମ ରଟିଛି
ବେସୁମାର ଜମି, ଜଳ, ଜଙ୍ଗଲ ଅକାରଣେ ଉଜୁଡି ପଡ଼ିଛି,
ଗଙ୍ଗାଠାରୁ ଗୋଦାବରୀର ନାୟକ ହେ କପିଳେନ୍ଦ୍ର ଦେବ!
କହି କି ପାରିବ କି କାରଣେ ଆଜି ଏ ହୀନ ପରାଭବ?



ଉତ୍ଥାନ-ପତନ ତ ବାବୁ ସାରା ଜଗତ ନିୟମ
ଉଠିବାକୁ ଓଡ଼ିଆଏ ତୁମେ ଆଉ କେତେଦିନ ନେବ,
ସବୁ ରାତି ନୁହେଁ ଅମାବାସ୍ୟାର ଘନ ଅନ୍ଧାର ରାତି
ପୂର୍ଣମୀ ଆସିଲେ, ତମିସ୍ରା ହଟିବ, ମାତିବ ଚାନ୍ଦିନୀ ରାତି,
ଖଣ୍ଡଗିରି ପାଦତଳେ ମୁଁ ଓଡ଼ିଆଟେ ସପନ ବିଳାସୀ ହୁଏ
ସମୃଦ୍ଧ ଓଡ଼ିଶାର ନକ୍ସା ସ୍ୱତଃ ମନେ
ଆଙ୍କି ହୋଇଯାଏ ।

ଆସ ବନ୍ଧୁ ଆଉ ଡେରି କିଆଁ
ଆମେ ଶୂନରୁ ଆରମ୍ଭ କରିବା
ଆମେ କାହାକୁ କାହିଁକି ଡରିବା
ଆମେ ଶୂନରୁ ଆରମ୍ଭ କରିବା,
ମଧୁ -ଗୋପବନ୍ଧୁ ଆମ ପୂର୍ବସୁରୀ
ଅଗ୍ରସର ହେବା ତାଙ୍କୁ ଅନୁସରି
ଆମେ ଓଡ଼ିଶାର ଟେକ ରଖିବା
ଆମେ କାହାକୁ କାହିଁକି ଡରିବା ।

ଅତୀତ ଗୌରବ ଗାଥାକୁ କେତେଦିନ ଆଉ ଜପିବା,
ସାଇତି ରଖି କାଲିର କୋଣାର୍କ
ଚାଲ ଆଜିର କୋଣାର୍କ ଗଢିବା ।

■■■

**ସି – ୧୦୫, ଶୁଭମ୍ ରୟାଲ,**
**ଘାଟିକିଆ, ଭୁବନେଶ୍ୱର**
ମୋ.- ୯୯୩୮୬୧୫୬୭୧

# ମେଘ ପାଲିଙ୍କି

**ସ୍ୱର୍ଣ୍ଣଲତା ମହାପାତ୍ର**



ମେଘ ପାଲିଙ୍କିରେ ଝୁଲେ ବର୍ଷାରାଣୀ ବେଙ୍ଗଦିଏ ହୁଳହୁଳି,
ଘଡଘଡି ବାଦ୍ଯ ବଜାଏ ବଉଦ ରୋଷଣୀ ଜାଳେ ବିଜୁଳି।
ଲିଭେଇ ଦିଏ ସେ ଗ୍ରୀଷମର କୋପ ସିଞ୍ଚିଦେଇ ସଞ୍ଜିବନୀ,
ଶୀତଳ ମଳୟ କାଉଁରୀ ପରଶେ ହସଇ ଧରଣୀ ରାଣୀ।



ପ୍ରୀତିସିକ୍ତ ହୁଏ ଶୁଷ୍କ ଧରାବକ୍ଷ ପୂର୍ଣ୍ଣଗର୍ଭା ନଦୀ-ନାଳ,
ଶ୍ରାବଣ ବରଷା ଝରେ ଝରଝର ଅବାରିତ ବାରି ଧାର।
କଅଁଳ ଦୁବର ଘାସ ଚାଦରରେ ଲାଲ୍ ଟୁକୁ ଟୁକୁ ବୋହୂ,
ଜାତି ଜାତି ପୁଷ୍ପ ଦୋଳାୟିତ ହୁଏ ଭଅଁର ଟାଣଇ ମହୁ।

ସୁନା କିଆରୀରେ ଅସରନ୍ତି ସ୍ୱପ୍ନ ଚଷାଭାଇ ଗାଏ ଗୀତ,
ଅଭିସାରିକାର ରୂପରେ ମୟୂର ପୁଚ୍ଛ ମେଲି କରେ ନୃତ୍ୟ।
ନୀଳ ସରସୀରେ କୁମୁଦିନୀ ଝୁରେ ଜହ୍ନ ଲୁଚକାଳି ଖେଳେ,
ଝିଙ୍କାରୀ ତୋଳଇ ଝଙ୍କାର ମୂର୍ଚ୍ଛନା ସମୀରଣ ସୁରେ ସୁରେ।

ପ୍ରିୟତମା ଆଙ୍କେ ମିଠା ଅନୁଭୂତି ଭିଜି ଭିଜି ସାରା ରାତି,
ବେସୁରା ଜୀବନେ ଅସରାଏ ବର୍ଷା ଭିଜେଇ ଦିଏ ତା ତାତି।
ଆଗୋ ବର୍ଷାରାଣୀ ସ୍ମୃତିଟିଏ ହୋଇ ମୋ ମନକୁ ଯାଅ ଛୁଇଁ,
ଅତୀତର ଯେତେ ବିରହ ବେଦନା ବରଷାରେ ଦିଅ ଧୋଇ।

■■■

ନୀଳାଦ୍ରୀ ବିହାର, ଭୁବନେଶ୍ୱର
ମୋ - ୯୦୪୦୬୮୮୦୧୨

# ସମ୍ପର୍କ

ନୀଳମଣି ଚାନ୍ଦ



କୁମୁଦିନୀ
ପ୍ରସ୍ଫୁଟିତ ହୁଅ ମୋ ଉଦୟରେ
କେଉଁ ଆବାହମାନ କାଳରୁ
ଏ ସଂଯୋଗ
ଆମ ସଂପର୍କ ଚିର ସବୁଜ ଓ ଶାଶ୍ୱତ।

ଖୁବ୍ ସାମ୍ନାସାମ୍ନି ବସି
ନଭମଣ୍ଡଳକୁ ଦୃଷ୍ଟି ନିକ୍ଷେପ କରୁଥିବା
ଦୁଇଟି ମଣିଷ ଆମେ
ଉଲକାଟିଏ ଖସିଲେ
କୁହ, ମନୋବାଞ୍ଛା ପୂର୍ଣ୍ଣ ହେବ ନିଶ୍ଚେ ଆମର।



ଉଭୟଙ୍କ ହସ୍ତରେ ପ୍ରଦୀପ ଓ ପୂଜାପୁଷ୍ପ
ଖୁବ୍ ଉତ୍ତମ, ଦେବାଳୟରେ ଉପସ୍ଥିତ ରହି
କିଛି ମାଗିନେବା
କାରଣ ଆମ ଭିତରେ
ଗୋଟେ ନିବିଡ଼ ସଂପର୍କ
ବସା ବାନ୍ଧିଥାଏ ଚିରକାଳ।

■■■

ମନ୍ତ୍ର ମାନୋର୍, ଗୋଠପାଟଣା
ଭୁବନେଶ୍ୱର
ମୋ-୯୫୮୩୨୦୨୩୫୭

# ଆମ ଘର

**ବାସନ୍ତୀ ବାରକ୍**





ଘର ଆମ ପାଇଁ    ନିର୍ଭୟ-ଆଶ୍ରୟ
ମର୍ତ୍ତ୍ୟର ଇନ୍ଦ୍ର ଭୁବନ,
ମାଆଭଳି କୋଳେ ଆଦରି ନେଇଛି
ମମତାର ମଧୁବନ।

ଜନମିଲି ଯେବେ   ଜନନୀ ଜଠରୁ
ଦେଇଛି ଆଦରେ ଆଶ୍ରା,
ତା' ସ୍ନେହ ପରଶେ   ଲଭିଛି ହରଷ
ମୁଖରେ ଭରିଛି ଭାଷା।

ବାଲୁତ କାଳରୁ ବଢିଛି ତା'କୋଳେ
ରହିଛି ତା' ଛାତ ତଳେ,
ସବୁ ଦୁଃଖ,କଷ୍ଟେ  ସହାୟ ଦେଇଛି
ଆପଦ ବିପଦ ବେଳେ।

ବାପା,ମାଆ,ଭାଇ,ଭଉଣୀ ମେଳରେ
ସୁଖମୟ ପରିବାର,
ସ୍ନେହ-ବନ୍ଧନରେ   ଯୋଡି ରଖିଅଛି
ମମତା-ମଧୁ ସଂସାର ।

ଶୈଶବ,କୈଶୋର,  ଯୌବନର ସ୍ମୃତି
ସାଇତିଛି  ତା'ଶରୀରେ,
ଘରଛାଡି ଯେବେ   ପ୍ରବାସେ ମୁଁ ଥାଏ
ଘର ପାଇଁ ମନଝୁରେ।

ପିତା,ମାତାଙ୍କର    ଅପତ୍ୟ-ସ୍ନେହର
ଅବିସ୍ମୃତ  - ମୁକସାକ୍ଷୀ,
ସେ ଗୃହମନ୍ଦିରେ   ଭାଇଙ୍କ ହାତରେ
ବାନ୍ଧିଛି ମମତା ରାକ୍ଷୀ।

ରାଗ,ଅଭିମାନ,   ସ୍ନେହ,ପ୍ରୀତି,ଶ୍ରଦ୍ଧା
ଅଙ୍ଗେ ଲିଭାଇଛି ମୁହିଁ,
କେତେ ହସ,କାନ୍ଦ    ଆନନ୍ଦ,ବିଷାଦ
ଆଲୁଅ ଅନ୍ଧାର ଛାଇ।

ବିଳାସ,ବ୍ୟସନ       ଦୁଖଃ,ଯନ୍ତ୍ରଣାର
ଅନ୍ତରଙ୍ଗ-ଅନୁଭବ,
ସବୁ ଦେଖିଛି ମୋ'    ଘର ଚାରିକାନ୍ଥ
ପରିଣତି-ପରାଭବ।

ଷଠି-କଉଡିରୁ         ଖଇ-କଉଡିର
ଅଘୋଷିତ-ବ୍ୟବଧାନ,
ଜନ୍ମରୁ- ମରଣ      ଜୀବନ-ଯାତ୍ରାର
ସମର୍ପିତ - ସମାଧାନ।

ଆମପାଇଁ ଘର      ପୁଣ୍ୟ-ଶ୍ରୀମନ୍ଦିର
ବଦ୍ରିନାଥ, ବୃନ୍ଦାବନ,
ଏନ୍ତୁଡିରୁ ଜୁଇ       ଜୀବନ-ଯାତ୍ରାର
ଭାବନିଷ୍ଠ-ସମ୍ମୋହନ।

■■■

ବାସ- ଶ୍ରେୟା,
ଏମ୍. ଆଇ. ଜି -୭୫, ବି.ଡି.ଏ କଲୋନୀ, ଫେଜ୍ -୧ ,
ପୋଖରୀପୁଟ୍, ଭୁବନେଶ୍ୱର -୭୫୧୦୨୦
ମୋ :୬୩୭୨୦୮୪୭୧୫

# ପ୍ରଳୟର ପ୍ରତିଧ୍ୱନି

ମାନଗୋବିନ୍ଦ ବାରିକ୍



କାଳ-ବଳୟର କରାଳ-କବଳେ
ମର୍ମନ୍ତୁଦ- ଦୁର୍ଘଟଣା,
କ୍ରୁର-ସମୟର ନିଷ୍ଠୁର-ଚକ୍ରରେ
ପ୍ରାଣ ଆଜି ବାଟବଣା।

ଲୌହ-ଦାନବର ଦୁର୍ଦ୍ଦର୍ଶ-ଶବ୍ଦରେ
ପ୍ରଳୟର ପ୍ରତିଧ୍ୱନି,
କ୍ଷଣିକ-ମୁହୂର୍ତ୍ତ ନିସର୍ଗ-ସୂଚୀରେ
ତାଣ୍ଡବର ଦାବାଦଗ୍ନି।

ନିରବ-ନିଶାର ନିସ୍ତବ୍ଧ-ପ୍ରହରେ
ବିକଟ-ଗର୍ଜ୍ଜନ ଶବ୍ଦ,
ଚଞ୍ଚଳ-ଜୀବନ ଉତ୍ଫୁଲ୍ଲିତ-ମନ
ନିମିଷକେ ହେଲା ସ୍ତବ୍ଧ।

ବାହାନଗା-ମାଟି ରକ୍ତରେ ଭିଜିଲା
ମୃତ୍ୟୁର ଆର୍ତ୍ତ -ଚିତ୍କାର,
ସୁଖ-ଯାତ୍ରା ହେଲା ଶୋକ-ମହାଯାତ୍ରା
ନୈରାଶ୍ୟର ହାହାକାର।

କେତେ ସିମନ୍ତିନୀ ସିନ୍ଦୁର ଲିଭିଲା
ସ୍ୱାମୀ ହେଲେ ପତ୍ନୀହୀନ,
ଅପତ୍ୟ-ପ୍ରାଣର ଅକାଳ-ନିଧନେ
ଶତ ମାତୃକୋଳ ଶୁନ୍ୟ।





କାନ୍ଦେ ଶିଶୁପୁତ୍ର ଅବଳା ଭଗିନୀ
କାନ୍ଦନ୍ତି ଜନନୀ,ଜାୟା,
ନିର୍ବାକ ହୋଇଛି ବାର୍ଦ୍ଧକ୍ୟର ସ୍ୱର
ନିବର୍ହିତ ମୋହମାୟା।

ଆତଙ୍କ-ଚିତ୍କାର ପ୍ରମତ୍ତ-କମ୍ପନେ
ଯନ୍ତ୍ରଣା-ଜର୍ଜ୍ଜିତ ମାଟି,
ଆହତ-ପ୍ରାଣର ଆକୁଳ- କ୍ରନ୍ଦନେ
ଧରିତ୍ରୀ ପଡୁଛି ଫାଟି।

ରକ୍ତ,ମେଦ,ମାଂସ ବିକ୍ଷିପ୍ତ-ବେଦୀରେ
ବେଦନାର ଅନ୍ତଃସ୍ୱର,
ବିକ୍ଷୁବ୍ଧ-ପ୍ରାଣର ନିସ୍ପନ୍ଦ-ତନ୍ତ୍ରୀରେ
ଅନ୍ତଃର୍ଦାହ -ଇସ୍ତାହାର।

ଅବିନାଶୀ-ଆତ୍ମା ସଦ୍ଗତି-କାମନା
ଆହତ ଆଶୁ-ଆରୋଗ୍ୟ,
ଆତ୍ମୀୟ-ସ୍ୱଜନେ ସହିବା ସାମର୍ଥ୍ୟ
ଦୂରେଇ ଯାଉ ଦୁର୍ଯୋଗ।

■■■

ବାସ- ଶ୍ରେୟା,
ଏମ୍. ଆଇ. ଜି -୭୫, ବି.ଡି.ଏ କଲୋନୀ, ଫେଜ୍ -୧ ,
ପୋଖରୀପୁଟ୍, ଭୁବନେଶ୍ୱର -୭୫୧୦୨୦
ମୋ :୯୪୩୭୨୭୭୭୩୫

# ସାଗର ତୀରେ

ଡ. ପ୍ରିୟମ୍ବଦା ସାମଲ



ନିଶି ଆଗମନେ ପ୍ରକୃତି ସୁନ୍ଦରୀ
ଦିଶେ କେତେ ଶୋଭାବନ
ସାଗର ତୀରେ ପ୍ରତୀଚୀ ଦିଶାରେ
ଦିବାକର ହେଲେ ଲୀନ।
ପାଣ୍ଡୁର ବର୍ଣ୍ଣ ବିଭାରେ ଛନ୍ଦାୟିତ
ଗଗନ ହୁଏ ରଞ୍ଜିତ
ଧୂସରିତ କୃଷ୍ଣ ବର୍ଣ୍ଣରେ ଧରଣୀ
ଶୋଭା ଗୁଣରେ ମୋହିତ।
ନୀଳ ଉର୍ମିମାଳା ତରଙ୍ଗ ଛିଟାରେ
ଭାସିଆସେ ମିଠା ସ୍ୱପ୍ନ
ଭିଜା ଭିଜା ତାର ମଧୁର ପରଶେ
ଭାବରେ ହୁଏ ନିମଗ୍ନ।
ଗଗନେ ଶୋଭଇ ଚାନ୍ଦର ଚାନ୍ଦିନୀ
ଚିକି ମିକି ତାରା ପୁଞ୍ଜ
ମନ ଆକାଶରେ ସ୍ୱପ୍ନମୟ ସନ୍ଧ୍ୟା
ଜଳାଏ ସତେକି ସଞ୍ଜ।
ମଧୁର ଝଙ୍କାର ନିନାଦ ଓଁକାର
ଝଙ୍କୃତ ନିକ୍ୱଣ ଝରେ
ଭାବମୟ ପ୍ରାଣ ସାଗର ତୀରରେ
ମୋହାବିଷ୍ଟ ବଂଶୀ ସ୍ୱରେ।
ତା ରାଗ ରାଗିଣୀ ହୃଦ ନିଏ କିଣି
ସାଗର ତୀରେ ମୁଁ ଶିଳ୍ପୀ
ବାଲୁକା ବେଳାରେ ଆଙ୍କି ବସେ କେତେ
ମନୋରମ ଚିତ୍ର କଳ୍ପି।
ଆଙ୍କୁଥାଏ ଯେତେ ଧୋଇନିଏ ସେତେ
ନୀଳ ଉର୍ମିମାଳ ଛିଟା
ସଜାଏ ମଗନେ ଲଗାଇ ଲଗନେ
ଲୁଣି ଛିଟା କେତେ ମିଠା।
ସାଗର ତୀରରେ ଭିଜା ସମୀରରେ
ଭିଜା ଭିଜା ଏଇ ମନେ
ଭିଜାଇ ଦିଏ ସେ ଭିଜା ଚାନ୍ଦିନୀରେ
ପ୍ରୀତିପୂର୍ଣ୍ଣ ସମ୍ମୋହନେ।



■■■

ନନ୍ଦନ ବିହାର, ଭୁବନେଶ୍ୱର

# ଚିଠିଟିଏ ପୁଅକୁ

**ଗୀତା ପଟ୍ଟନାୟକ**



ଆଜି ବାବୁ ତୋତେ ଲେଖୁଛି ଏ ଚିଠି
ତୋହର ମଙ୍ଗଳ ପାଇଁ,
ଅସତ୍ୟ ଅନ୍ୟାୟ ପଥ ନ ବାଛିବୁ
ସଅଳ ଉନ୍ନତି ନେଇ ।

ଅସତ୍ୟର ବିତ୍ତ ବଢଇ ବହୁତ
ଗଲାବେଳେ ଯାଏ ମୂଳେ,
ସବୁ ଦେଖୁଛନ୍ତି ପ୍ରଭୁ ଚକାଡୋଳା
ଦେଖୁ ଥିବେ କାଳେ କାଳେ ।



ପିଲାଦିନେ ବାବୁ ଅନେକ କହିଛି
ନ୍ୟାୟ ଅନ୍ୟାୟ କୁ ସ୍ୱଷ୍ଟ,
ଅନ୍ୟାୟ ପଥ ଟି ମହାକାଳ ଫଳ
ନ୍ୟାୟ ରେ ଚଳିବା କଷ୍ଟ ।

କେହି ରହିନାହିଁ ରହିବେ ନାହିଁ ଟି
ଭବ ରଙ୍ଗ ଭୂମି ପରେ,
ଅଳିକ ଜୀବନ ନୁହେଁ ଚିରସ୍ଥାୟୀ
ଭାବ ଆରେ ବାବୁ ଥରେ ।

କାମିନୀ କାଞ୍ଚନ ନୁହେଁ ମୂଲ୍ୟବାନ
ମଣିଷ ପଣିଆ ବଡ,
ଅସତ୍ୟ ଅନିତ୍ୟ ବିବେକେ ପରଖି
ଜୀବନ ଜୀବିକା ଗଢ ।

ତୋ କର୍ମର ଫଳ ପାପ ଅବା ପୂଣ୍ୟ
ଭୋଗ ହେବ ବାବୁ ଯେତେ,
ତୋ ପାପରେ ଭାଗି ନ ହେବେ କେହିରେ
ଦୂର୍ଦ୍ଦିନେ ତେଜିବେ ତୋତେ ।

ମାନବିକତା ଓ ମଣିଷ ପଣିଆ
ତେଜିବୁନି ମନୁ ପୁଣି,
ବିବେକ ବିହୀନ ନ ହୋଇଲେ ବାବୁ
ସାହା ହେବେ ବେଣୁ ପାଣୀ ।

■■■

ଅବସର୍ ପ୍ରାପ୍ତ ଶିକ୍ଷୟିତ୍ରୀ
ଆଦର୍ଶ ବିହାର୍
ମୋ-୭୯୭୮୯୦୨୩୭୩

ଇ-ପତ୍ରିକା
ଦ୍ୱିତୀୟ ବର୍ଷ, ପ୍ରଥମ ସଂଖ୍ୟା, ୧ ଜୁଲାଇ ୨୦୨୩

# କାଳରାତ୍ରୀ

**କବିତା ନାୟକ**



କାଳରାତ୍ରୀ
କେମିତି ସାଜିଲୁ ତୁ କାଳରାତ୍ରୀ?
ଭାରି ଖୁସିଥିଲୁ
ସ୍ୱପ୍ନରେ ମଜ୍ଜିଥିଲୁ
ଭାବନାରେ ମାତିଥିଲୁ
କେମିତି କାଳରାତ୍ରୀ ହେଲୁ !
ରେଳର ଗର୍ଭରେ ନାଚୁଥିଲୁ
ଗାଉଥିଲୁ,ହସୁଥିଲୁ
ବାରମଜ୍ଜା ର ମଜା ନେଉଥିଲୁ
ଟଙ୍କା ରୋଜଗାର  ଆହୁରି ଦରକାର
ଉପାୟ ଖୋଜୁଥିଲୁ
ଝିଅ ବାହାଘର, ପୁଅ ପାଠପଢା
ବୁଢା ମା ବାପାଙ୍କ  ଔଷଧ
ସ୍ତ୍ରୀର ଶାଢି, ଗହଣା ।
ଘରକୁ ନୂଆ କରି ସଜାଇବା
ନୂଆ  ଘରଟେ କରିବା
ସବୁ ଓଲଟପାଲଟ  କରିଦେଲୁ!!
ତୁ କାଳ ରାତ୍ରୀ ସାଜିଗଲୁ?
କିଏଦାଉ ସାଧିଲା
ଶହଶହ ଲୋକଙ୍କର
କପାଳରେ କଣ
ଏକ ଭାଗ୍ୟରେଖା ଥିଲା??
ନିମିଷେକେ ସବୁ
ଶେଷ ହୋଇଗଲା
ହଜାର,ହଜାର
ପିଲାଠାରୁ ବୃଦ୍ଧ
ସବୁରି ଜୀବନ ରେଖା
ଅଚାନକ ବଦଳି ଗଲା
ସେ ସୁନ୍ଦର  ସଞ୍ଜ ଟି
କାଳରାତ୍ରୀ ସାଜିଗଲା ।



■■■

ଏମ୍. ଆଇ. ଜି. - ୨, ୭୭/୪
ଓ.ଏସ୍.ଏଚ୍.ବି. କଲୋନୀ, ଭୁବନେଶ୍ୱର - ୧୬
ମୋ : ୭୭୩୫୯୧୬୧୧୧

# ସମୟ

**କଳ୍ପନା ପ୍ରିୟଦର୍ଶିନୀ ନାୟକ**





ଜୀବନର ବାଟ କେତେ ଦୂରଯାଏ
ଲକ୍ଷ୍ୟ ପଥ ଦୂରଦିଗବଳୟ....,
କିଏ ଜାଣେ ଅବା ପଥ କେତେ ଲମ୍ବା
କହିବ କେବଳ ସମୟ.... ।।

ଜୀବନର ସଂଜ୍ଞା କିଏ ବୁଝେ ଏଠି
ସଭିଏଁ ସ୍ୱାର୍ଥରେ ବନ୍ଧା,
ଜୀବନର ମୂଲ୍ୟ କିଏ ଦେବ ବନ୍ଧୁ
ସବୁ ସମୟ ହାତେ ବନ୍ଧା..... ।।

ସମୟ  ହାଟରେ ଜୀବନ ସଉଦା,
ଲୁହ ଶସ୍ତା ହସ ତ ମହଙ୍ଗା...
କିଏ ବୁଝିବ ନୟନ ଅଶ୍ରୁକୁ,
ଅବୁଝା ମନ ଭଙ୍ଗା ହୃଦୟକୁ....।।

ଜୀବନର ବାଟ ଏମିତି ଏକ ନଈ
ଚାଲିଛି ବୋହି ବୋହି,
ସବୁ ଥାଇ ପୁଣି କିଛି ନାହିଁ ଏଠି
ଆଖି କାନ୍ଦେ କଇଁ କଇଁ....।।

■■■

ଅଧ୍ୟାପିକା,ଓଡ଼ିଆ ବିଭାଗ,
ସିମୁଳିଆ ମହାବିଦ୍ୟାଳୟ,
ତଳାଙ୍ଗ, ଭଦ୍ରକ

ଇ-ପତ୍ରିକା
ଦ୍ୱିତୀୟ ବର୍ଷ, ପ୍ରଥମ ସଂଖ୍ୟା, ୧ ଜୁଲାଇ ୨୦୨୩

# ତରୁ ତରୁ ତରୁବନେ

ଜାହ୍ନବୀ ଚୌଧୁରୀ



ତୁମେ କେବେ ପାଇଛ କି ଆଶ୍ୱାସନା ?
କେଉଁଠି ଥାଏ ତାର ବାହୁଯୁଗଳ
କାହିଁ କେଉଁଠି ଦିଶୁନି ତ
ତୁମେ ଦେଖି ପାରୁଛ ?

ଅନୁପସ୍ଥିତ ସେ, ଅତ୍ର- ତତ୍ର- ସର୍ବତ୍ର
ଖୋଜୁଛି ନିରୀହ ଦୁଇଟି ନୟନ
ନିଜସ୍ୱ ଏକ ଅନ୍ତରଙ୍ଗ ରୂପ
ଦେଇନାହଁ ତ,ଏବେ ପାଇବ କେଉଁଠୁ ?
ଯହିଁରେ ନ ଥାଏ ଆଦୌ ଆପଣାପଣ
ଓ ନିବିଡ଼ର ସଂପୃକ୍ତି ।।

ଆସ ମୋ ପାଇଁ କେହିଜଣେ ସଂଜବତୀ ଜାଳିଦିଅ
କେହି ଜଣେ ମନାସୁଥାଅ
ହାତରେ ମୋ ମଥାକୁ ଟିକେ ଆଉଁସିଦିଅ
କେହି ତ ଜଣେ ଶୂନ୍ୟରୁ ଉକୁଟି ଆସ
ମୋ ଭିତରେ ଖୁସିର ବିହଙ୍ଗଟିକୁ ଉଡାଇଦିଅ ।

ଯେଉଁ ଆଖିରେ ଥିଲା ଅସରନ୍ତି ସ୍ୱପ୍ନ
ସେହି ଆଖି ଆଜି ସ୍ୱୀକାର କରୁଛି ପରାଜୟ
ସେହି ଆଖି ଆଜି ଶୂନ୍ୟ,ରିକ୍ତ,ସ୍ଥିର ଓ ସମାହିତ
ଟିକିଏ ଘୁଞ୍ଚି ଆସ ମୋ ଆଡକୁ,
ଟିକିଏ ଛୁଇଁଯାଅ ମୋ ଅନୁଭବକୁ
ଏ ଜନ୍ମର ଅଭିଳାଷା...
ଖୋଜୁଛି ମୋ' ଭିତରର ଆତ୍ମା ପୁରୁଷ ।

ଆଖି ଆଗରେ ଘଞ୍ଚ ଅରଣ୍ୟ
ଜୀବନ ବ୍ୟାପି ହଜିଯାଇଛି ଠିକଣା
ମିଳାଇ ଯାଇଛି ମୌନତା
ସବୁ ସଂଧ୍ୟାରେ ତାରାମାନେ ଅସଜଡା
ଏ ସବୁକୁ ପଛକରି ନିଘଞ୍ଚ ଅରଣ୍ୟ ଭେଦି
ଖୋଜୁଛି ଗୋଟିଏ ଶାଶ୍ୱତ ସକାଳ ।
କେଉଁଠି ଟିକିଏ ଆଶ୍ୱାସନା, ତରୁ-ତରୁ ତରୁବନେ ।।

ଭୁବନେଶ୍ୱର
ମୋ :୯୪୩୮୧୮୪୭୯୫

■■■

# ଧୂଆଁଳିଆ

**ମଧୁସ୍ମିତା ମହାପାତ୍ର**

ଧୂଆଁ ଧୂଆଁ ଧୂଆଁଧାର
ଧୁଆଁଳିଆ ତା ଜଳ କଣିକା
ଅପୂର୍ବ ଶିହରଣ ସୃଷ୍ଟିକାରୀ
ରୋମାଞ୍ଚକର ପ୍ରକୃତି ଟା ।

କୁହୁଡିଆ ସକାଳ ଧୁଆଁଳିଆ
ଧୁଆଁଳିଆ ନିଆଁ ପିଉ ଥିବା ପରିବେଶ
ଶୀତରେ ଟଙ୍କୁରି ଯାଉଛି ଦେହ
ମନ ହୁଏ ଅମଣିଆ ।

ସକାଳ ଚାଳ ଟା ଧୁଆଁଳିଆ
ଚା କପ୍ ରୁ ଉଠେ ଧୂଆଁ
ମନଭରି ଗୀତ ଗାଏ
ଏ ମନ ଟା ଅମାନିଆ ।



ଗୋଧୂଳି ଗାଁ ଦାଣ୍ଡ ଧୁଆଁଳିଆ
ଦୂର ଶ୍ମଶାନ ରୁ ଉଠେ ଧୂଆଁ
ବୟସ ର ପରଶେ
ତା ଆଖିର ଚଷମା ଧୁଆଁଳିଆ ।

ଧୂଳି ଲଗା ଦର୍ପଣେ
ଅଶ୍ରୁ ଭରା ନୟନ ଦିଶେ ଧୁଆଁ ଧୁଆଁ
ନିର୍ବିକାର ଏ ହୃଦୟ
ଅବ୍ୟକ୍ତ ବେଦନା ଟା ବି ଧୁଆଁଳିଆ ।

■■■

**ନୀଳାଦ୍ରୀ ବିହାର, ଭୁବନେଶ୍ୱର**

ଇପତ୍ରିକା
ଦ୍ୱିତୀୟ ବର୍ଷ, ପ୍ରଥମ ସଂଖ୍ୟା, ୧ ଜୁଲାଇ ୨୦୨୩

# ସ୍ୱଭାବ

ନିକୁଞ୍ଜ କୁମାର ଘୋଷ



ମନର ସ୍ୱଭାବ ଚଞ୍ଚଳତା ଦିଶେ
ବିବେକ ଗୁଣରୁ ବେଶୀ
ନିମିଷେ ଜଣାଇ ନିଷ୍ପତ୍ତି ବାରତା
ଲହୁ ଲୁହେ ଦିଏ ଭାସି ।।


ବିବେକ ସ୍ୱଭାବ ଅଟଇ ବିଳମ୍ବ
ବୁଝି ବିଚାରିବ ଦୋଷ
ଶତ ପ୍ରତିଶତ ଉଚିତ୍ ସିଦ୍ଧାନ୍ତେ
ଦେଇଥାଏ ମୁଖେ ହସ ।।

ଯେତେବେଳେ ହୁଏ ମନ ଆଶା ବାଡି
ଦୁଃଖର ସୀମା ନରହେ
ବିବେକ ପଣରେ ଦିନ ଗଣି ନର
ମଣିଷ ପଣିଆ ବହେ ।।

ମନ, ବିବେକର ଓକିଲାତି ଆଗେ
ବୁଦ୍ଧି ହେଲେ ବିଚାରକ
ଦୁଇ ସ୍ୱଭାବକୁ ପରଖି ସରଳେ
ଜୀଇଁବ ଜୀବନଯାକ ।।

ଏ ତିନି ଗୁଣର ସ୍ୱଭାବକୁ ନେଇ
ସମନ୍ୱୟ ରକ୍ଷା କଲେ
ସେ ନର ଅବଶ୍ୟ ପୂଜିତ ହୁଅଇ
ସମୟ ଚକ୍ରର ବଳେ ।।

■■■



ମାଧବପୁର, ଜଳେଶ୍ୱର - ୭୫୬୦୩୨
ମୋ - ୮୧୪୪୮୫୧୦୪୫

# ଯାଜ୍ଞସେନୀ

କମଳିନୀ ଦେବୀ





ଯଜ୍ଞ ସମ୍ଭୁତା ଯାଜ୍ଞସେନୀ ତୁମ୍ଭେ
ଦ୍ରୁପଦ ରାଜାଙ୍କ କନ୍ୟା
ପଞ୍ଚପତି ବରି ପାଞ୍ଚାଳି ନାମରେ
ହୋଇ ଅଛ ତୁମ୍ଭେ ଧନ୍ୟା ।।

ଶ୍ରୀକୃଷ୍ଣ ଙ୍କ ପ୍ରିୟ ସଖି ତୁମେ କ୍ରିଷ୍ଣା
ସୈରେନ୍ଦ୍ରୀ ବେଶରେ ରହି
କାମୁକ କୀଚକ ତୁମ ରୂପ ଅନଳରେ
ପତଙ୍ଗ ର ସମ ଡେଇଁ ।।

ହାରିଲା ଜୀବନ ଭୀମସେନ ହସ୍ତୁ
ନପାରିଲେ ଜାଣି କେହି
ଯକ୍ଷ ପତି ତୁମ ନିଧନ କରିଛି
ଲୋକେ ହେଲେ କୁହାକୁହି ।।

ପଞ୍ଚପତି ସହ ମିଶି ଯେ ଯାତନା
ଭୋଗିଅଛ କାହିଁ କେତେ
ପଶାଖେଳେ ତୁମ୍ଭେ ରାଜା ଯୁଧିଷ୍ଠିର
ବାଜିରେ ହାରିଲେ ସତେ ।।

କୁରୁସଭା ତଳେ ବିବସନା ପାଇଁ
କେଶକୁ ଆକର୍ଷି ଟାଣି
କୁଳବଧୂ ଲଜ୍ଜା ନିଲାମ କରିଲେ
ବାହାସ୍ଫୋଟେ ମାରି ଠାଣି ।।

ସଖା ତୁମର ସେ ମୂରଲୀ ପାଣି ଗୋ
ରାଧିକା ଜୀବନ ଧନ
କୋଟି ବସ୍ତ୍ର ଦେଇ ଲଜ୍ଜା ନିବାରିଲେ
ଦେଖି ଚକିତ ସମସ୍ତ ଜନ ।।

ପ୍ରତିଜ୍ଞା ତୁମର ରହିଲା ଅଟଳ
ମୁକ୍ତ ରହିବ ମୋ କେଶ
ଦୁଃଶାସନ ରକ୍ତେ ବେଣୀ ମୋ ବାନ୍ଧିବି
ଏକଥା ତ୍ରୀବାର ସତ୍ୟ ।।

ଉପାଡିଲା ଭୂଜ ବୃକୋଦର ବୀର
ସତୀ ଙ୍କ ସତ୍ୟ ପାଳନେ
ଦୁଃଶା ର ଲହୁରେ ମୁକୁଳିତ କେଶ
ବାନ୍ଧିଲ ଅତି ଯତନେ ।।

ପଞ୍ଚପୁତ୍ର ତୁମ୍ଭ ମାରି ଅଶ୍ୱତ୍ଥାମା
ଦେଲା ଭୀରୁ ପରିଚୟ
ପୁତ୍ର ହତ୍ୟା ଦୋଷ କ୍ଷମା କରିଦେଲ
ତୁମ୍ଭେ ଉଦାର ହୃଦୟ ।।

ପଞ୍ଚସତୀ ମଧ୍ୟେ ତୁମ୍ଭେ ଅଟ ଜଣେ
ମହୀୟସୀ ଯଶସ୍ୱିନୀ
ମହାଭାରତ ର ନାୟିକା ତୁମେ ଗୋ
ପାଣ୍ଡବମାନଙ୍କ ରାଣୀ ।।

■■■

ବଦ୍ରୀପ୍ରସାଦ ଆପାର୍ଟମେଣ୍ଟ୍
ବରଗଡ଼

# ଦେହିପଦ ପଲ୍ଲଭ ମୁଦାରଂ

ଶ୍ରୀମତୀ ଗୋପା ଦାସ



ପ୍ରାଚୀନଦୀତଟେ କେନ୍ଦୁବିଲ୍ୱ ଗ୍ରାମେ କବିଜୟଦେବ ଜନ୍ମ,
ଓଡ଼ିଆମାଟିର ଗର୍ବ ଓ ଗୌରବ ତୁମେ ହିନ୍ଦୁଧର୍ମ ମାନସମ୍ମାନ ।

ଗୁରୁକୁଳଗ୍ରାମ କେନ୍ଦୁବିଲ୍ୱ ଛୁଆଗୋସେଇଁହେ ଧନ୍ୟ ହେଲା ତୁମ ଗାଁ,
ସ୍ୱର୍ଣ୍ଣାକ୍ଷରେ ଲିପିବଦ୍ଧ ଶ୍ରୀଜୟଦେବ ତୁମ ଜନ୍ମମାଟି ନାଁ ।

ପିତା ଭୋଜଦେବ ମାତା ରମାବତୀ କେନ୍ଦୁଲିଶାସନ ଧନ୍ୟ,
ଜନ୍ମନେଇ ତୁମେ ଧନ୍ୟକରିଦେଲ ଉତ୍କଳ ର ଭୂମି ପୁଣ୍ୟ ।



ପଦ୍ମାବତୀ ତୁମେ ନାରୀନାମ ନେଇ ସତୀଶିରୋମଣି ଲେଖା,
କେଉଁ ଜନ୍ମତପ ଫଳ ତ ଲଭିଲ ହସ୍ତେ ଧରି ଜୟଦେବ ରଖା ।

ଶ୍ରୀରାଧା ଶ୍ରୀକୃଷ୍ଣ ଗୋପିସହ ମିଳି ବୃନ୍ଦାବନେ ରାସ ରଚିଲ,
ସେଇରାସ ରସେ ଶ୍ରୀଗୀତଗୋବିନ୍ଦ ବଡସିଂହାର ରେ ଗାଇଲ ।

ବଡସିଂହାର ତ ସର୍ବଶ୍ରେଷ୍ଠ ସେବା ଦଶଅବତାର ସ୍ତୋତ୍ର,
ରାଗତାଳ ଲୟ ଓଡିଶୀ ସଂଗୀତ ନୃତ୍ୟ ର ସେଇ ସ୍ରୋତ ।

ଧନ୍ୟବୁଣାକାର ଧନ୍ୟତୁମେ ଶ୍ରୀଗୀତଗୋବିନ୍ଦ ଖଣ୍ଡୁଆ,
ଶ୍ରୀଅଙ୍ଗେ ଲାଗିଲେ ମହାପ୍ରଭୁ ଶୁଣ ଶ୍ରୀଗୀତଗୋବିନ୍ଦ ଗାଥା ।

ଅକ୍ଷୟତୃତୀୟା ଜୟଦେବଜୟନ୍ତୀ ଚନ୍ଦନଲାଗିରେ ପ୍ରଭୁ,
ଘରେଘରେ ପୂଜା ରୀତିନିତି ସର୍ବଶୁଭ ଲେଖସବୁ ।

ଶେଷବେଶ ତୁମ ନୀତିକାନ୍ତିରେ ଶୁଭ୍ରବାସ୍ନାଫୁଲେ ସଜ ତାମ୍ବୁଳ ସେବା,
ଶ୍ରୀବଡସିଂହାର ଶ୍ରୀଗୀତଗୋବିନ୍ଦ ମହାରୀ ଦେବଦାସୀ ନୃତ୍ୟସଂଗୀତ ଖଞ୍ଜା ।

ଅଧାଲେଖା ପଦ୍ୟ ପୂର୍ଣ୍ଣ କଲ ସ୍ୱୟଂ ପ୍ରଭୁନିଜେ,
"ଦେହି ପଦ ପଲ୍ଲଭ ମୁଦାରଂ "ଏଇ ସ୍ତୋତ୍ର ଖୋଜି ଖୋଜେ ।

ଛୁଆଗୋସେଇଁ ହେ ତୁମ ଭକ୍ତିସଂଗୀତ ସମର୍ପିତ ସୁମଧୁର,
'ଶ୍ରିତକମଳ'ମହାପ୍ରଭୁ ପ୍ରିୟ ତୁରନ୍ତ ପଂହଁଜି ଶୁଣ ନିଶ୍ଚୟ ମୋର ।

■■■

କଟକ

# ମୁଁ ଯଦି ତମ ସ୍ତ୍ରୀ ହୋଇଥାଆନ୍ତି

ମଣିରାଜ ମହାରଣା

ମୁଁ ଯଦି ତୁମ ସ୍ତ୍ରୀ ହୋଇଥାନ୍ତି
ସୁଖରେ ଥାନ୍ତି ଆଜି
ଘର କରଣା କୁ ସଜାଡି ସୁଜୁଡ଼ି
ମାଛ ଖାଉଥାନ୍ତି ଭାଜି ।

ବଜାର ସଉଦା ତୁମେ କରିଥାନ୍ତ
ଘରେ ଶୋଇଥାନ୍ତି ଆଜି
ଝାଳ ନାଳ ହୋଇ ତୁମେ ଖଟୁଥାନ୍ତ
ବସିଥାନ୍ତି ରାଣୀ ସାଜି ।

ମାସକ ଦରମା ମୋ ହାତେ ଦିଅନ୍ତ
ଭାଗ କରିଥାନ୍ତି ମୁଁହି
ସିଂହ ଭାଗ ମୋର ଆପଣାର କରି
ବାଜି ମାରି ଥାନ୍ତି ମୁଁହି ।



ବାହାର ବେପାର ତୁମେ ବୁଝିଥାନ୍ତ
ଜୀବପ୍ରାଣ ତୁମ ଦେଇ
ଟିଭି ଦେଖି କରି କାଳ କାଟୁଥାନ୍ତି
ଚାକର ବାକର ନେଇ ।

ଚାହିଁ ରହିଗଲି ଜଳକା ହୋଇ ମୁଁ
ତମେ ମାରିନେଲ ବାଜି
ଭଗବାନ ମୋତେ ସହିଥିଲେ ଟିକେ
ତୁମ ସ୍ତ୍ରୀ ହୋଇଥାନ୍ତି ଆଜି ।

■■■

ନୟା ବଜାର, କଟକ

# ଗାଳିର ଆଦର

**ଶମ୍ଭୁନାଥ ରାଉଳ**



ଗାଳି ଏକ ଚିରାଚରିତ ଅନାକାଂକ୍ଷିତ
ପରିପ୍ରକାଶ ମଣିଷ ମୁଖରେ
ଜଣା ନାହିଁ କେଉଁଠୁ ତା'ର ଉତ୍ପତ୍ତି
ପୌରାଣିକ, ଐତିହାସିକ, ଆଧୁନିକ ସବୁ ଯୁଗରେ
ସବୁ ସମୟରେ ଯେମିତି ଗାଳି ବିନା ସମ୍ଭବ ନୁହେଁ
ମଣିଷ ଜୀବନ, ସମାଜ ଗଠନ ।
ଏବେ ଗାଳିର ଉପଯୋଗ
ଏକ ଅମୋଘ ଅସ୍ତ୍ର
ସମାଜର ପ୍ରତ୍ୟେକ କ୍ଷେତ୍ରରେ
ଗାଁ ମାଟିର ଧୂଳି ଖେଳରୁ
ଆରମ୍ଭ ହୁଏ ତା'ର ପ୍ରଥମ ସୋପାନ ।
ଅଜ୍ଞାନ ବାଳୁତର ମୁଖରୁ ଅବୋଧ୍ୟ ଅଶବ୍ଦ
ପକ୍ଷ ମେଲି ବିସ୍ତାରିତ
ସମାଜର କୋଣେ ଅନୁକୋଣେ
ସାହାରା ନିଅନ୍ତି ଗାଳିର ଛତ୍ର ଛାୟାତଳେ
କୌଣସି ନିୟମ ନିବୃତ୍ତ କରି ପାରେନା
ଗାଳିର କର୍ଣ୍ଣଧାର ମାନଙ୍କୁ
'ଯେସାକୁ ତେସା ନୀତି'
ମନେହୁଏ ଅତି ଆପଣାର ।
ସମ୍ବିଧାନ ରହିଯାଏ ଅନେକ ପଛରେ
ଜ୍ଞାନର ବର୍ତ୍ତିକା ମ୍ଳାନ ଦିଶେ ଆସ୍ତେ ଆସ୍ତେ
କେତେ ହୃଦୟ ଫାଟି ପଡେ
କେତେ ଘର ଭାଙ୍ଗି ପଡେ
କେତେ ସମାଜର ଅଧୋଗତି
ହିସାବ ନାହିଁ ।
ଗାଳିର ମହିମାରେ ସ୍ନାନରତ
ପୃଷ୍ଠ ପୋଷକମାନେ
ନିରୀକ୍ଷଣ କର, ବିଶ୍ଳେଷଣ କର
କେତେ ଭୁଲ କେତେ ଠିକ୍
ଗାଳିର ଆଦର ।



■■■

ଇନ୍ଦିରା ହାଉସିଂ କଲୋନି
ମୃତ୍ୟୁଜଂୟ ବିହାର,ଶିଶୁପାଳଗଡ
ଭୁବନେଶ୍ୱର -୦୨
ମୋ - ୯୩୩୮୦୧୧୧୮୩

ପତ୍ରିକା
ଦ୍ୱିତୀୟ ବର୍ଷ, ପ୍ରଥମ ସଂଖ୍ୟା, ୧ ଜୁଲାଇ ୨୦୨୩

# ସୃଷ୍ଟି

ଡ. ମନୋରଞ୍ଜନ ବିଷୋୟୀ



କେହି କହେ ବିସ୍ମୟ ବିସ୍ମୟ
କେହି ଦେଖେ ସୃଷ୍ଟିର ଆନନ୍ଦ
ଆଉ କେହି ସେହିଠାରେ ପାଏ
ଯନ୍ତ୍ରଣାର ଘନଘୋର ନାଦ ।
ଏ ସୃଷ୍ଟିରେ ବାଞ୍ଛିତ ଆସନ
କେହି କେବେ ପାରିନାହିଁ ଦେଇ
ସୃଷ୍ଟି ପରେ
ଆପଣାକୁ ବୋଲାଇ ସେ ପାରେ
ସୃଷ୍ଟିଠାରୁ ବଡ଼ ଆଉ
ସ୍ରଷ୍ଟା ଠାରୁ ବଡ଼ ।
ସେ ଅଟଇ ପ୍ରକୃତିର ଯଜ୍ଞ
ସେଠାରେ ଭାବୁକ ପାଏ ଜୀବନ ଦର୍ଶନ
କବିର ସେ ନନ୍ଦନକାନନ ଏବଂ
ଛୋଟ ଛୋଟ କୂଆଁ କୂଆଁ ଡାକ
ସେଇଠାରେ ସୃଷ୍ଟିର ମହତ୍ତ୍ୱ ।
ପ୍ରେମ ଆଉ ପ୍ରେମିକାର ମିଳନର ବେଦି
ରତ୍ନ ପରି କଠିନ ବି
ଅମୂଲ୍ୟ ବି ହୋଇପାରେ ଏତେ
ସେଠାରେ ଦାନବ ରଚେ ପୈଶାଚିକ ଲୀଳା
ଦେହର ବାସନା
କାମନାର ଇନ୍ଦ୍ରଧନୁ ରଙ୍ଗ
ଯୌବନର ରୁଦ୍ଧ କାରାଗାରେ
ଆଉ ସ୍ମୃତିର ସାଗର ।



■■■

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର
ମୋ:୮୮୯୫୧୪୧୭୨୭

# ଲେଖୁଛି ଚିଠି

ସ୍ନିଗ୍ଧା ଜି. ମହାପାତ୍ର



ଚିଠି ମୁଁ ଲେଖୁଛି ଲୁହର ନୀରରେ
ସଭିଙ୍କ ଦୁଃଖରେ ଲେଖା
ଏତିକି ବିନତି ତୋ ଠାରେ କାଳିଆ
ନ କରିବୁ ଅଣଦେଖା ।
ବୁଝି ମୁଁ ପାରୁନି ଭଲ ଲୋକଟିଏ
କାହିଁକି ପାଏ କଷଣ
ପୂରୁବ ଜନମ କିଏ ଦେଖି ଅଛି
ଅବୁଝା ହୁଏ ମୋ ମନ ।
ପିତା ମାତା କୋଳୁ ସନ୍ତାନକୁ ନେଲେ
ରକତ ଯାଏ ତା ଶୁଖି
ବଞ୍ଚି ଥାଉ ଥାଉ ମରିଯାନ୍ତି ସିଏ
ନିଶ୍ୱାସଟି ଥାଏ ବାକି ।
ବାଳୁତଟିଏ ବା କି ଦୋଷ କରିଛି
ହରାଉଛି ପିତା ମାତା
ସଂସାରରେ ସିଏ କେମିତି ବଞ୍ଚିବ
ତୁ ଅଟୁ 'ପା ନ୍ୟାୟ ଦାତା ।
ଅକାଳରେ ଯେବେ ଝରି ପଡେ କିଏ
କଲବଲ ହୁଏ ପ୍ରାଣ
ସମସ୍ତଙ୍କ ଦୁଃଖ ଲାଘବ କରିତୁ
ରଖିବୁ ଚିଠିର ମାନ ।
ଦୁଃଖହାରି ତୁମେ ଜଗତର ନାଥ
ଭକତଙ୍କର ବାନ୍ଧବ
ତୁମେ ଥାଉଁ ଥାଉଁ କାହାକୁ କହିବି
କାହାର କେତେ ଅଭାବ ।



■■■

ବାରିପଦା

# ମୁଁ ଶ୍ରୀକ୍ଷେତ୍ର ଯିବି

**ପୁଷ୍ପଲତା ମିଶ୍ର**



ଶ୍ରୀ ଜଗନ୍ନାଥଙ୍କ ଦରଶନ ପାଇଁ
ଶ୍ରୀକ୍ଷେତ୍ର ଯିବି, ଶ୍ରୀକ୍ଷେତ୍ର ଯିବି
ଦେଖିବି ମୁଁ ତୋର ଶ୍ରୀ କଳା ବଦନ
ରଥ ଦାଣ୍ଡେ ଗଡି ଯିବି,
ଆରେ ମୁଁ ଶ୍ରୀକ୍ଷେତ୍ର ଯିବି ।




ପିପିଲି ଚାନ୍ଦୁଆ କିଣି ନେବି ପ୍ରଭୁ
ଆଲଟ ଚାମ୍ବର ପାଇଁ
ଚନ୍ଦନ ପୁର ରୁ ମନ ମୋ ଉଛନ୍ନ
ତୋର ଦରଶନ ପାଇଁ,
ଆରେ ମୁଁ ଶ୍ରୀକ୍ଷେତ୍ର ଯିବି ।

ବାଟ ମଙ୍ଗଳା ଙ୍କୁ ଆରାଧନା କରି
ଅଠର ନଳା କୁ ଯିବି
ବଡ଼ ଦାଣ୍ଡ ଧୂଳି ମୋ ମୁଣ୍ଡ ରେ ବୋଳି
ନୀଳ ଚକ୍ର କୁ ଦେଖିବି,
ଆରେ ମୁଁ ଶ୍ରୀକ୍ଷେତ୍ର ଯିବି ।

ଅରୁଣ ସ୍ତମ୍ଭ ରେ ମୁଣ୍ଡିଆ ମାରିଣ
ବାଇଶି ପାହାଚେ ଯିବି
ଶିରୀ ମନ୍ଦିର ରେ ଶ୍ରୀ ଜଗନ୍ନାଥ ଙ୍କୁ
ଦରଶନ ମୁଁ କରିବି,
ଆରେ ମୁଁ ଶ୍ରୀକ୍ଷେତ୍ର ଯିବି ।

ପାରି କରି ଦେବୁ ଏ ଦୀନ ଦୁଃଖୀ କୁ
ଆରେ ମୋ କଳା ନାଉରୀ
ଶରଣ ଭିକ୍ଷାର୍ଥୀଦୀନ ପୁଷ୍ପଲତା
ତୋହରି ନାମକୁ ଧରି,
ଆରେ ମୁଁ ଶ୍ରୀକ୍ଷେତ୍ର ଯିବି ।

■■■

ଭୁବନେଶ୍ୱର
ମୋ: ୯୩୩୮ ୨ ୯୪୬୫୭

# ତୁମେ ମୋ ପ୍ରିୟା

ଗଗନ ବିହାରୀ ନାୟକ



ଟିକି ଚଢେଇ ମୁଁ ଟିକି ଚଢେଇ
ଫୁଲରୁ ଫୁଲକୁ ଉଠି ବୁଲୁଥାଏ
ପଚାରେ ଫୁଲଙ୍କୁ -ଆଗୋ ଫୁଲେଇ
ଏତେ ରଙ୍ଗ ଧରି ଦେହରେ ତୁମର
ଗରବେ କିପାଇଁ ନହୁଅ ମଣ୍ଡେଇ ।

ରଙ୍ଗ ବିହୀନ ଜୀବନ ଲାଗଇ
ଶୁଷ୍କ ମରୁଝର ଛାତି
ଚିର ସବୁଜର ରଙ୍ଗରେ ରଙ୍ଗରେ
ସମୟ ମୋ' ଯାଉ ବିତି
ମଣିଷ ଛାତିରେ ଅସୁମାରୀ ରଙ୍ଗ
ତହିଁ ରୁ ଗୋଟିଏ ପ୍ରୀତି
ତେଣୁ ସେ ଆପଣା ସନ୍ଧାନୀ ମନେ
ଲେଖେ ବସି ମିଠା ଗୀତି ।



ରଙ୍ଗ ଅଛି ବୋଲି ସପନେ ମୋହର
ଘୃଣା କରେ କ୍ରୁର ପଣ
ଶତ୍ରୁତା କରଇ ଚିର ତିରସ୍କାର
ଫଗୁ ଖେଳି ବାକୁ ମନ।

■■■

ନୀଳାଦ୍ରୀ ବିହାର, ଭୁବନେଶ୍ୱର
ମୋ- ୭୨୦୫୨୯୩୮୫୭

# ଆଷାଢ଼ର ପୂଣ୍ୟ

ଅନସୂୟା ବାରିକ



କହ ଲୋ ଆଷାଢ଼ କହ
କରି ଥିଲୁ କି ପୂଣ୍ୟ
କଳାମଣି ସ୍ୱର୍ଶ ପାଇ
ଧରାରେ ହେଉ ଧନ୍ୟ ।

ବାରମାସ ଛ  ଋତୁ ବିରାଜନ୍ତି ଧରାରେ
ଆଷାଢ଼ ଲୋ କି ତପସ୍ୟା
କଲୁ କେଉଁ ପ୍ରକାରେ
ତୁଯେବେ ଥାଉ ଧରାରେ
କାଳିଆ ଘରୁ ବାହାରେ
ରଚିବାକୁ ଦିବ୍ୟ ଯାତ୍ରା
ମୋହି ଭକ୍ତ ପରାଣ ।



ବରଷି ଅମୃତ ବିନ୍ଦୁ ଧରା ଦେଉ ଭିଜେଇ
ଭକ୍ତ ଭଗବାନ ମନ ଭାବେ ଦେଉ ମଜ୍ଜେଇ
ତାପିତ ଥାଏ ଧରଣୀ
ଆଷାଢ଼ ଝରାଉ ପାଣି
ପୂର୍ଣ୍ଣ ହୁଏ ଘୋଷଯାତ୍ରା
ପୃଥ୍ୱୀ ହୁଏ ପାବନ ।

ଆସିଛି ଆଜିସେ ଯାତ୍ରା ମଧୁମୟ ସମୟ
ଭକତି ବରଷା ସାଥେ
ବହେ ମୃଦୁ ମଳୟ
କଳାଦିଅଁ ଭକ୍ତି ପ୍ରୀତି
ହୃଦୟେ ଶୀତଳ ତୃପ୍ତି
ଜଗନ୍ନାଥ ମୟ ହୁଏ ତନୁ ମନ ଜୀବନ
ଆଷାଢ଼ ଲୋ ତୁଧନ୍ୟ ।

ବି.ଡି.ଏ. କଲୋନୀ, ଚନ୍ଦ୍ରଶେଖରପୁର
ଭୁବନେଶ୍ୱର

# ଅସାଧ ସାଧନା

ନିରଞ୍ଜନ ସାହୁ



ଅନେକ ଦିନର ବ୍ୟବଧାନ ପରେ
କଲମ ଧରିଛି ହାତ
କାଗଜଟା ମୋତେ ଖତେଇ ହୋଇକି
ମାରୁଛି ପଛୁଆ ନାତ ।

କଲମର ଟିକେ ଇଚ୍ଛା ନାହିଁ ଜମା
ଆଗକୁ ଚାଲିବା ପାଇଁ
କାଗଜ ଭାବୁଛି କାହିଁକି ବେକାର
ମୁଣ୍ଡ କରୁ ଝାଇଁଝାଇଁ
ତୋ ସାଥେ ଆମର ଭାବ ନାହିଁ ଜମା
ଯା ' ଦେଖିବୁ ବୁଲି ଯାତ ।

ଦିନ ଥିଲା ଦିନେ କାଗଜ କଲମ
ସାଜିଥିଲେ ମନ ମିତ
କାଗଜ କଲମ ସଂଯୋଗ ହୋଇକି
ଉତୁରିଥିଲାଟି ଗୀତ
ଦୀର୍ଘଦିନ ହେଲା ସମ୍ପର୍କ ବିଚ୍ଛିନ୍ନ
ଆଜି ହୁଏ ଅଶ୍ରୁପାତ ।

ଶତଚେଷ୍ଟା ସତ୍ତ୍ୱେ କାଗଜ ଉପରେ
କଲମ ନ ଟାଣେ ଗାର
ମନଟା ସର୍ବଦା ଅସ୍ଥିର ରହୁଛି
ସାଧନାଟା ନାରଖାର
ବାଣୀଙ୍କ କରୁଣା ହୋଇଲାଣି ଊଣା
କୃପା କରୁନାହିଁ ମାତ ।



■■■

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ-୧୬
ମୋ-୯୯୩୮୭୪୧୫୮

# "ଇ ପତ୍ରିକା" ର ଜୁନ୍ ସଂଖ୍ୟା ଉନ୍ମୋଚନ ଏବଂ କବିତା ପାଠୋତ୍ସବ ସମୟର କିଛି ସ୍ମୃତି

## ୦୧.୦୬.୨୦୨୩ (ବୁଧବାର)



















# ପତ୍ରିକା

ଦ୍ୱିତୀୟ ବର୍ଷ, ପ୍ରଥମ ସଂଖ୍ୟା, ୧ ଜୁଲାଇ ୨୦୨୩

https://epatrika.cspursahityasansad.com/


Publisher :

**Newtra Creations**

Bhubaneswar



ମୁଖ୍ୟ ସଂପାଦକ: ବସନ୍ତ ମାଝି || ସଂପାଦକ: ସରୋଜ କୁମାର ଶତପଥୀ

Contact : 7/13, Type ‘B’ (Revised), Unit-9, Bhubaneswar - 751022

Mob : 9438621925 / 9937128547

Website: www.newtracreations.com / www.cspursahityasansad.com

Email : cspursahityasansad@gmail.com